ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.78 Bhubaneswar Saturday April 29 2023 | ୨୬ତମ ବର୍ଷ ସଂଖ୍ୟା-୭୮ ଭୁବନେଶ୍ୱର, ଶନିବାର, ଅପ୍ରେଲ ୨୯, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

## ଦୁଷ୍କର୍ମ ମାମଲାରେ ନୂଆମୋଡ: ପୀଡିତା ସଂଯୁକ୍ତା ମହଲଙ୍କୁ ନିଜ ବିଭାଗରେ ଥଇଥାନ କଲେ ଶ୍ରମମନ୍ତ୍ରୀ

ଭୁବନେଶ୍ୱର, ୨୮।୪(ପି.ଏନ): ରାଜ୍ୟ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ବିରୁଦ୍ଧରେ ଦୁଷ୍କର୍ମ ଅଭିଯୋଗ ଆଣିଥିବା ବିଜେଡି ନେତ୍ରୀ ସଂଯୁକ୍ତା ମହଲଙ୍କୁ ରାଜ୍ୟ ସରକାର ଆଜି ଶ୍ରମ ବିଭାଗରେ ଥଇଥାନ କରିଛନ୍ତି । ଶ୍ରମ ବିଭାଗରେ ଶ୍ରୀମତୀ ମହଲଙ୍କୁ ଥଇଥାନ ପରେ ସେ ଶ୍ରମମନ୍ତ୍ରୀଙ୍କ ବିରୁଦ୍ଧରେ ଆଣିଥିବା ଦୁଷ୍କର୍ମ ଅଭିଯୋଗ ମାମଲା ନୂଆମୋଡ ନେଇଥିବା ଚର୍ଚ୍ଚା ।ମିଳିଥିବା ସୂଚନା ଅନୁସାରେ, ଶ୍ରମ ମନ୍ତ୍ରୀ ଶ୍ରୀ ସାହୁଙ୍କ ବିଭାଗ ଅଧୀନରେ ଥିବା ରାଜ୍ୟ କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡର ସଦସ୍ୟ ଭାବେ ସଂଯୁକ୍ତା ମହଲଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି । ହିନ୍ଦ ମଜୁଦର ସଭାର ସଦସ୍ୟ ଭାବେ ଶ୍ରୀମତୀ ମହଲ ଏହି



ବୋର୍ଡରେ ସ୍ଥାନ ପାଇଛନ୍ତି । ଆଜି ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଥିବା ଜଣାପଡିବା ପରେ ଶ୍ରମମନ୍ତ୍ରୀ ଶ୍ରୀ ସାହୁଙ୍କ ବିରୁଦ୍ଧରେ ଶ୍ରୀମତୀ ମହଲ ଆଣିଥିବା ଦୁଷ୍କର୍ମ ଅଭିଯୋଗରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ପଡିଥିବା ଜଣାପଡିଛି ।

## ୧୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ଦୁଇ ଗିରଫ

ଜୟପୁର, ୨୮।୪(ପି.ଏନ): ଗଞ୍ଜେଇ ବୋଝେଇ କାର ଜବତ କରାଯିବା ସହ ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି । ଲମତାପୁଟ ନିକଟ କନାଗାଁ ଛକରେ ଗଞ୍ଜେଇ ବୋଝେଇ କାର ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ମାଛକୁଣ୍ଡ ପୋଲିସ । ୯୬ କେଜି ୮ ଗ୍ରାମ ଗଞ୍ଜେଇ ସହ କାରକୁ ଜବତ କରିଛି ପୋଲିସ । ଜବତ ଗଞ୍ଜେଇ ପ୍ରାୟ ୧୦ ଲକ୍ଷ ଟଙ୍କାର ହେବ ବୋଲି ପୋଲିସ ସୂଚନା ଦେଇଛି ।ଏହି ଗଞ୍ଜେଇ ଗୋଡିହଞ୍ଜାର ଗ୍ରାମ ନିକଟରୁ ନେଇ ଜୟପୁର କୋଟା ଛକ ନିକଟକୁ ଗଞ୍ଜେଇ ବିକ୍ରି କରିଥାନ୍ତେ । ସେଠାରୁ ବାହାର ରାଜ୍ୟକୁ ଚୋରା ଚାଲାଣ ହୋଇଥିବା ସ୍ୱୀକାର କରିଥିଲେ ଦୁଇ ଅଭିଯୁକ୍ତ । ଗିରଫ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ସ୍ଥାନୀୟ ଚାଙ୍ଗୁଡ଼ିପଡା ଗ୍ରାମର ବଂଶୀଧର ବାଘ ହୋଇଥିବା ବେଳେ ଅନ୍ୟ ଜଣେ କାକିରିଗୁମ୍ମା ଗ୍ରାମ ରାମେଶ୍ୱର ଖରା ବୋଲି ଜଣାପଡିଛି ।

## ଗୋଳାବାରୁଦ କାରଖାନାରେ ବିସ୍ଫୋରଣ : ଦୁଇ କର୍ମଚାରୀ ଗୁରୁତର

ବଲାଙ୍ଗିର, ୨୮।୪(ପି.ଏନ): ବଲାଙ୍ଗିର ଜିଲ୍ଲା ସଇଁତଲା ଥାନା ଅନ୍ତର୍ଗତ ବଡ଼ମାଳ ଗୋଳାବାରୁଦ କାରଖାନାରେ ଆଜି ସକାଳେ ବିସ୍ଫୋରଣ ହୋଇଥିବା ଜଣାପଡିଛି ।

## ସାଧୁଙ୍କୁ ପିଟିପିଟି ହତ୍ୟା ଘଟଣା: ତଦନ୍ତ କରିବ ସିବିଆଇ

ନୂଆଦିଲ୍ଲୀ, ୨୮।୪(ପି.ଏନ): ମହାରାଷ୍ଟ୍ରର ପାଲଘରରେ ୨ ଜଣ ସାଧୁଙ୍କୁ ପିଟିପିଟି ହତ୍ୟା କରିବା ଘଟଣାର ତଦନ୍ତ ସିବିଆଇ କରିବ। ତଦନ୍ତ ସଂକ୍ରାନ୍ତ ସମସ୍ତ ଫାଇଲ ମହାରାଷ୍ଟ୍ର ପୁଲିସ୍ ସିବିଆଇକୁ ହସ୍ତାନ୍ତର କରିବ ବୋଲି ଆଜି ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି। ୨୦୨୦ ଏପ୍ରିଲ ମାସରେ ପାଲଘରର ଗଡଚ଼ିନଞ୍ଚଲ ଠାରେ ଦୁଇ ଜଣ ସାଧୁ ଓ ସେମାନଙ୍କ କାର୍‌ର ଡ୍ରାଇଭରଙ୍କୁ କିଛି ଲୋକ ପିଟିପିଟି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିଲେ ।ଏହି ସମୟରେ ମହା ବିକାଶ



ଅଘାଡି ସରକାର ମହାରାଷ୍ଟ୍ରରେ କ୍ଷମତାରେ ଥିଲା । ଏହି ଘଟଣାକୁ ନେଇ ପୂରା ଦେଶରେ ହଇଚ଼ଇ ସୃଷ୍ଟି ହେବା ସହ ସିବିଆଇ ତଦନ୍ତ ପାଇଁ ଦାବି କରାଯାଇଥିଲା। ଏବେ ଶେଷରେ ମହାରାଷ୍ଟ୍ର ସରକାର ସିବିଆଇ ଘଟଣାର ତଦନ୍ତ କରିବ ବୋଲି କହିଛନ୍ତି।

## ଓଡିଶାରେ 'ବାବୁମାନେ' ମୁଖ୍ୟମନ୍ତ୍ରୀଙ୍କ ସ୍ଥାନ ବି ନେଇସାରିଲେଣି: କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୨୮।୪(ପି.ଏନ): ଓଡିଶାରେ ବାବୁମାନଙ୍କ ଶାସନ ଚ଼ାଲିଛି। ମୁଖ୍ୟମନ୍ତ୍ରୀଙ୍କ ସ୍ଥାନ ବି ବାବୁମାନେ ନେଇସାରିଲେଣି । ବାବୁମାନଙ୍କ ପାଇଁ ପ୍ରଭାବଶାଳୀ ମନ୍ତ୍ରୀମାନେ ବି ଛତା ଧରି ବୁଲୁଥିବା ଦେଖିବାକୁ ମିଳିଲାଣି ବୋଲି ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟକୁ ଆଧାର କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଧର୍ମେନ୍ଦ୍ର ପ୍ରଧାନ କଟାକ୍ଷ କରିଛନ୍ତି। ଆଜି ଗଣମାଧ୍ୟମକୁ ସମ୍ବଲପୁରରେ ହନୁମାନ ଜୟନ୍ତୀ ପାଳନବେଳେ ହିଂସା ଘଟଣାରେ ସ୍ଥାନୀୟ ପ୍ରଶାସନକୁ ଦାୟୀ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ରାଜ୍ୟ ସରକାର



ଓ ପ୍ରଶାସନର ଅପାରଗତାରୁ ସମ୍ବଲପୁରରେ ଏଭଳି ଅଭାବନୀୟ ପରିସ୍ଥିତି ହନୁମାନ ଜୟନ୍ତୀବେଳେ ସମ୍ଭବପର ହେଲା । ଏପ୍ରିଲ ୧୪ତାରିଖରେ ଜଣେ ଆଦିବାସୀ ପିଲାକୁ ହତ୍ୟା କରାଗଲା।

## ଓଡିଆ ପୁଅ ସିଦ୍ଧାର୍ଥ ମହାନ୍ତି ହେଲେ ଏଲଆଇସିର ଅଧ୍ୟକ୍ଷ



ଭୁବନେଶ୍ୱର, ୨୮।୪(ପି.ଏନ): କେନ୍ଦ୍ର ସରକାର ଆଉ ଜଣେ ଓଡିଆଙ୍କୁ ବଡ ପଦବୀରେ ନିଯୁକ୍ତି ଦେଇଛନ୍ତି। ଦେଶର ସବୁଠାରୁ ବଡ ରାଷ୍ଟ୍ରାୟାତ୍ତ ବୀମା କମ୍ପାନୀ ଏଲଆଇସିର ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି ସିଦ୍ଧାର୍ଥ ମହାନ୍ତି। ସେ ଏବେ ଏଲଆଇସିର ଅନ୍ତରୀଣ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। କିନ୍ତୁ ଆଜି ତାଙ୍କୁ କେନ୍ଦ୍ର ସରକାର ସ୍ଥାୟୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି।ସେ ୨୦୨୪ ଜୁନ ମାସ ଯାଏ ଏହି ପଦବୀରେ ରହିବେ। ୨୦୨୪ ଜୁନରେ ସେ ଅଧ୍ୟକ୍ଷ ପଦ ଛାଡିବା ପରେ ଏଲଆଇସିର ଏମଡି ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ୨୦୨୫ ଜୁନ୍ ମାସ ଯାଏ କାର୍ଯ୍ୟ କରିବେ। ୨୦୨୩ ମାର୍ଚ୍ଚ ୧୪ରୁ ସେ ଏଲଆଇସିର ଅନ୍ତରୀଣ ଅଧ ଭାବେ କାମ କରୁଥିଲେ।

## ଦେଶରେ ୯୧ଟି ୧୦୦ଡବ୍ଲ୍ୟୁ କ୍ଷମତା ବିଶିଷ୍ଟ ଟ୍ରାନ୍ସମିଟର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୮।୪(ପି.ଏନ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଏକ ଭିଡିଓ କନ୍‌ଫରେନ୍ସିଂ ବ୍ୟବସ୍ଥାରେ ୯୧ଟି ନୂଆ ଏଫ୍‌ଏମ୍ ରେଡିଓ ଟ୍ରାନ୍ସମିଟର ଉଦ୍‌ଘାଟନ କରିଛନ୍ତି । ଏହି ଟ୍ରାନ୍ସମିଟରର କ୍ଷମତା ପ୍ରତ୍ୟେକ ୧୦୦ଡବ୍ଲ୍ୟୁ । ଏହା ଫଳରେ ରେଡିଓ ସଂଯୋଗ ବୃଦ୍ଧି ପାଇବ ଓ ଶ୍ରୋତା ଉପକୃତ ହେବେ ।ଏହି ଅବସରରେ ଉଦ୍‌ବୋଧନ ଦେବା ପୂର୍ବରୁ ପ୍ରଧାନମନ୍ତ୍ରୀ ସଭାରେ ଉପସ୍ଥିତ ଥିବା ଅନେକ ପଦ୍ମ ପୁରସ୍କାର ବିଜେତାଙ୍କୁ ସ୍ୱାଗତ ଜଣାଇଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜିର ଦିବସଟି ଆକାଶବାଣୀର ଏଫ୍‌ଏମ୍ ସେବା ପ୍ରସାରଣ କ୍ଷେତ୍ରରେ ବିଶେଷ ଗୁରୁତ୍ୱପୂର୍ଣ୍ଣ । ଏହା ଯଥାର୍ଥରେ ସର୍ବଭାରତୀୟ ବା ଅଲ ଇଣ୍ଡିଆ ଏଫଏମ୍ ସେବା ହେବାକୁ ଯାଇଛି । ଆଜି ଉଦ୍‌ଘାଟିତ ହୋଇଥିବା ୯୧ଟି ଏଫ୍‌ଏମ୍ ଟ୍ରାନ୍ସମିଟର ଦେଶର ୮୫ଜିଲ୍ଲାର ଦୁଇକୋଟି ଜନତାଙ୍କ ପାଇଁ ଏକ ଉପହାର ସଦୃଶ । ଏହା ଭାରତର ବିବିଧତା ଓ ବର୍ଣ୍ଣାଳୀର ସ୍ୱର୍ଶ ପ୍ରଦାନ କରୁଛି। ସେ ଆହୁରି କହିଥିଲେ ଯେ ଏହି ୯୧ଟି ଏଫ୍‌ଏମ୍ ଟ୍ରାନ୍ସମିଟର ଦେଶର ଆକାଂକ୍ଷୀ ଜିଲ୍ଲା ଓ ବ୍ଲକମାନଙ୍କୁ ଏଫ୍‌ଏମ୍ ରେଡିଓ ସେବା ଯୋଗାଇବ । ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ରେଡିଓ ସହିତ ବର୍ତ୍ତମାନ ପିଢିର ଆବେଗାତ୍ମକ ସଂଯୋଗ ସମ୍ପର୍କରେ କହିଥିଲେ । ସେ କହିଥିଲେ, "ମୋ ପାଇଁ ଏହା ଏକ ଅତିରିକ୍ତ ଆନନ୍ଦ ଆଣିଛି ଏବଂ ସେଇଟି ହେଲା ଜଣେ ହୋଷ୍ଟ(ଉପସ୍ଥାପକ)ଭାବେ ରେଡିଓ ସହିତ ମୁଁ ସମ୍ପୃକ୍ତ ।" ତାଙ୍କର ଆଗାମୀ ମାସିକ ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମ "ମନ୍ କି ବାତ୍?" ସମ୍ପର୍କରେ ସେ କହିଛନ୍ତି ଯେ "ଦେଶବାସୀଙ୍କ ସହ ଯେଉଁ ଭାବ ପ୍ରବଣତାର ସହିତ ମୁଁ ସମ୍ପୃକ୍ତ ହୋଇପାରୁଛି ତାହା କେବଳ ରେଡିଓ ଯୋଗୁଁ ସମ୍ଭବ ହେଉଛି । ଏହା ମାଧ୍ୟମରେ ମୁଁ ଦେଶର ସାମର୍ଥ୍ୟ ଓ ଦେଶବାସୀଙ୍କ କର୍ତ୍ତବ୍ୟର ସମ୍ମିଳିତ ଶକ୍ତି ସହିତ ସଂଯୁକ୍ତ ହୋଇପାରୁଛି ।" ପ୍ରଧାନମନ୍ତ୍ରୀ କହିଲେ ଯେ ଟେକ୍‌ନୋଲୋଜିର ଗଣତାନ୍ତ୍ରିକୀକରଣ ପାଇଁ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି । "ଭାରତକୁ ଉପରକୁ ଉଠିବାକୁ ହେଲେ କୌଣସି ଭାରତୀୟ ସୁଯୋଗର ଅଭାବ ଅନୁଭବ କରିବା ଉଚିତ ନୁହେଁ । ସମସ୍ତେ ଅତ୍ୟାଧୁନିକ ଟେକ୍‌ନୋଲୋଜିର ସୁବିଧାସୁଯୋଗ ପାଇବା ଆବଶ୍ୟକ । ଏହା ମଧ୍ୟ ସୁଲଭ ହେବା ଆବଶ୍ୟକ । ତେବେ ଯାଇ ସମସ୍ତେ ସୁଯୋଗର ଉପଯୋଗ କରି ଆଗକୁ ବଢିପାରିବେ" ବୋଲି ସେ କହିଥିଲେ । ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ, ଫାଇବର ଅପ୍‌ଟିକ୍ସ ମାଧ୍ୟମରେ ଗ୍ରାମାଞ୍ଚଳକୁ ଅତି ଶସ୍ତାରେ ଡାଟା ପ୍ରେରଣ ସମ୍ଭବ ହେଉଛି । ଏହା ଦ୍ୱାରା ଲୋକେ ସୂଚନା ସେବା ସହଜରେ ପାଇପାରୁଛନ୍ତି । ଏହା ଫଳରେ ଗ୍ରାମାଞ୍ଚଳରେ ଡିଜିଟାଲ ଉଦ୍ୟମିତା ବଢିଛି । ସେହିଭଳି ୟୁପିଆଇ ମଧ୍ୟ କ୍ଷୁଦ୍ର ବ୍ୟବସାୟୀ, ଷ୍ଟ୍ରୀଟ ଭେଣ୍ଡର ଓ ସେହିଭଳି ବୃତ୍ତିରେ ଥିବା ଲୋକଙ୍କୁ ବ୍ୟାଙ୍କ ସେବାର ସୁଯୋଗ ଯୋଗାଉଛି । ତୀର୍ଥସ୍ଥଳ ଆଦିର ବିକାଶ ହେବା ପରେ ତୀର୍ଥାଟନ / ପର୍ଯ୍ୟଟନ ବଢିଛି ।

## ଶୁକତେଲ ପ୍ରକଳ୍ପ ଗର୍ଭରେ ବିଲୀନ ହେବ ଜଙ୍ଗଲ ପରିବେଶ : ଗଛକଟା ଯୋଗୁଁ ଚିନ୍ତିତ ଲୋକେ

ବଲାଙ୍ଗିର, ୨୮।୪(ପି.ଏନ): ଲୋୟର ସୁକତେଲ ପ୍ରକଳ୍ପ କାର୍ଯ୍ୟ ଏବେ ଆପାତତଃ ଶେଷ ପର୍ଯ୍ୟାୟରେ । ସରକାରୀ ଭବରେ ଅଧିକାରୀଙ୍କ ବିବୃତି ଅନୁସାରେ ଆଗାମୀ ଜୁଲାଇ ମାସରେ ବନ୍ଧରେ ପାଣି ରଖାଯିବା ନେଇ ସରକାରୀ ସୂତ୍ରରୁ ନିଶ୍ଚିତ । ଏସବୁ ଭିତରେ ଏବେ ଜଳମଗ୍ନ ହେଉଥିବା ଅଂଚଳର ଲକ୍ଷ ଲକ୍ଷ ଗଛକଟା ଚାଲିଛି । ଏହା ସହିତ ଏହିସବୁ ଅଂଚଳରେ ଗ୍ରାମକୁ ଲାଗି ରହିଥିବା ଗଛ ମଧ୍ୟ କଟା ଚାଲିଛି । ଫଳରେ ଆଂଶିକ କ୍ଷତିଗ୍ରସ୍ତ ଲୋକେ ଯେଉଁସବୁ ଅଂଚଳରେ ରହୁଛନ୍ତି, ସେମାନେ ଗଛବିନା କିପରି ବଂଚିବୁ ବୋଲି ଚିନ୍ତା ବ୍ୟକ୍ତ କରି ଅଭିଯୋଗ କରୁଛନ୍ତି । ଅଂଚଳର ପ୍ରକଳ୍ପ ନାମରେ ଯେପରି ସମ୍ପୂର୍ଣ୍ଣ ଗଛ ଗୁଡିକ ନଷ୍ଟ ହେଲା ପରେ ମୁକ୍ତ ବାୟୁ ଟିକେ ମିଳିବା ଅସମ୍ଭବ ହୋଇଯିବା ସହ ଭୀଷଣ ଗରମ ଜୀବନକୁ ବିପର୍ଯ୍ୟସ୍ତ କରିଦେବ ବୋଲି କହୁଛନ୍ତି ।ଏ ବିଷୟରେ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କହିବା କଥା, ଲୋୟର ଶୁକତେଲ ପ୍ରକଳ୍ପରେ ଜଳମଗ୍ନ ହେଉଥିବା ଅଂଚଳର ସମସ୍ତ ଗଛ କାଟିବାକୁ ଜଙ୍ଗଲ ବିଭାଗକୁ ଦାୟିତ୍ୱ ଦିଆଯାଇଛି । ଏଣୁ ଜଳମଗ୍ନ ଅଂଚଳରେ ଗଛ ରହିବ ନାହିଁ । ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲା ପରେ ଅବସ୍ଥା ଦେଖି ଗଛ ଲଗାଯିବାର ବ୍ୟବସ୍ଥା କରାଯିବ । ଯାହାବି ହେଉ ବଳକା ଅଂଶତକ ରହିଯାଉଥିବା ଲୋକେ ନିଶ୍ଚିତ ଭାବେ ଘୋର ଅସୁବିଧାର ସମ୍ମୁଖୀନ ହେବେ ବୋଲି ଚର୍ଚ୍ଚା ହେଉଥିବା ବେଳେ ଅନ୍ତତଃ ଗ୍ରାମ ପାର୍ଶ୍ୱସ୍ଥ ଅଂଚଳ ଗୁଡିକରେ ଗଛ ନକାଟିବା ପାଇଁ ସାଧାରଣରେ ଦାବୀ ହେଉଛି । ଜିଲ୍ଲାରେ ପୂର୍ବରୁ ଥିବା ଜଙ୍ଗଲ ଗୁଡିକ ପର୍ଯ୍ୟାୟ କ୍ରମେ ବିଭିନ୍ନ କାରଣରୁ କ୍ଷୟ ପ୍ରାପ୍ତ ହୋଇ ପ୍ରାୟ ଜଙ୍ଗଲ ସରି ସରି ଆସୁଛି। ଜିଲ୍ଲା ଭିତରେ ଦୁଇ - ତିନୋଟି ଜାତୀୟ ରାଜପଥ ଯିବା ରାସ୍ତା ପ୍ରଶସ୍ତିକରଣ ପାଇଁ ରାସ୍ତା କଡରେ ଦୁଇ ପାର୍ଶ୍ୱରେ ଥିବା ନିମ୍ବ ଓ ଅନ୍ୟାନ୍ୟ ଔଷଧିୟ ଗଛ ଜାତ ଅମଳରୁ ଥିବା ଲକ୍ଷ ଲକ୍ଷ ଗଛ କଟା ଯାଇଥିଲା। ଏବର ପ୍ରକଳ୍ପ ଜଳମଗ୍ନ ହେବାକୁ ଥିବା ଉପର ମୁଣ୍ଡରେ ଘଂଚ ଜଙ୍ଗଲ ଗଛ ଗୁଡିକ ପ୍ରକଳ୍ପ ପରେ ଅକାମୀ ହେବା ପୂର୍ବରୁ କଟାଯିବା ଠିକ୍ କଥା ଏଥିପାଇଁ ଚିହ୍ନଟ କରି ଜଙ୍ଗଲ ପଦା କରାଯିବା ସଙ୍ଗେ ସଙ୍ଗେ ତଳ ଅଂଚଳରେ ନୂତନ ବନୀକରଣ କରାଯାଉ ବୋଲି ପରିବେଶବିତ ମାନେ ମତ ଦେଇଛନ୍ତି ।

## ରାଜ୍ୟ ପଣ୍ୟାଗାର ନିଗମକୁ ବେଷ୍ଟ ଏମ୍ପ୍ଲୟର ବ୍ରାଣ୍ଡ ସମ୍ମାନ

ଭୁବନେଶ୍ୱର, ୨୮।୪(ପି.ଏନ): ଓଡିଶା ରାଜ୍ୟ ପଣ୍ୟାଗାର ନିଗମକୁ ବେଷ୍ଟ ଏମ୍ପ୍ଲୟର ବ୍ରାଣ୍ଡ ସମ୍ମାନ-୨୦୨୩ରେ ପୁରସ୍କୃତ କରାଯାଇଛି। ଏହି ଅବସରରେ ସ୍ୟାଣ୍ଡି ଟାୱାର ଭୁବନେଶ୍ୱର ଠାରେ ଅନୁଷ୍ଠିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ମାନ୍ୟବର ଜଙ୍ଗଲ ଓ ପରିବେଶ, ପଞ୍ଚାୟତିରାଜ ତଥା ସୂଚ଼ନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ପ୍ରଦୀପ ଅମାତ ନିଗମର ପରିଚ଼ାଳନା ନିର୍ଦ୍ଦେଶକ ଡ. ଗଣେଶ୍ୱର ଜେନାଙ୍କୁ ଏହି ଆୱାର୍ଡ ପ୍ରଦାନ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ପଣ୍ୟାଗାର ଗୁଡିକର ସୁପରିଚ଼ାଳନା ପାଇଁ ୱେରହାଉସ ମ୍ୟାନେଜମେଣ୍ଟ ସଲ୍ୟୁସନର କାର୍ଯ୍ୟକାରୀତା ନିମନ୍ତେ ନିଗମକୁ ସ୍କଚ୍ ଆୱାର୍ଡରେ ସମ୍ମାନିତ କରାଯାଇଛି । ନିଗମର ୪୪ ଟି ପଣ୍ୟାଗାର ଡଉଜଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ପଞ୍ଜୀକୃତ ହୋଇଥିବାରୁ କୃଷକ ଓ ଜମାକାରୀ ମାନେ ଗୋଦାମରେ



ଗଚ୍ଛିତ ଶସ୍ୟ ପାଇଁ ହସ୍ତାନ୍ତର ଯୋଗ୍ୟ ପଣ୍ୟାଗାର ରସିଦ ମାଧ୍ୟମରେ ବ୍ୟାଙ୍କ ଋଣର ସୁବିଧା ପାଇପାରିବେ । ପଣ୍ୟାଗାର ଗୁଡିକର ବ୍ୟବସାୟିକ ପରିଚ଼ାଳନାକୁ ମୂଲ୍ୟାୟନ କରାଯାଇ କର୍ମକ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ତତ୍ତ୍ୱାବଧାରକ ମାନଙ୍କୁ ପୁରସ୍କୃତ କରାଯିବା ପାଇଁ ନିଗମର ପରିଚ଼ାଳନା ମଣ୍ଡଳୀ ବୈଠକରେ ଅନୁମୋଦନ କରାଯାଇଛି । ମାନବ ସମ୍ବଳ କ୍ଷେତ୍ରରେ ନିଗମକୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଥିବାରୁ ମାନ୍ୟବର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ଅତନୁ ସବ୍ୟସାଚ଼ୀ ନାୟକ, ପ୍ରମୁଖ ଶାସନ ସଚ଼ିବ ଶ୍ରୀ ଏସ୍. କେ. ଚ଼ଢା ଓ ନିଗମର ଅଧ୍ୟକ୍ଷ ଶ୍ରୀ ମହେନ୍ଦ୍ର କୁମାର ବଡାଇ ନିଗମର କର୍ମଚ଼ାରୀ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## କିସ୍ ବୁଲି ଦେଖିଲି ଅନେକ କିଛି ଶିଖିଲି: ହେମନ୍ତ ସୋରେନ୍

ଭୁବନେଶ୍ୱର, ୨୮।୪: କିସ୍ ବୁଲି ଦେଖିଲି ଓ ଅନେକ କିଛି ଶିଖିଲି ବୋଲି ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ କହିଛନ୍ତି। ଶୁକ୍ରବାର କିସ୍ ପରିଦର୍ଶନରେ ଆସି କିସ୍‌ର ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ସୋରେନ୍ କହିଲେ, କିସ୍ ଏକ ସାଧାରଣ ପ୍ରୟାସ ନୁହେଁ। ଏଥି ପାଇଁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ। ଗୋଟିଏ ସରକାର ଦ୍ୱାରା ଏତେ ବିରାଟ ଅନୁଷ୍ଠାନ ସୃଷ୍ଟି କରିବା ଚିନ୍ତା କରାଯାଇ ନ ପାରେ। ଝାଡ଼ଖଣ୍ଡରେ କିସ୍ ଭଳି ଏକ ଅନୁଷ୍ଠାନ ନଥିବାରୁ ଶ୍ରୀ ସୋରେନ୍ ଦୁଃଖ ପ୍ରକାଶ କରିଥିଲେ। ଝାଡ଼ଖଣ୍ଡରେ କିସ୍ ଭଳି ଅନୁଷ୍ଠାନ ପ୍ରତିଷ୍ଠା ହେଲେ ନକ୍ସଲ ସମସ୍ୟା ଓ ଜନଜାତିଙ୍କ ବହୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ କହିଥିଲେ। ସେ କହିଲେ, କିସ୍ ବୁଲିବା ପରେ ମୋତେ ବହୁତ କିଛି ଚିନ୍ତା କରିବାକୁ ବାଧ କରିଛି। ଝଡ଼ଖଣ୍ଡର ଜନଜାତି ସମ୍ପ୍ରଦାୟର ଲୋକଙ୍କୁ କିପରି ବିକାଶ ଧାରାରେ ସାମିଲ କରାଯାଇପାରିବ ସେଥିପାଇଁ ଆମକୁ କିସ୍ ମାର୍ଗ ଦର୍ଶନ କରିବ। କିସ୍ ପିଲାଙ୍କ ମଧ୍ୟରେ ଉତ୍ସାହ, ଉଦ୍ଦୀପନା ଓ କିସ୍‌ର ବାତାବରଣ ଅଦ୍ଭୁତ ବୋଲି ସେ କହିଥିଲେ। ଝାଡ଼ଖଣ୍ଡରେ ଶିକ୍ଷା କ୍ଷେତ୍ରରେ କିସ୍ ଭଳି ବାତାବରଣ ସୃଷ୍ଟି ନିମନ୍ତେ କିସ୍ ଓ ଶ୍ରୀ ସାମନ୍ତ ଆମକୁ ସାହାଯ୍ୟ କରିବେ। ଏଥି ପାଇଁ ଆମେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବୁ ଶ୍ରୀ ସୋରେନ୍ କହିଥିଲେ। ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ କହିଲେ କିସ୍ ଭଳି ପରିବେଶ ତୁମକୁ ଭାରତର ଅନ୍ୟ କୌଣସି ସ୍ଥାନରେ ମିଳିବ ନାହିଁ। ଏହାର ସୁବିନିଯୋଗ କରି ଦୃଢ଼ତା ଓ କଠିନ ପରିଶ୍ରମ ବଳରେ ଲକ୍ଷ୍ୟପଥରେ ଆଗେଇ ଯିବା ପାଇଁ ସେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ସରକାରୀସ୍ତରରେ କିସ୍‌କୁ କଣ ସହଯୋଗ କରାଯାଇପାରିବ ସେ ବାବଦରେ ବର୍ତ୍ତମାନ କିଛି ନ ପାରିଲେ ମଧ୍ୟ ବ୍ୟକ୍ତିଗତ ଭାବେ କିସ୍‌କୁ ତାଙ୍କର ଏକ ମାସର ଦରମା ଦାନ କରିବା ପାଇଁ ଶ୍ରୀ ସୋରେନ୍ ଘୋଷଣା କରିଥିଲେ। ହେମନ୍ତ ସୋରେନ୍‌ଙ୍କ ପତ୍ନୀ କଳ୍ପନା ମୁର୍ମୁ ସୋରେନ୍ କିସ୍‌ରେ ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ଦେଖି ଅଭିଭୂତ ହୋଇପଡ଼ିଥିଲେ। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ତୁମେମାନେ ଗାଁରୁ



ଏତେ ବାଟ ଆସି କିସ୍‌ରେ ପହଞ୍ଚିପାରିଛ; ଏବେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ କିସ୍‌ର ଶିକ୍ଷକଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନରେ ନିଶ୍ଚିତ ଭାବେ ଲକ୍ଷ୍ୟପଥରେ ପହଞ୍ଚି ପାରିବ ବୋଲି ମୋର ବିଶ୍ୱାସ ରହିଛି । ଏହା ସହ ଜୀବନରେ ସବୁବେଳେ ଆତ୍ମବିଶ୍ୱାସ ବଜାୟ ରଖିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଝାଡ଼ଖଣ୍ଡ ସରକାରଙ୍କ ମୁଖ୍ୟ ସଚିବ ସୁଖଦେବ ସିଂହ କହିଲେ କିସ୍ ଏକ ଅନୁଷ୍ଠାନ ନୁହେଁ, ଏକ ସାମ୍ରାଜ୍ୟ। ଭଗବାନଙ୍କ ଆଶୀର୍ବାଦ ନ ଥିଲେ ଏଭଳି ଏକ ଅନୁଷ୍ଠାନ ସୃଷ୍ଟି କରାଯାଇ ନ ପାରେ। ଅଚ୍ୟୁତ ସାମନ୍ତଙ୍କ ଉପରେ ଭଗବାନଙ୍କ ଆଶୀର୍ବାଦ ଥିବାରୁ ସେ ଏଭଳି ଏକ ବିଶାଳ ଅନୁଷ୍ଠାନ ଗଢ଼ି ତୋଳି ପାରିଛନ୍ତି। କିସ୍‌ର ପ୍ରୟୋଗ ଝାଡ଼ଖଣ୍ଡରେ ହେଉ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ସଚିବ ବିନୟ ଚୌବେ, ବ୍ୟକ୍ତିଗତ ସଚିବ ସୁନୀଲ କୁମାର ଶ୍ରୀବାସ୍ତବଙ୍କ ସମେତ କିସ୍‌ର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ସାଲେପୁର ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଚୋରା ମଦର ବନ୍ୟା : ଅବକାରୀ ବିଭାଗ ନିରବ ଦ୍ରଷ୍ଟା

ସାଲେପୁର, ୨୮।୪(ପି.ଏନ): ସାଲେପୁର ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳର ବଜାରଘାଟ ଏବଂ ଗ୍ରାମାଚଂଳ ଗୁଡିକରେ ବ୍ୟାପକ ଭାବେ ଚୋରାରେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି । ଅବକାରୀ ବିଭାଗର ଦାୟିତ୍ୱହୀନତା ପାଇଁ ଚୋରା ମଦ ବ୍ୟବସାୟୀଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଥିଲା ବେଳେ ଏହି ଅଂଚଳରେ ଚୋରା ମଦର ବନ୍ୟା ସୃଷ୍ଟି ହୋଇଛି । ଅପରପକ୍ଷରେ ଲାଇସେନ୍ସପ୍ରାପ୍ତ ମଦ ବ୍ୟବସାୟୀମାନେ ମଧ୍ୟ ସରକାରଙ୍କ ନୀତି ନିୟମ ପରିସରରେ ନରହି ମନଇଚ୍ଛା ବ୍ୟବସାୟ କରୁଛନ୍ତି । ଲାଇସେନ୍ସପ୍ରାପ୍ତ ଦୋକାନୀମାନେ ଗ୍ରାମାଚଂଳରେ ଥିବା ଚୋରା ମଦ ବ୍ୟବସାୟୀଙ୍କ ନିକଟରେ ପେଟି ପେଟି ମଦ ପହଂଚାଇ ଦେଉଥିବାରୁ ସେମାନେ ଚଢା ଦରରେ ଏହାକୁ ବିକ୍ରି କରୁଛନ୍ତି । ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ଭଲ ଭାବରେ ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଗାଁ ଗହଳିର ଜଳଖିଆ ଦୋକାନୀଠାରୁ ଆରମ୍ଭ କରି ରାସନ ଦୋକାନ, ପାନ ଦୋକାନ ଓ ଅନ୍ୟାନ୍ୟ ଦୋକାନରେ ଚୋରାରେ ମଦ ବିକ୍ରି ହେଉଥିବାରୁ ଗାଁ ଗହଳିର ଆବାଳ ବୃଦ୍ଧ ମଦ୍ୟପାନ କରି ନିଜ ନିଜ ପରିବାରରେ ଅଶାନ୍ତି ସୃଷ୍ଟି କରୁଥିଲା ବେଳେ ସାମାଜିକ ଚଳଣୀରେ ବହୁ ବିଶୃଙ୍ଖଳା ଦେଖାଦେଇଛି । ଏହାଛଡା ଲାଇସେନ୍ସପ୍ରାପ୍ତ ଠିପି ବନ୍ଦ ମଦ ଦୋକାନ ସମ୍ମୁଖରେ ସ୍ୱଷ୍ଟ ଦିବାଲୋକରେ ମଦ୍ୟପମାନେ ବୋତଲ ଠିପି ଖୋଲି ମଦ୍ୟପାନ କରୁଥିବା ଏପରିକି ବହୁ ମଦ୍ୟପ ରାସ୍ତାକଡରେ ଗଡୁଥିବା ଦେଖିବାକୁ ମିଳୁଛି । ଲାଇସେନ୍ସପ୍ରାପ୍ତ ମଦ ଦୋକାନଗୁଡିକ ଖୋଲିବା ଓ ବନ୍ଦ କରିବା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ରହିଥିଲେ ମଧ୍ୟ ଏହାକୁ ବ୍ୟବସାୟୀମାନେ ମାନୁନଥିବା ଦେଖାଯାଇଛି । ଉକ୍ତ ଘଟଣାକୁ ଅବକାରୀ ବିଭାଗ ଓ ସ୍ଥାନୀୟ ପୁଲିସ ଦେଖି ନୀରବଦ୍ରଷ୍ଟା ସାଜିଥିବା ଲୋକମାନେ ଅଭିଯୋଗ କରିଛନ୍ତି ।ନିଶ୍ଚିନ୍ତକୋଇଲି ଅଂଚଳରେ ଏକ ଅବକାରୀ ବିଭାଗ କାର୍ଯ୍ୟାଳୟ ଖୋଲାଯାଇଥିଲେ ମଧ୍ୟ ଏଠାରେ ବିଭାଗୀୟ କର୍ମଚାରୀମାନେ ସଠିକ୍ ଭାବେ କାର୍ଯ୍ୟ କରୁନଥିବା ଏବଂ କାର୍ଯ୍ୟାଳୟ ସବୁଦିନେ ଖୋଲାଯାଉନଥିବା ଅଭିଯୋଗ ହୋଇଛି । ଅନେକ ସମୟରେ ଏହି କାର୍ଯ୍ୟାଳୟକୁ ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ଅଂଚଳର ବହୁ ଚୋରା ମଦ ବ୍ୟବସାୟୀମାନେ ଲୁଚିଛପି ଆସୁଥିବା ଦେଖିବାକୁ ମିଳୁଛି । ଚୋରା ମଦ ବ୍ୟବସାୟ ଯଦି ଏଭଳି ବଢି ଚାଲେ ତାହା ହେଲେ ଆଗାମୀ ଦିନରେ ଜନଜୀବନ ବିଶେଷ ଭାବେ କ୍ଷତି ହେବାର ଆଶଙ୍କା ପ୍ରକାଶ ପାଇଛି । ତୁରନ୍ତ ଚୋରା ମଦ ବ୍ୟବସାୟ ବନ୍ଦ କରିବା ଏବଂ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀମାନଙ୍କୁ ସରକାରଙ୍କ ନୀତିନିୟମ ପରିସରରେ ବ୍ୟବସାୟ କରିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

## ୨ ତାରିଖ ଯାଏଁ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର, ୨୮।୪(ପି.ଏନ):ରାଜ୍ୟରେ ଆସନ୍ତା ୨ ତାରିଖ ଯାଏଁ କାଳବୈଶାଖୀ ବର୍ଷା ସମ୍ଭାବନା ରହିଥିବା ଆକଳନ କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ୨୪ ଘଂଟା ପାଇଁ ୨୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ କରିଛି ପାଣିପାଗ ବିଭାଗ। ସମସ୍ତ ଉପକୂଳ ଜିଲ୍ଲା ସହ ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ବାଲେଶ୍ୱର ,ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ , ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, କେନ୍ଦୁଝର, ମୟୁରଭଂଜ, ଅନୁଗୁଳ, ଢେଙ୍କାନାଳ, କଳାହାଣ୍ଡି, କନ୍ଧମାଳ, ରାୟଗଡା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର। ଏହିସବୁ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ଏବଂ ୩୦/୪୦ କିମି ବେଗରେ ପବନ ସମ୍ଭାବନା ରହିଛି। ଏହାବ୍ୟତୀତ କୋରାପୁଟ, ଗଂଜାମ, ଗଜପତି, ମୟୁରଭଂଜ ଓ ବାଲେଶ୍ୱର ଜିଲ୍ଲାରେ କୁଆପଥର ବର୍ଷା ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆସନ୍ତାକାଲି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ,ଖୋର୍ଦ୍ଧା, ନୟାଗଡ, ଗଂଜାମ,ଗଜପତି , ମୟୁରଭଂଜ , ଅନୁଗୁଳ , ଢେଙ୍କାନାଳ ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ବର୍ଷା ସହ ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)


❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହିଁ । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିବ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ଆନ୍ତର୍ଜାତିକ ଦୃଶ୍ୟପଟ୍ଟରେ ଭାରତୀୟ ନାରୀ



ଯେଉଁ କଥାଟି ସମୟକ୍ରମେ ଅବହେଳିତ ହୋଇଯାଏ, ଯେଉଁ ବ୍ୟକ୍ତିବିଶେଷଙ୍କ ପ୍ରତି ଯଦି ଯଥୋଚିତ ସମ୍ମାନ ପ୍ରଦର୍ଶନ କରା ନ ଯାଏ, ସେ କ୍ଷେତ୍ରରେ ଉକ୍ତ ପରିବେଶ ବା ସାମାଜିକ ଶୃଙ୍ଖଳା ମଧ୍ୟରେ ନାନା ବିଭ୍ରାଟ ଘଟି ସନ୍ତୁଳନରେ ବ୍ୟାଘାତ ଆସେ। ପରବର୍ତ୍ତୀ ସମୟରେ ଏହାର ପୂର୍ବବସ୍ଥାକୁ ଫେରାଇ ଆଣିବାକୁ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆନ୍ତର୍ଜାତିକ ବା ଜାତୀୟ ସ୍ତରରେ ନାନା ପ୍ରଚେଷ୍ଟା କରାଯାଏ ଏବଂ ଏଥିପାଇଁ ନିର୍ଦ୍ଦିଷ୍ଟ ଦିବସ ବା ସମୟକୁ ସମ୍ମାନ ଦେଇ ପାଳନ କରାଯାଏ ଓ ସେହି ଉଦ୍ଦେଶ୍ୟକୁ ନେଇ ଦିବସ ବା ସମୟକୁ ନାମିତ କରାଯାଏ। ଏହିପରି ଆନ୍ତର୍ଜାତିକ ବା ଜାତୀୟ ସ୍ତରରେ ଯେତେ ଦିବସ ପାଳନ କରାଯାଏ, ସେମାନଙ୍କ ମଧ୍ୟରେ ମହିଳା ଦିବସ ଅନ୍ୟତମ। ଏହି ଦିବସଟି ମାର୍ଚ୍ଚ ୮ତାରିଖରେ ଆନ୍ତର୍ଜାତିକ ସ୍ତରରେ ପାଳିତ ହୁଏ।



ନାରୀହିଁ ଆଦ୍ୟାଶକ୍ତି, ଈଶ୍ୱରୀ। ସେ ଆମ ପାଖରେ ଦେବୀ, ଜନ୍ମଦାତ୍ରୀ, ଭଗିନୀ, ଜାୟା ଏବଂ ଧାତ୍ରୀ ରୂପେ ସଦ୍ୟ ବିଦ୍ୟମାନ। ସେ କେବେ ସେବିକା ତ କେବେ ପୁଣି ପ୍ରେମିକା ରୂପେ ପ୍ରେମ ଆହ୍ଲାଦିନୀ। କେବେ ସୃଜନର କର୍ତ୍ତ୍ରୀ ତ କେବେ ଅନ୍ୟାୟ ଏବଂ ଅତ୍ୟାଚାର ବିରୁଦ୍ଧରେ ଦୁର୍ଗା, ସଂହାରକାରିଣୀ; ଆଉ କେତେବେଳେ ସେ ବିପଦନାଶିନୀ, ମା' ତାରିଣୀ ଓ ଅଭୟଦାୟିନୀ।

ବୈଦିକ ଯୁଗରୁ ନାରୀର ସ୍ଥାନ ସମାଜରେ ପୁରୁଷ ସହିତ ସମାନ ଥିଲା। ସେ ପୁରୁଷର ଦୁଃଖ-ସୁଖରେ ସହଭାଗିନୀ ଥିଲା। ଦାମ୍ପତ୍ୟ ଜୀବନରେ ସହଧର୍ମୀ ହେତୁ ସେ ସହଧର୍ମଣୀ ଥିଲା । ପୁରୁଷପରି ନାରୀମାନଙ୍କର ସମାଜରେ ମଧ୍ୟ କିଛି ନାମକରା ଆସନ ଥିଲା। ଅନେକ ନାରୀ ନିଜସ୍ୱ କୃତିତ୍ୱ ବଳରେ ଏଯାବତ୍ ତାଙ୍କ ନାମକୁ ସ୍ୱର୍ଣ୍ଣାକ୍ଷରରେ ଇତିହାସରେ ଲେଖିଯାଇଛନ୍ତି। ଏହିପରି ପ୍ରାଚୀନ ଯୁଗୀୟ ନାରୀମାନଙ୍କ ମଧ୍ୟରେ ଅଛନ୍ତି ବିଶ୍ୱବରା, ଲୋପାମୁଦ୍ରା, ମୈତ୍ରେୟୀ, ଗାର୍ଗୀ, ଲୀଳାବତୀ, ସୀତା ଏବଂ ସାବିତ୍ରୀ; ମଧ୍ୟଯୁଗୀୟ ନାରୀମାନଙ୍କ ମଧ୍ୟରେ ଅଛନ୍ତି ଅହଲ୍ୟାବାଈ, ମୀରାବାଈ, ଦୁର୍ଗାବତୀ, ପଦ୍ମିନୀ, ଝାନସୀ ରାଣୀ ଲକ୍ଷ୍ମୀବାଈ ଇତ୍ୟାଦି।

ମା' ହିସାବରେ ନାରୀଟିଏ କେତେ ଗୁଣୀ, ଜ୍ଞାନୀ ଓ ମହାପୁରୁଷଙ୍କର ସେ ଜନନୀ; ରାମ, ରହିମ, କୃଷ୍ଣ, ଯୀଶୁ, ବୁଦ୍ଧ, ମହାବୀର, ଚୈତନ୍ୟ, ବିବେକାନନ୍ଦ, ମଦର ଟେରେସା ଏବଂ ଗାନ୍ଧି ଇତ୍ୟାଦି ଯୁଗ ଏବଂ ଯୋଗଜନ୍ମାଙ୍କର, ସେ ଦେବୀ, ଶ୍ରୀଦେବୀ। ଏହି କାରଣରୁ ମା'ର ବନ୍ଦନାହିଁ ପ୍ରଥମ। ତା' ବିନା ସୃଷ୍ଟି ହିଁ ସ୍ୱପ୍ନ ନାହିଁ। ତାହାର କରୁଣାରୁ ବହୁଛି ମଣିଷ ଜାତିର ଜୀବନ ଗଙ୍ଗା। ସେ ହିଁ ପତିତପାବନୀ ମା' ଗଙ୍ଗା। ଏଥିପାଇଁ ଯୁଗଯୁଗ ଧରି ନାରୀ ଜାତିର ସମ୍ମାନ ସର୍ବଦା ଉର୍ଦ୍ଧ୍ୱରେ ରହିଅଛି।

ଦ୍ୱାଦଶ ଶତାବ୍ଦୀ ବେଳକୁ ନାରୀ ହେଲା ପୁରୁଷର କ୍ରୀଡ଼ନକ; ପୁରୁଷର ଭୋଗ ସାମଗ୍ରୀ। ସମାଜରେ ବାଲ୍ୟ ବିବାହ, ପରଦାପ୍ରଥା,



ସତୀଦାହ ପ୍ରଥା, ଯୌତୁକ ପ୍ରଥା, ବହୁନାରୀ ବିବାହ ପ୍ରଥା ଇତ୍ୟାଦି କୁସଂସ୍କାର ପ୍ରବେଶ କଲା। ସେ ହେଲା ନିର୍ଯ୍ୟାତିତା, ପୁଣି ପଣ୍ୟଦ୍ରବ୍ୟ। କୋଉଠି ହେଲା ପୋଇଲି, ଦାସୀ ତ' କୋଉଠି ଖଟିଲା ଗୋତି। ସବଳା ନାରୀ ପାଲଟିଗଲା ଦୁର୍ବଳା।

ପୁଣି ସମୟର ଚକ ଘୂରିଲା। ଅନେକ ସଂସ୍କାରବାଦୀ ନାରୀମାନଙ୍କର ସ୍ଥିତିର ପରିବର୍ତ୍ତନ ତଥା ସମାଜରେ ତାଙ୍କୁ ନ୍ୟାର୍ଯ୍ୟଦାବୀ ପୂରଣରେ ଅଣ୍ଟା ଭିଡ଼ିଲା। ଏହିପରି ମର୍ଯ୍ୟାଦାବନ୍ତ ବ୍ୟକ୍ତିମାନେ ହେଲେ ରାଜା ରାମମୋହନ ରାୟ, ଈଶ୍ୱରଚନ୍ଦ୍ର ବିଦ୍ୟା ସାଗର ଏବଂ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ପ୍ରମୁଖ। ଭାରତର ସ୍ୱାଧୀନତା ସଂଗ୍ରାମ ଅର୍ଥାତ୍ ୧୮୫୭ ମସିହାଠାରୁ ଭାରତୀୟ ନାରୀମାନଙ୍କ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଜାଗରଣ ଘଟିଛି। ସେମାନେ ସ୍ୱତଃପ୍ରବୃତ୍ତ ଭାବେ ଇଂରେଜ ବିରୁଦ୍ଧରେ ସଂଗ୍ରାମ କରିବାକୁ ଓହ୍ଲାଇ ଆସିଛନ୍ତି ଘରକୋଣରୁ। ୧୮୫୭ ପୂର୍ବରୁ ୧୮୨୪ ଜାନୁୟାରୀ ୩୦ରେ ଇଂରେଜ ବିରୁଦ୍ଧରେ ଲଢ଼ି ପ୍ରାଣବଳି ଦେଇଥିଲେ କିତୁର (କର୍ଣ୍ଣାଟକ)ର ରାଣୀ ଚିନ୍ନାମା। ସେ ସ୍ୱାଧୀନତା ସଂଗ୍ରାମର ପ୍ରଥମ ସହିଦ୍। ୧୮୫୭ ଏବଂ ଏହାର ପରବର୍ତ୍ତୀ ସମୟରେ ଯେଉଁମାନେ ଏଥିରେ ଅଂଶଗ୍ରହଣ କରିଥିଲେ ତାଙ୍କ ଭିତରେ ଅଛନ୍ତି ରାଣୀ ଲକ୍ଷ୍ମୀବାଈ, କସ୍ତୁରବା ଗାନ୍ଧି, ସରୋଜିନୀ ନାଇଡୁ, ମହାଦେବୀ ବର୍ମା, ସୁଭଦ୍ରା କୁମାରୀ ଚୌହାନ, ଅରୁଣା ଅସାଫଅଲ୍ଲୀ, ଲକ୍ଷ୍ମୀ ସେହେଗାଲ୍ ଯେକି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ପ୍ରଥମ ମହିଳା କମାଣ୍ଡିଙ୍ଗ ମହିଳା ଅଫିସର ଏବଂ ଓଡ଼ିଶାରୁ ଏମାନଙ୍କ ମଧ୍ୟରେ ଅଛନ୍ତି ମା' ରମାଦେବୀ, ମାଳତୀ ଚୌଧୁରୀ, ସରଳା ଦେବୀ, ଅନ୍ନପୂର୍ଣ୍ଣା ମହାରଣା, ବସନ୍ତ ମଞ୍ଜରୀ ଦେବୀ, ନନ୍ଦିନୀ ଶତପଥୀ, ପାର୍ବତୀ ଗିରି, ପ୍ରଭାବତୀ ଦେବୀ, ଜମ୍ବବତୀ ଦେବୀ, ଗୋଦାବରୀ ଦେବୀ, କୋକିଳା ଦେବୀ, ହାରାମଣି କାନୁନ୍‌ଗୋ ଏବଂ ଅନ୍ୟମାନେ।

ଭାରତୀୟ ନାରୀମାନେ ବିଭିନ୍ନ କ୍ଷେତ୍ରରେ ସ୍ୱକୀୟ ପରାକାଷ୍ଠା ଦେଖାଇ ସାରିଲେଣି। ଏମିତିରେ ଆମର ପ୍ରଥମ ରାଷ୍ଟ୍ରପତି (ମହିଳା)



ଶ୍ରୀମତୀ ପ୍ରତିଭା ସିଂହ ପାଟିଲ, ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ: ଇନ୍ଦିରା ଗାନ୍ଧି, ପ୍ରଥମ ମହିଳା ରାଜ୍ୟପାଳ ସରୋଜିନୀ ନାଇଡୁ, ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ : ସୁଚେତା କୃପାଳିନୀ, ପ୍ରଥମ ମହିଳା କେନ୍ଦ୍ରମନ୍ତ୍ରୀ : ରାଜକୁମାରୀ ଅମୃତ କାଉଲ, ସେବାପାଇଁ ପ୍ରଥମ ନୋବେଲ ପୁରସ୍କାର ବିଜେତା: ମଦର ଟେରେସା, ପ୍ରଥମ ମହିଳା ବିଚାରପତି ଲୀଳା ସେଠ୍, ବିଶ୍ୱବିଖ୍ୟାତ ଚିତ୍ରକର ଅମୃତା ସେରଗିଲ୍, ଭାରତର ପ୍ରଥମ ମହିଳା ଯେକି ମସ୍କୋ, ୱାସିଂଟନ ଓ ଲଣ୍ଡନରେ ରାଷ୍ଟ୍ରଦୂତ ଥିଲେ ଏବଂ ୧୯୫୩ରେ ଜାତିସଂଘର ପ୍ରଥମ ମହିଳା ଅଧ୍ୟକ୍ଷା ହୋଇଥିଲେ ସେ ହେଉଛନ୍ତି ବିଜୟଲକ୍ଷ୍ମୀ ପଣ୍ଡିତ୍, ହୋମଲ ଭୈରୱାଲା ହେଉଛନ୍ତି ଦେଶର ପ୍ରଥମ ଫଟୋ ଜର୍ନାଲିଷ୍ଟ, ହରିତ୍ କୌର ଦେୱାଲ୍ ହେଉଛନ୍ତି ଭାରତର ପ୍ରଥମ ମହିଳା ଏୟାରଫୋର୍ସ ପାଇଲଟ୍, ଦେଶର ପ୍ରଥମ ଏବଂ ବିଶ୍ୱର ପଞ୍ଚମ ମହିଳା ପର୍ବାତାରୋହୀ ହେଉଛନ୍ତି ବଚ୍ଛେନ୍ଦ୍ରୀ ପାଲ, ଯିଏକି ମାଉଣ୍ଟ ଏଭେରେଷ୍ଟ ୧୯୮୪ ମସିହାରେ ଆରୋହଣ କରିଥିଲେ, ପ୍ରଥମ ମହିଳା ମହାକାଶଚାରୀ କଳ୍ପନା ଚାୱଲା, ପ୍ରଥମ ମହିଳା ଡାକ୍ତର: କାଦମ୍ବିନୀ ଗାଙ୍ଗୁଲି, ପ୍ରଥମ ମହିଳା ଆଇ.ପି.ଏସ୍. ଅଫିସର କିରଣ ବେଦୀ, ପ୍ରଥମ ବୁଦ୍ଧିଜୀବୀସୁନ୍ଦରୀ: ସୁସ୍ମିତା ସେନ୍, ପ୍ରଥମ ମହିଳା ଅଟୋ ଡ୍ରାଇଭର ସୁନିତା ଚୌଧୁରୀ, ଅଲିମ୍ପିକ କ୍ରୀଡ଼ାର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ପହଞ୍ଚ ପାରିଥିବା କ୍ରୀଡ଼ାବିତ୍ ପିଟି ଉଷା, ପ୍ରଥମ ମହିଳା ଗ୍ରାଣ୍ଡ ମାଷ୍ଟର : କୋନେରୁ ହମ୍ପି, ପ୍ରଥମ ମହିଳା ଇଂଲିଶ ଚାନେଲ୍ ସନ୍ତରଣକାରୀ : ଆରତି ସାହା, ପ୍ରଥମ ମହିଳା ମହିଳା ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ହାସଲକାରୀ: ସାନିଆ ମିର୍ଜା। ଆମେ ଏଠାରେ କେବଳ ପ୍ରଥମ କଥା କହୁଛୁ; ଆଉ ଅନ୍ୟମାନଙ୍କ କଥା ହିସାବକୁ ନେଇନାହୁଁ। ତେବେ ଏତିକି କହିଲେ ଯଥେଷ୍ଟ ହେବ ଯେ ଏବେ ଭାରତୀୟ ନାରୀମାନେ କେବଳ ପୁରୁଷଙ୍କ ସହ ସମକକ୍ଷ ନୁହଁନ୍ତି, ଅଧିକନ୍ତୁ ଅନେକ କ୍ଷେତ୍ରରେ ନାଁ, ସଂଖ୍ୟା, ଗୁଣରେ ମଧ୍ୟ ଅଧିକ ପ୍ରମୁଖ ଆସନ ମାଡ଼ିବସିଲେଣି। ସେହିପରି ନାରୀଶବ୍ଦକୁ ପରିଭାଷିତ କରିଥିବା ଓଡ଼ିଆମାନଙ୍କ ମଧ୍ୟରେ ଅଛନ୍ତି ସମାଜସେବୀରେ, ମା' ରମାଦେବୀ ଏବଂ ତୁଳସୀ ମୁଣ୍ଡା, ରାଜନୀତିରେ: ବସନ୍ତମଞ୍ଜରୀ ଦେବୀ ଓ ନନ୍ଦିନୀ ଶତପଥି; ସାହିତ୍ୟରେ: କୁନ୍ତଳାକୁମାରୀ ସାବତ ଏବଂ ରାଜଶ୍ରୀ ଦଳବେହେରା, ନୃତ୍ୟରେ: ସଂଯୁକ୍ତା ପାଣିଗ୍ରାହୀ ଓ ମିନତୀ ମିଶ୍ର, ଚଳଚ୍ଚିତ୍ରରେ ପାର୍ବତୀ ଘୋଷ, କ୍ରୀଡ଼ାରେ : ଜ୍ୟୋତି ସୁନିତା କୁଲୁ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସଙ୍ଗୀତରେ ସୁନନ୍ଦା ପଟ୍ଟନାୟକ ଓ ଶ୍ୟାମାମଣୀ ଦେବୀ, ବିଚାରପତିରେ : ନ୍ୟାୟମୂର୍ତ୍ତି ଅମୀୟ କୁମାରୀ ପାଢ଼ୀ, ନ୍ୟାୟମୂର୍ତ୍ତି ସଂଜୁ ପଣ୍ଡା, ମାଧୁରୀ ପଟ୍ଟନାୟକ ଓ ବାସନ୍ତୀ ଦେବୀ। ପ୍ରଶାସିକାରେ: ରୂପା ମିଶ୍ର, ଚିକିତ୍ସକ ହିସାବରେ: ବୀଣା ଦେଇ ଏବଂ ଜ୍ୟୋସ୍ନା ଦେଇ, ଶିକ୍ଷାବିତ୍ ଭାବେ ପ୍ରିୟମ୍ବଦା ମହାନ୍ତି (ହେଜମାଦି)। ଓଡ଼ିଶାରେ ନାରୀ ପ୍ରଗତିର ପଟାନ୍ତର ନାହିଁ।




ଏବେ ଭାରତରେ ନାରୀମାନଙ୍କୁ ଆଇନ ବଳରେ ପର୍ଯ୍ୟାପ୍ତ ସ୍ୱାଧୀନତା ଦିଆଯାଇଛି। ୧୯୯୨ର ୭୩ତମ ସଂଶୋଧନ ଅନୁଯାୟୀ ରାଜନୀତି କ୍ଷେତ୍ରରେ ତାଙ୍କ ପାଇଁ ସଂସଦ ଓ ବିଧାନସଭାରେ ୧/୩ ଅଂଶ ସ୍ଥାନ ସଂରକ୍ଷିତ ହୋଇଛି। ଭାରତରେ ପଞ୍ଚାୟତିରାଜ ଅନୁଷ୍ଠାନରେ ମହିଳାମାନଙ୍କ ସ୍ଥାନ ୫୦% ହେବାକୁ ଯାଉଛି। ଓଡ଼ିଶା ଏହି ୫୦% ମହିଳାମାନଙ୍କ ପାଇଁ ସଂରକ୍ଷଣ କରିବାରେ ଅଗ୍ରଣୀ ରାଜ୍ୟ। ସବୁ କ୍ଷେତ୍ରରେ ଏବେ ମହିଳାମାନଙ୍କ ପ୍ରବେଶ ଏବଂ ସେମାନେ ତାଙ୍କ ବୃତ୍ତିରେ ମଧ୍ୟ ସେମାନଙ୍କର ଚମତ୍କାରିତା ସୃଷ୍ଟି କରିଛନ୍ତି। ସ୍ୱାଧୀନତା ପୂର୍ବର ମହିଳାମାନଙ୍କ ଅବସ୍ଥା ଏବେ ସଂପୂର୍ଣ୍ଣ ପରିବର୍ତ୍ତନ ହୋଇଯାଇଛି। ତଥାପି ପୁରୁଷମାନଙ୍କର ପ୍ରାଧାନ୍ୟ କମିନାହିଁ। ଏବେ ନାରୀମାନେ ନିର୍ଯ୍ୟାତିତା, ଧର୍ଷିତା, ଅବହେଳିତା। ନାରୀମାନଙ୍କ ପ୍ରଗତି ପାଇଁ ଆମକୁ ଆହୁରି ଅନେକ ବାଟ ଚାଲିବାର ଅଛି। ଖୁସି ଯେ ନାରୀମାନେ ଏବେ ନିଜ ସଂପର୍କରେ ଯଥେଷ୍ଟ ସଚେତନ ହେଲେଣି। ନାରୀମୁକ୍ତି ଆନ୍ଦୋଳନରେ ସେମାନେ ନିଜକୁ ସାମିଲ କରି ନିଜର ଦାବୀକୁ ହାସଲ କରିବାରେ ସମର୍ଥ ହେଲେଣି।

୧୯୩୫ ମାର୍ଚ୍ଚ ୨ ତାରିଖ ଦିନ ନୂଆଦିଲ୍ଲୀରେ ସରୋଜିନୀ ନାଇଡୁ ମହିଳାମାନଙ୍କ ସଂପର୍କରେ ଦେଇଥିବା ଏକ ଭାଷଣରେ କହିଥିଲେ, "ମହିଳାମାନେ ପୁରୁଷମାନଙ୍କର ଆଉ ହାତହତିଆର ବା ଖେଳନା କଣ୍ଢେଇ ନୁହଁନ୍ତି। ମହିଳାମାନେ ବର୍ତ୍ତମାନ ନୂତନ ଉନ୍ମାଦନାରେ ଓ କର୍ମଶକ୍ତିରେ ଉଦ୍‌ବୁଦ୍ଧ ହୋଇଛନ୍ତି। ସେମାନଙ୍କୁ ଯେଉଁ ଦାୟିତ୍ୱ ଆଜିପର୍ଯ୍ୟନ୍ତ ଦିଆଯାଇଆସିଛି, କେବଳ ସେତିକି ପାଳନ କରି ଆଜି ସେମାନେ ଚାଲନ୍ତୁ-ଏହା ଆମେ ଚାହୁଁନାହୁଁ। ମହିଳାମାନେ ଆଇନ କ୍ଷେତ୍ରରେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ଏବଂ ତଜ୍ଜନିତ ଅନେକ କଷ୍ଟ ଭୋଗୁଛନ୍ତି। ଆଜି ଆମେମାନେ ଦେଶର ନୈତିକ, ଅର୍ଥନୈତିକ ଓ ରାଜନୈତିକ ଅଭିବୃଦ୍ଧି ପାଇଁ ପୁରୁଷମାନଙ୍କ ବେକରେ ଗୋଟାଏ ବୋଝ ହୋଇ ଝୁଲିବାକୁ ଆଉ ଚାହୁଁନାହୁଁ।"

ବାସ୍ତବିକ୍ ୧୯୩୫ ମସିହାରେ ସରୋଜିନୀ ନାଇଡୁଙ୍କର ଏ ଭାଷଣ ଆଜି କାର୍ଯ୍ୟତଃ ସାକାର ହୋଇଛି।

କେବଳ ଭାରତ ନୁହେଁ, ବିଶ୍ୱସ୍ତରରେ ନାରୀମୁକ୍ତି ଆନ୍ଦୋଳନ ପାଇଁ ସବୁଦେଶ ତତ୍ପର। ଆନ୍ତର୍ଜାତିକ ସ୍ତରରେ ଏ ନେଇ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ ମହିଳା ଦିବସ ରୂପେ ପାଳନ କରାଯାଏ। ଅନେକେ ଏ ଦିବସଟିର ଯଥାର୍ଥ ତାତ୍ପର୍ଯ୍ୟ ନ ବୁଝି ଏହାକୁ ମାତୃ ଦିବସ ଅଥବା ଭାଲେନ୍‌ଟାଇନ୍ ଦିବସ କିମ୍ବା ସେହିପରି ଅର୍ଥରେ ପାଳନ କରିଥାଆନ୍ତି। ବାସ୍ତବରେ ଏହା ତାହା ନୁହେଁ। ସମଗ୍ର ବିଶ୍ୱର ନାରୀମୁକ୍ତି, ନାରୀ ସ୍ୱତନ୍ତ୍ରତା ଏବଂ ନାରୀର ପ୍ରଗତି ନିମନ୍ତେ ସଚେତନତା ସୃଷ୍ଟି କରିବା ଅର୍ଥରେ ଏହା ଏକ ଦିବସ। ପୂର୍ବ ଇଉରୋପ, ଋଷ ଏବଂ ଅନ୍ୟ ସୋଭିଏତ ଦେଶରେ ଏହା ବିଶେଷତଃ ଛୁଟିଦିନ ଭାବେ ପାଳନ ହୋଇଆସୁଛି। ସୋସିଆଲିଷ୍ଟ ପାର୍ଟି ଆମେରିକାର ଘୋଷଣାକ୍ରମେ ୧୯୦୯ ଫେବୃୟାରୀ ୨୮ରେ ପ୍ରଥମ ଇଂଲଣ୍ଡ ଦ୍ୱାରା ଏହା ଜାତୀୟ ମହିଳା ଦିବସ ରୂପେ ପାଳିତ ହୋଇଥିଲା। ୧୯୭୫ରେ ପ୍ରଥମ ମିଳିତ ଜାତିସଂଘ ଦ୍ୱାରା ମାର୍ଚ୍ଚ ୮କୁ ଆନ୍ତର୍ଜାତିକ ମହିଳା ଦିବସ ରୂପେ ଆୟୋଜନ କରାଗଲା। ଏଥିପାଇଁ ପ୍ରତିବର୍ଷ ମିଳିତ ଜାତିସଂଘ ତରଫରୁ ଏକ ଥିମ୍ ରଖାଯାଇଥାଏ। ମହିଳାଙ୍କ ଅର୍ଥନୈତିକ, ରାଜନୀତିକ ଏବଂ ସାମାଜିକ ସଫଳତାର ଉତ୍କର୍ଷ ସ୍ୱରୂପ ଏହା ଅନୁଷ୍ଠିତ ହୋଇଥାଏ।

ଭାରତରେ ମହିଳାଙ୍କ ଉନ୍ନତିକଳ୍ପେ ଯଥେଷ୍ଟ ସୁବିଧା ଓ ସୁଯୋଗ ସୃଷ୍ଟି କରାଯାଇଛି। ଏପରିକି ଚଳିତ ବଜେଟ୍‌ରେ ମହିଳାମାନଙ୍କ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହା ନିଶ୍ଚିତ ଭାବରେ ଉତ୍ତମ ଲକ୍ଷଣ। ଆସନ୍ତୁ, ସେହି ନାରୀଶକ୍ତିର ଜୟଗାନ କରିବା: ***ଜୟ ଈଶ୍ୱରୀ ପତିତପାବନୀ ଲକ୍ଷ୍ମୀ ଗୋ ଜୟନାରୀ...।***

**ବିପିନବିହାରୀ ମହାନ୍ତି**
*ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮*

# ବିଭିନ୍ନ ୱାର୍ଡରୁ କାଉନସିଲର ଆଶାୟୀ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳର ବିଭିନ୍ନ ୱାର୍ଡରୁ ପ୍ରାର୍ଥୀମାନେ ଆଶାୟୀ ଅଛନ୍ତି। ହେଲେ ସେମାନଙ୍କୁ ଦଳୀୟ ଟିକେଟ ମିଳିନଥିବାରୁ ସେମାନେ ଟିକେଟ ଅପେକ୍ଷାରେ ଅଛନ୍ତି। ୧୯ନମ୍ବର ୱାର୍ଡରୁ ସମାଜସେବୀ ଦିଲ୍ଲିପ ମହାନ୍ତି ବିଜେଡିରୁ ଆଶାୟୀ ଅଛନ୍ତି। ଶ୍ରୀ ମହାନ୍ତି କରୋନା ସମୟରେ ମାସ୍କ, ସାନିଟାଇଜର ବାଣ୍ଟି ଲୋକଲୋଚନକୁ ଆସିଥିଲେ। ଶୀତଦିନେ ରାସ୍ତାକଡର ଅସହାୟମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରି ମଧ୍ୟ ସେ ଚର୍ଚ୍ଚାକୁ ଆସିଥିଲେ। ତେଣୁ ତାଙ୍କୁ ଟିକେଟ ଦିଆଯିବା ପାଇଁ ତାଙ୍କ ସମର୍ଥକମାନେ ଦାବି କରିଛନ୍ତି। ୨୧ନମ୍ବର ୱାର୍ଡରୁ କଂଗ୍ରେସ ଯୁବନେତା ଉମେଶ ପାଢୀ ଆଶାୟୀ ଅଛନ୍ତି। ଶ୍ରୀ ପାଢୀ କଂଗ୍ରେସର ଛାତ୍ରନେତା ଥିଲେ। ସରକାରୀ ବିରୋଧୀ ବିଭିନ୍ନ ଆନ୍ଦୋଳନରେ ନିଜକୁ ସାମିଲ କରି ସେ ସର୍ବଦା ଚର୍ଚ୍ଚାରେ ରହିଥାନ୍ତି। ତେଣୁ ତାଙ୍କୁ କଂଗ୍ରେସ ଟିକେଟ ଦେବା ପାଇଁ ତାଙ୍କ ସମର୍ଥକମାନେ ଦାବି କରିଛନ୍ତି। ୨୦ନମ୍ବର ୱାର୍ଡର ବିଜୟ କୁମାର ପତି ବିଜେଡି ଟିକେଟ ପାଇବା ପାଇଁ ଆଶାୟୀ ଅଛନ୍ତି। ଶ୍ରୀ ପତି ଦୀର୍ଘଦିନ ଧରି ସମାଜସେବା କାର୍ଯ୍ୟ କରିଆସୁଛନ୍ତି। ସେ ଦଳ ପ୍ରତିଷ୍ଠା ହେବା ଦିନରୁ ବିଜେଡି ସହ ଅଛନ୍ତି। ତେଣୁ ତାଙ୍କୁ ଟିକେଟ ଦିଆଯିବା ପାଇଁ ତାଙ୍କ ସମର୍ଥକମାନେ ଦାବି କରୁଛନ୍ତି। ସେହିପରି ପୌରାଞ୍ଚଳର ୧୯ନମ୍ବର ୱାର୍ଡରୁ ସମାଜସେବୀ ଜୀତେନ୍ଦ୍ର ବେହୁରାଙ୍କ ପତ୍ନୀ ମୋନାଲିସା ଦାସ ବିଜେଡିରୁ ଟିକେଟ ପାଇବା ପାଇଁ ଆଶାୟୀ ଅଛନ୍ତି। ତାଙ୍କ ସ୍ୱାମୀ ଜୀତେନ୍ଦ୍ରଙ୍କ ବିଭିନ୍ନ ସମାଜସେବା ମୂଳକ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଟୁଇଟ କରି ପ୍ରସଂଶା କରିଥିଲେ। ବିଭିନ୍ନ ପ୍ରାକୃତିକ ଦୁର୍ବିପାକ ସମୟରେ ଏବଂ କରୋନା ମହାମାରୀ ବେଳେ ଜୀତେନ୍ଦ୍ର ଗରିବ ଏବଂ ଅସହାୟ ଲୋକମାନଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେଇ ଚର୍ଚ୍ଚାକୁ ଆସିଥିଲେ। ତେଣୁ ମୋନାଲିସାଙ୍କୁ ଟିକେଟ ଦିଆଯିବା ପାଇଁ ତାଙ୍କ ସମର୍ଥକମାନେ ଦାବି କରିଛନ୍ତି।

## କେନ୍ଦ୍ରାପଡାର ନାଁକୁ ଅତିତରେ ବଦନାମ କରିଥିବା ବ୍ୟକ୍ତି ବିଜେଡି କାଉନସିଲର ପ୍ରାର୍ଥୀ ଦୌଡରେ

କେନ୍ଦ୍ରାପଡ଼ା (ପିଏନ୍): ଅତିତରେ କେନ୍ଦ୍ରାପଡାର ନାଁକୁ ବଦନାମ ଓ କଳଙ୍କିତ କରିଥିବା ଜନୈକ ବ୍ୟକ୍ତି ଏବେ କେନ୍ଦ୍ରାପଡା ପୌର ନିର୍ବାଚନରେ ବିଜୁଜନତା ଦଳରୁ କାଉନସିଲର ପ୍ରାର୍ଥୀ ହେବା ପାଇଁ ଲବି ଚଳାଇଥିବା ଅଭିଯୋଗ ହୋଇଛି। ସଂପୃକ୍ତ ବ୍ୟକ୍ତି ଜଣଙ୍କ ଗତ ୧୯୯୭ମସିହା ଡିସେମ୍ବର ମାସରେ ଜନୈକ ଯୁବତୀଙ୍କୁ ଜୋରଜବରଦସ୍ତି ଦୁଷ୍କର୍ମ କରିବା ସହିତ ସେହି ସମୟର ନଗ୍ନ ଫଟୋ ଉଠାଇଥିଲେ। ସେହି ଫଟୋକୁ ଦେଖାଇ ଯୁବତୀ ଜଣଙ୍କୁ ବ୍ଲାକମେଲିଂ କରିବା ଯୋଗୁଁ ଯୁବତୀ ଜଣଙ୍କ ବିଷ ପିଇ ଆତ୍ମହତ୍ୟା କରିଥିଲେ। ସେ ସମୟରେ ଏହି ଘଟଣାକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାର ନାମ କଳଙ୍କିତ ହୋଇଥିଲା। ପରେ ସଂପୃକ୍ତ ବ୍ୟକ୍ତି ଗିରଫ ହୋଇ ଜେଲ ଯାଇଥିଲେ। ସେହି ବ୍ୟକ୍ତି ଜଣଙ୍କ ଗତ ୨୦୧୧ ମସିହାରେ ବିଜେଡିରୁ କାଉନସିଲର ପ୍ରାର୍ଥୀ ହେବାକୁ ଆବେଦନ କରି ଲବି ଚଳାଇଥିଲେ। କିନ୍ତୁ ଏଭଳି ଅପରାଧୀକ ଘଟଣା ସହିତ ସେ ସଂପୃକ୍ତ ଥିବା ଜଣାପଡିଯିବା ପରେ ଦଳର ସୁପ୍ରିମୋ ତାଙ୍କ ଆବେଦନକୁ ନାକଚ କରିଦେଇଥିଲେ। ଏବେ ପୁଣି ସେହି କଳଙ୍କିତ ବ୍ୟକ୍ତି ଜଣଙ୍କ ବିଜେଡିରୁ କାଉନସିଲର ପ୍ରାର୍ଥୀ ହେବାକୁ ମସୁଧା ଚଳାଇଥିବା ଅଭିଯୋଗ ହୋଇଛି। ମା'କୁ ସମ୍ମାନ ଦେଉଥିବା ବିଜୁ ଜନତା ଦଳ ସଂପୃକ୍ତ ବ୍ୟକ୍ତିଙ୍କୁ ଦଳୀୟ ଟିକେଟ ପ୍ରଦାନ ନକରିବାକୁ ସାଧାରଣରେ ଦାବି ଜୋର ଧରିଛି।

## ପିପିଏଲ ଡିଏଭି ସ୍କୁଲ ପକ୍ଷରୁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ପାରାଦୀପ (ପିଏନ୍)-ଆନ୍ତର୍ଜାତୀୟ ମାତୃଭାଷା ଦିବସ ପରିପ୍ରେକ୍ଷୀରେ ପିପିଏଲରେ ଥିବା ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ ଏହି କାର୍ଯ୍ୟକ୍ରମ କରୋନା କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସଂଜିବ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବେଦମନ୍ତ୍ର ଓ ଆଧ୍ୟାତ୍ମିକ ପରିବେଶରୁ ଆରମ୍ଭ ହୋଇଥିଲା । ଏଥିରେ ଶ୍ରୀ ସାହୁ ମାତୃଭାଷା ପାଳନ କରିବା ଉଦ୍ଦେଶ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଇତିହାସରୁ କିଛି ଛାତ୍ରଙ୍କର ବଳିଦାନ ଓ ସେହି ସହିଦ୍‌ମାନଙ୍କର ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ ଜାତୀସଂଘର ସ୍ୱୀକୃତି କ୍ରମେ ଆ'ର୍ଜାତୀକ ସ୍ତରରେ ମାତୃଭାଷା ଦିବସ ପାଳନର ମହତ୍ୱ ବିଷୟରେ ଶ୍ରୀ ସାହୁ ଆଲୋକପାତ କରିଥିଲେ ଏବଂ ନୂତନ ଶିକ୍ଷା ପଦ୍ଧତିରେ ମଧ୍ୟ ସବୁ ବିଦ୍ୟାଳୟ ପ୍ରାଥମିକ ସ୍ତରରେ ଶିକ୍ଷକମାନେ ମାତୃଭାଷାର ପ୍ରୟୋଗ କରନ୍ତୁ ବୋଲି ମତବ୍ୟକ୍ତ କରିଥିଲେ । ଏହି ଦିବସରେ ବହୁ ସଂଖ୍ୟାରେ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ୟୁଟୁବ୍ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଡିଏଭି ପବ୍ଲିକ ସ୍କୁଲର ସଂଯୋଜକ ବୃନ୍ଦାବନ ରାଉତ ଓ ସଂଯୋଜିକା ରାଜଶ୍ରୀ ମହାପାତ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ତତ୍ତ୍ୱଦର୍ଶନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ନବୀନଙ୍କ ସ୍ୱଚ୍ଛ ଶାସନରେ ଯୁବପିଢୀ ଅନୁପ୍ରାଣିତ




କେନ୍ଦ୍ରାପଡ଼ା (ପିଏନ୍): ଓଡିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନରେ ଆଜିର ଯୁବ ପିଢୀ ଅନୁପ୍ରାଣିତ ହୋଇ ପଡିଥିବା ଦେଖାଯାଇଛି। ଯେଉଁଥି ପାଇଁ କେନ୍ଦ୍ରାପଡା ପୌରଞ୍ଚଳର ବିଭିନ୍ନ ୱାର୍ଡରୁ ବହୁ ଯୁବକ ବିଜୁ ଜନତା ଦଳରୁ କାଉନସିଲର ପଦରେ ପ୍ରାର୍ଥୀ ହେବା ପାଇଁ ମନବଳାଇଥିବା ଦେଖାଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି କେନ୍ଦ୍ରାପଡା ପୌରାଞ୍ଚଳର ୫ନମ୍ବର ୱାର୍ଡରୁ ଛାତ୍ର ଜୀବନରୁ ସମାଜସେବା କାର୍ଯ୍ୟରେ ନିୟୋଜିତ ଥିବା ଯୁବ ଡାକ୍ତର ସୁମିତ କୁମାର ସାହୁ, ୱାର୍ଡ ନମ୍ବର ୧୩ରୁ ସେକ ଅଇନୁଲ, ୱାର୍ଡ ନମ୍ବର ୧୮ରୁ ଉଚ୍ଚଶିକ୍ଷିତ ଯୁବକ ଅଫସର ଶେଖ ଓ ୱାର୍ଡ ନମ୍ବର ୧୯ରୁ ରକ୍ତଦାତା ତଥା ଯୁବ ସମାଜସେବୀ ପ୍ରଭାତରଞ୍ଜନ ଦାସ ପ୍ରମୁଖ। ଏହି ଯୁବକମାନେ ବିଜୁ ଜନତା ଦଳରୁ କେନ୍ଦ୍ରାପଡା ପୌରାଞ୍ଚଳର ବିଭିନ୍ନ ୱାର୍ଡରୁ କାଉନସିଲର ପ୍ରାର୍ଥୀ ହେବାକୁ ଆବେଦନ କରିଥିବା ଜଣାପଡିଛି। ଏମାନଙ୍କ ମଧ୍ୟରେ ଡା. ସୁମିତ ରୋଗୀସେବାରେ ନିୟୋଜିତ ଥାଇ ଜନତାଙ୍କ ସେବା ପାଇଁ ମନବଳାଇଥିବା ବେଳେ 'ସଂଜୀବନୀ' ଅନୁଷ୍ଠାନ ମାଧ୍ୟମରେ ଏକ ଶହରୁ ଉର୍ଦ୍ଧ୍ୱ ଥର ରକ୍ତଦାନ ଶିବିରର ଆୟୋଜନ କରି ପ୍ରାୟ ୫ହଜାରରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗୃହିତ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପ୍ରଭାତରଞ୍ଜନ ଅଛନ୍ତି। ସେହିଭଳି କରୋନା ସମୟରେ ଅସହାୟ ଲୋକମାନଙ୍କୁ ସହାୟତା ପ୍ରଦାନ ସହ ମହାମାରୀ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିବା ଅଫସର ଓ ଅଇନୁଲଙ୍କ ଭଳି ଯୁବକମାନେ ଅଛନ୍ତି।

## ନାମାଙ୍କନ ନ କରିବାକୁ ନେଇ ଚର୍ଚ୍ଚା: ପଟ୍ଟାମୁଣ୍ଡାଇ ପୌରସଂସ୍ଥାରେ ୧ , କେନ୍ଦ୍ରାପଡ଼ାରେ ଶୂନ



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ନିର୍ବାଚନ ଆୟୋଗ ପୌର ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପାଇଁ ଚଳିତମାସ ୨ରୁ ୭ତାରିଖ ପର୍ଯ୍ୟନ୍ତ ଦିନାଙ୍କ ଘୋଷଣା କରିଥିଲେ। କିନ୍ତୁ ଗତ ୨ ତାରିଖରୁ ଏହି ଆଧାରରେ ପଟ୍ଟାମୁଣ୍ଡାଇ ପୌରପାଳିକାରେ ଜଣେ ମାତ୍ର କଂଗ୍ରେସ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସେ ହେଉଛନ୍ତି କଂଗ୍ରେସ ଦଳର ୧୯ନମ୍ବର କାଉନସିଲର ପ୍ରାର୍ଥୀ ସଞ୍ଜୟ କୁମାର ପଣ୍ଡା। କିନ୍ତୁ କେନ୍ଦ୍ରାପଡ଼ା ପୌରପାଳିକାରେ ନାମାଙ୍କନ ଦାଖଲ ସଂଖ୍ୟା ଶୂନ ରହିଛି। କାରଣ ନା କଂଗ୍ରେସ, ନା ବିଜେପି ନା ବିଜେଡି ଦଳରୁ କେହି ନାମାଙ୍କନ ଦାଖଲ କରି ନାହାଁନ୍ତି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଦିନରେ ବି କେନ୍ଦ୍ରାପଡ଼ା ପୌରପାଳିକାର ଜଣେ ହେଲେ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନାହାଁନ୍ତି। ଏହାର କାରଣ ହେଉଛି କଂଗ୍ରେସ ଦଳରୁ ଲକ୍ଷ୍ମୀପ୍ରିୟା ବାରିକ, ଗୋପିନାଥ ବାରିକ, ଅନ୍ନପୂର୍ଣ୍ଣା ଦାସ, ନଜମା ବେଗମ, ଉମେଶ ପାଢୀ ପ୍ରମୁଖ ଦଳୀୟ ଟିକେଟ ପାଇଁ ଆବେଦନ କରିଥିବା ବେଳେ ବିଜେପି ଦଳରୁ ମଧ୍ୟ କେତେକ ବ୍ୟକ୍ତି ଦଳୀୟ ଟିକେଟ ପାଇଁ ଆବେଦନ କରିଛନ୍ତି। କୌଣସି ଦଳରେ ଟିକେଟ ଫାଇନାଲ ହୋଇନଥିବା ଜଣାପଡିଛି। ବିଜେପି ଓ କଂଗ୍ରେସ କାହାକୁ ପ୍ରାର୍ଥୀ କରିବେ ସେ ନେଇ ମନସ୍ଥ କରିଥିଲେ ବି ସେମାନେ ବିଜେଡି କେଉଁଦିନ ପ୍ରାର୍ଥୀ ତାଲିକା ଘୋଷଣା କରୁଛି ତାହାକୁ ଅପେକ୍ଷା କରିଛନ୍ତି। କିନ୍ତୁ ବିଜେଡିରୁ ଅଧିକ ଆଶାୟୀ ପ୍ରାର୍ଥୀ ଟିକେଟ ପାଇଁ ଆବେଦନ କରିଥିବାରୁ ଅଙ୍କକଷା ଛିଣ୍ଡୁ ନାହିଁ। ଫଳରେ ବିଜେଡିର ଟିକେଟ ଫାଇନାଲ ହୋଇପାରୁନଥିବା ଶୁଣିବାକୁ ମିଳିଛି।

## କେନ୍ଦ୍ରାପଡା ପୌରାଧ୍ୟକ୍ଷ ଦୌଡରେ ବିଜେପିରୁ ନଜମା



କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ପୌରାଧ୍ୟକ୍ଷ ପଦ ପାଇଁ ଭାରତୀୟ ଜନତା ପାର୍ଟିରୁ ପ୍ରାର୍ଥୀ ହେବା ପାଇଁ ବିଜେପି ରାଜ୍ୟ ସଂଖ୍ୟାଲଘୁ ସେଲର ଉପସଭାପତି ମହମ୍ମଦ ସଲିମ ଖାନଙ୍କ ପତ୍ନୀ ନଜମା ବେଗମ ଦଳୀୟ ଟିକେଟ ପାଇଁ ଆବେଦନ କରିଛନ୍ତି। ନଜମାଙ୍କ ସ୍ୱାମୀ ସଲିମ ପୂର୍ବତନ କେନ୍ଦ୍ରାପଡା ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ସହିତ ରହି ଦୀର୍ଘବର୍ଷ ଧରି ଦଳର ସାଂଗଠନିକ କାର୍ଯ୍ୟରେ ନିୟୋଜିତ ରହି ଆସିଛନ୍ତି। ବିଗତ ସାଧାରଣ ନିର୍ବାଚନ ସମୟରେ ସଲିମ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦଳ ପାଇଁ ପ୍ରଚାର କରିବା ସହ ଦଳୀୟ ସଂଗଠନକୁ ମଜଭୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମଧ୍ୟ ସଲିମ ଦଳୀୟ ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିଥିଲେ। ଏଥିସହିତ ସଲିମ ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଶ୍ରୀ ପଣ୍ଡାଙ୍କ ସହ ଆସାମ ରାଜ୍ୟରେ ବିଗତ ଦିନରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିଥିଲେ। ଆସାମରେ ବିଜେପି ସରକାର କରିଛି। ବିଭିନ୍ନ ସମୟରେ ଯୁବନେତା ସଲିମ କେନ୍ଦ୍ରାପଡାର ଗରିବ ଅସହାୟ ଲୋକମାନଙ୍କୁ ମଧ୍ୟ ସହାୟତା ପ୍ରଦାନ କରିଥାନ୍ତି। ଜଣେ ମିଷ୍ଟଭାଷୀ, ମେଳାପି ତଥା ମହିଳାମାନଙ୍କୁ ସଂଗଠିତ କରିବାରେ ନଜମା ବେଶ ପାରଙ୍ଗମ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ଅପ୍ରେଲ ୨୯

# ଗୋପବନ୍ଧୁ ଚୌଧୁରୀ

ଓଡ଼ିଶାର ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଗାନ୍ଧିବାଦୀ ନେତା ଭାବେ ଗୋପବନ୍ଧୁ ଚୌଧୁରୀ ପରିଚିତ ବ୍ୟକ୍ତିତ୍ୱ। ସେ କଟକରେ ୮ମଇ ୧୮୯୫ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ଗୋପବନ୍ଧୁ ଯେଉଁଘରେ ଜନ୍ମ ଗ୍ରହଣ କରିଥିଲେ, ସେ ଘର ପରବର୍ତ୍ତୀ ସମୟରେ ସ୍ୱରାଜ ଆଶ୍ରମରେ ପରିଣତ ହୋଇଥିଲା। କଲିକତାରେ ସେ ଆଇନ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ୧୯୧୭ ମସିହାରେ କଟକର ଡେପୁଟି ମାଜିଷ୍ଟ୍ରେଟ ରୂପେ ଅବସ୍ଥାପିତ ହୋଇଥିଲେ। ୧୯୨୦ ମସିହାରେ ଭୀଷଣ ନଈବଢ଼ି ସମୟରେ ଗୋପବନ୍ଧୁ ବନ୍ୟ ପ୍ରପୀଡ଼ିତ ଅଞ୍ଚଳରେ ସରକାରଙ୍କୁ ଅଧିକ ସାହାଯ୍ୟ କରିବା ପାଇଁ ଦାବି ଜଣାଇଥିଲେ। ବ୍ରିଟିଶ ସରକାର ତାଙ୍କର ଦାବି ଅଗ୍ରାହ୍ୟ କରିଦେବାରୁ ସେ ସରକାରୀ ଚାକିରୀରୁ ଇସ୍ତଫା ପ୍ରଦାନ କରିଥିଲେ। ତାପରେ ସେ ସତ୍ୟବାଦୀ ଯାଇ ଗୋପବନ୍ଧୁଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। କଂଗ୍ରେସରେ ଯୋଗଦାନ, ଗାନ୍ଧିନୀତି ଅନୁସରଣ, ଖଦଡ଼ ଲୁଗା ପିନ୍ଧିବା, ଆଶ୍ରମ ଓ ଦରିଦ୍ର ନାରାୟଣଙ୍କ ସେବା ଆଦି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ୧୯୨୧ ମସିହାରେ ଅଳକା ନଦୀ କୂଳରେ ପ୍ରଥମେ ଏକ ଶିକ୍ଷାନୁଷ୍ଠାନ ଓ ପରେ ଅଳକାଶ୍ରମ ପ୍ରତିଷ୍ଠା କରିଥିଲେ। ୧୯୩୪ ମସିହାରେ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ସେ ବରୀକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ଗ୍ରାମ ସେବା, ନିଶା ନିବାରଣ, ପୌରଶିକ୍ଷା, ହରିଜନ ସେବା, ମୌଳିକ ଶିକ୍ଷା ସହ ଗ୍ରାମ ଅର୍ଥନୀତିର ଉନ୍ନତି ପାଇଁ ଉଦ୍ୟମ କରିଥିଲେ। ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟ ଲବଣ ସତ୍ୟାଗ୍ରହ, ଅସହଯୋଗ ବିପ୍ଲବ ଓ


ଡ଼ଃ.ଅରୁନ୍ଧତୀ ଦେବୀ

ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ କାରାବରଣ କରିଥିଲେ। ୧୯୩୦ରେ ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହ ଓ ୧୯୪୨ରେ ଭାରତଛାଡ଼ ଆନ୍ଦୋଳନ ସତ୍ୟାଗ୍ରହ ବେଳେ ସେ ପୁଲିସ ଲାଠିଚାଳନାରେ ଆହାତ ହୋଇ କଟକ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ସ୍ୱାଧୀନତା ପରେ ସେ ସନ୍ଥ ବିନୋବା ଭାବେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭୂଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେ ସମାଜ ସଂସ୍କାର ଅଭିମୁଖୀ ଓ ଆଧ୍ୟାତ୍ମିକ ଜ୍ଞାନସମ୍ପନ୍ନ ଭିତ୍ତିକ ଲେଖା ଲେଖୁଥିଲେ। ସରଳ ଜୀବନ ଓ ବନ୍ଧୁବତ୍ସଳତା ଥିଲା ତାଙ୍କର ଅତ୍ୟନ୍ତ ଶ୍ରେଷ୍ଠ ଗୁଣ। ଗୋପବନ୍ଧୁ ଚୌଧୁରୀଙ୍କ ଶେଷ ଜୀବନ କଟିଥିଲା କଟକର ଥୋରିଆ ସାହିରେ ଥିବା ଭୂଦାନ ଆଶ୍ରମରେ। ୨୯ ଅପ୍ରେଲ ୧୯୫୮ ମସିହାରେ ସେ ମୃତ୍ୟୁ ବରଣ କରିଥିଲେ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଣୋଳନମୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୪୩୭୧୭୨୮୧୦*

# ଚିନ୍ତାମଣି ପାଣିଗ୍ରାହୀ

ଚିନ୍ତାମଣି ପାଣିଗ୍ରାହୀ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଜଣେ ସକ୍ରିୟ କର୍ମୀ, ରାଜନୈତିକ ଓ ସାମାଜିକ ନେତା ଥିଲେ। ସେ ୧୯୮୯ରୁ ୧୯୯୩ ପର୍ଯ୍ୟନ୍ତ ମଣିପୁରର ରାଜ୍ୟପାଳ ଭାବେ କାମ କରୁଥିଲେ। ରାଜ୍ୟ ଓ ଲୋକଙ୍କ ଉନ୍ନତି ନିମନ୍ତେ ସେ କରିଥିବା କାମ କାରଣରୁ ମଣିପୁରବାସୀ ତାଙ୍କ ଲୋକଙ୍କ ରାଜ୍ୟପାଳ କହୁଥିଲେ। ସେ ଭାରତର ଓଡ଼ିଶା ପ୍ରଦେଶରେ ଥିବା ବିଶ୍ୱନାଥପୁର ଗ୍ରାମରେ ୧୯୨୨ ମସିହା ମାର୍ଚ୍ଚ ୨୨ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ୧୯୩୮ ମସିହାରେ ଭେଭେନ୍ସା କଲିଜିଏଟ ସ୍କୁଲର ଅଧକ୍ଷ ଶ୍ରୀସୁକାନ୍ତ ରାୟଙ୍କ ଅଧକ୍ଷତାରେ ଗଠିତ ହୋଇଥିବା ବିଚ୍ଛିନ୍ନ ଉତ୍କଳ ଅବକାଶ ବାହିନୀର ଚନ୍ତାମଣୀ ଜଣେ ସକ୍ରିୟ ସଭ୍ୟ ଥିଲେ। ଓଡ଼ିଶା ପ୍ରଦେଶର ପୁର୍ନଗଠନ ବେଳେ ସଂଯୁକ୍ତ ନ ହୋଇପାରିଥିବା ଅଞ୍ଚଳମାନଙ୍କରେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ସୁରକ୍ଷା ଦେବା ଏହାର ଲକ୍ଷ୍ୟ ଥିଲା। ସେ ବିଭିନ୍ନ ଅଞ୍ଚଳ ବୁଲି ଓଡ଼ିଆରେ ଲୋକଙ୍କ ସହିତ କଥାବାର୍ତ୍ତା କରି ଜାତୀୟ ଏକତା ବଜାୟ ରଖିବାକୁ ପ୍ରବର୍ତ୍ତାଉ ଥିଲେ। ସେ ଏକାଧାରରେ ଜଣେ ସାମ୍ବାଦିକ, ଲେଖକ ଓ ଶ୍ରମିକ ନେତା ଥିଲେ। ତାଙ୍କର ଅନେକ ପୁସ୍ତକ ଭାରତର ବିଭିନ୍ନ ପ୍ରାନ୍ତୀୟ ଭାଷାରେ ଅନୁବାଦ ହୋଇ ଲୋକପ୍ରିୟତା ପାଇଛନ୍ତି ସେ


ବିପିନ ବିହାରୀ ରାଉତ

ଅନେକ ଜାତୀୟ ଖବରକାଗଜ ପାଇଁ ନିୟମିତ ସ୍ତମ୍ଭ ରଚନା ମଧ୍ୟ କରୁଥିଲେ। ସେ ଲୋକସଭାକୁ ୧୯୭୧ ମସିହାରେ ପୁରୀ ନିର୍ବାଚନ ମଣ୍ଡଳୀରୁ କମ୍ୟୁନିଷ୍ଟ ପାର୍ଟି ତରଫରୁ ନିର୍ବାଚିତ ହୋଇଥିଲେ। ପରେ ସେ କଂଗ୍ରେସରେ ଯୋଗ ଦେଇଥିଲେ। ୧୯୭୭, ୧୯୮୦, ୧୯୮୪ ମସିହାରେ ସେ ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀରୁ ଲୋକସଭାକୁ ପୁନଃ ନିର୍ବାଚିତ ହୋଇଥିଲେ। ଘରୋଇ ବିଭାଗର ରାଜସ୍ୱମନ୍ତ୍ରୀ, ପ୍ରତିରକ୍ଷା ବିଭାଗର ରାଜସ୍ୱ ମନ୍ତ୍ରୀ ଓ ମଣିପୁରର ରାଜ୍ୟପାଳ ଭାବେ ସେ କାମ କରିଛନ୍ତି। ୨୦୦୦ ମସିହା ଅପ୍ରେଲ ୨୯ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା।

*ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୬୬୬୪୫୩*

# କର୍ମ ନିବୃତ୍ତ / ବରିଷ୍ଠ ନାଗରିକଙ୍କୁ ଚେତାବନୀ / ଆହ୍ୱାନ (୨/୪) !

ଯଥେଷ୍ଟ ଅଭିଜ୍ଞ ସେବାନିବୃତ୍ତଙ୍କୁ ମାନସିକ ସ୍ତରରେ ମଧ୍ୟ ସାମାଜିକ କାର୍ଯ୍ୟ ନିବୃତ୍ତ କରି ରଖିବା ପଛରେ ରହିଛି ସାଙ୍ଘାତିକ ଷଡ଼ଯାନ୍ତ୍ରୀକ ଉପାୟ ଯାହା ଅବଲମ୍ବନ କରି ଶାସନ ଚଳାଇଛନ୍ତି ନର ରକ୍ଷାସଗଣ । ସେମାନଙ୍କୁ ଉପଯୁକ୍ତ ଶାସ୍ତି ଦେବାପାଇଁ ନାହିଁ କ୍ଷମତା ଆଜିର ଏହି ବାଲୁତ ମସ୍ତିଷ୍କ ନିର୍ବୋଧ ଶିକ୍ଷିତ ଯୁବ ପିଢ଼ିଙ୍କର । ତେଣୁ ବରିଷ୍ଟଙ୍କ କର୍ତବ୍ୟନିଷ୍ଠତାର ବ୍ୟାପକତା ଅନୁଭବ କରିବାକୁ ହେବ ସେମାନଙ୍କୁ, ଏବଂ ଏକ ଦୃଢ଼ ସଂକଳ୍ପ ଭିତ୍ତିରେ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଆଗେଇ ଆସିବାକୁ ହେବ ଆଜି ସମୟରେ । ମଣିଷ ସାଂସାରିକ ଜ୍ଞାନପ୍ରାପ୍ତି ହେବା ପ୍ରାରମ୍ଭରୁ ଶେଷମଧ ଭାଗ (ଅବସର) ପର୍ଯ୍ୟନ୍ତ ଜୀବନରେ କେତେଯେ ଝଡଝା ଦେଇ ଗତି କରି ନିଜର ଓ ପରିବାର ତଥା ଭବିଷ୍ୟ ପିଢ଼ିଙ୍କ ପାଇଁ କ'ଣ କ'ଣ ସବୁ କରିଚଲେ ତାହା ସମ୍ପୃକ୍ତ ବ୍ୟକ୍ତିଙ୍କ ନିଜସ୍ୱ ଅଭିଜ୍ଞତା ରହିଥାଏ ଯାହା ଅପ୍ରାପ୍ତ ମଣିଷଙ୍କୁ ସହଜରେ ଅନୁମେୟ ନୁହେଁ। ବ୍ୟାପକ ସାମାଜିକ ରୀତି ନୀତି ତଥା ସୁଖ ଦୁଃଖ ମଧ୍ୟରେ ଜଣେ ମଣିଷ ନିଜକୁ ତଥା ନିଜର ସର୍ବଦିଗ ସ୍ୱାର୍ଥକୁ ଜଳାଳି ଦେଇ ପୁତ୍ର ପୌତ୍ରାଦିଙ୍କ ପାଇଁ କେତେଯେ ସ୍ୱପ୍ନ ଦେଖି କ'ଣ କ'ଣ କରି ଚଲିଥାଏ କହିବା ଆବଶ୍ୟକ ନାହିଁ, କାରଣ ସେମାନେ ସମସ୍ତେ ନିଜେ ନିଜେ ତାହାର ବ୍ୟକ୍ତିଗତ ଉଦାହରଣ। ଜୀବନ ଅଧ୍ୟାୟର ସବୁ ବିଷୟକୁ ଆଲୋଚନା ନକରି କେବଳ କେତେକ ବିଷୟ ଉପରେ ଆଲୋଚନା କରି ଦେଖିବା ଯେ ଆମେ ଭାବିଥିବା ଏବଂ କରିଥିବା କର୍ମ ଗୁଡିକର ଗତିବିଧି କେଉଁ ଦିଗଗାମୀ ହୋଇ ଚଲିଛି ଏବଂ ତାହାର ଭବିଷ୍ୟତ କ'ଣ ହେବାକୁ ଯାଉଛି । ଯଦି କିଂଚିତ ସଚେତନ ହୋଇ ସେଗୁଡିକର ପୁନରାବୃତ୍ତି ନକରିବା ଆମର ସାରା ଜୀବନର କଷ୍ଟ ଯେ ପାଣି ପରି ବୋହିଯିବ ସେଇଥିରେ କୌଣସି ସନ୍ଦେହ ନାହିଁ । ତେଣୁ ଆସନ୍ତୁ ବିଚର କରି ଦେଖିବା ଆମ ସଂଚିତ କର୍ମଫଳର ଉପଯୋଗୀତା ଏବଂ ଆମ କର୍ତ୍ତବ୍ୟନିଷ୍ଠା ଉପରେ ଏକ ପ୍ରୟୋଗାତ୍ମକ ଅନୁଶୀଳନ କରି ଏବଂ ଆଗକୁ କ'ଣ... ? ସମାଜର ଜଣେ ସାଧାରଣ ପୁରୁଷ ହେଉକି ମହିଳା, ଜୀବନ ଅଧ୍ୟାୟର କେତେ ଯେ ସୋପାନରେ ବିଭିନ୍ନ କର୍ମ, ଧର୍ମ କରି ନିଜସ୍ୱ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଜଳାଳି ଦେଇ କେବଳ ନିଜ ପରିବାର ତଥା ପୁତ୍ର ପୌତ୍ରାଦିଙ୍କ ସମସ୍ତ ସୁଖକୁ ସମ୍ପୂର୍ଣ୍ଣ କରିବା ତଥା ସେମାନଙ୍କ ଭବିଷ୍ୟତ ପାଇଁ ବ୍ୟାପକ ଅର୍ଥ, ଧନ, ସମ୍ପତ୍ତି ସଂଚୟ କରିବା ଚିନ୍ତନ ଆମର ଏକ ସାଧାରଣ ସାମାଜିକ ପାରିପାର୍ଶ୍ୱିକ ଶିକ୍ଷଣିୟତା ଜନିତ ବିଚର। ଏହି କଥାକୁ କେହି ଅସ୍ୱୀକାର କରି ପାରିବେ ନାହିଁ। ହେଲେ ଉପସ୍ଥିତ ସମୟର ବିଭିନ୍ନ ମାର୍ଗରେ ଆଦାୟ ଅର୍ଥକୁ ଆମେ ନିଜେ ଉପଭୋଗ ନକରି ଯେଉଁ ସଂଚୟ କରିଥାଉ ସେଗୁଡିକର ଉତ୍ପାଦତା ତଥା ଅଭିବୃଦ୍ଧି ଉପରେ କୌଣସି ଜ୍ଞାନ ନଥାଇ କେବଳ ପାରିପାର୍ଶ୍ୱିକ ପରିସ୍ଥିତି ଜନିତ ଶିକ୍ଷଣିୟତା


ପଙ୍କଜ କୁମାର ପାଣିଗ୍ରାହୀ

ଉପରେ ଆଧାର କରି ହୋଇଥାଏ ଆମ ବିନିଯୋଗ ଯାହା ଭବିଷ୍ୟତରେ ଗୁଣାତ୍ମକ ମାନରେ ଅଭିବୃଦ୍ଧି ହେବାର ସମ୍ଭାବନା ଆମେ ଜାଣିଥାଉ କେବଳ ସାମାଜିକ କ୍ଷେତ୍ରରେ ଉପଲବ୍ଧ ବିଭିନ୍ନ ପ୍ରହେଳିକା କାରଣରୁ। ଆମର ନିଜସ୍ୱ ଦିଗାବ ଜ୍ଞାନ ନଥାଏ ତାହାରି ଉପରେ ଯେ ମୁଁ ଯାହା ସବୁ କରୁଛି ସେଗୁଡ଼ିକ ବାସ୍ତବରେ ଠିକ୍ ନା ଭୁଲ ? ଆଉ ବର୍ତ୍ତମାନର ଅବ୍ୟବହୃତ ସଂଚିତ ସମ୍ପତ୍ତି ଗୁଡ଼ିକ ଭବିଷ୍ୟତରେ ବ୍ୟାପକ ଅଭିବୃଦ୍ଧି ହୋଇ ମୋର ସମ୍ପତ୍ତି ଗୁଣାତ୍ମକ ହେବ କି ନାହିଁ ? ଏହି ବିଷୟର ଶୂନ୍ୟ ହିସାବ, ସଂଚୟ ଆମକୁ କ'ଣ ଦିଏ ଏବଂ ତାହାର ଉପଯୁକ୍ତ ମୂଲ୍ୟାବୋଧ କ'ଣ ଦେଖିବା ? ! ରଙ୍କ ସଞ୍ଚି ବୀର ଖାଏ, ଦୁଃଖ ପାଣି ପରି ଯାଏ ! ଅର୍ଥାତ ରଙ୍କି ଭଳି ସାରା ଜୀବନରେ କଷ୍ଟ ଅର୍ଜିତ, ସଂଚିତ ସମ୍ପତ୍ତିକୁ ନିଜେ ଉପଭୋଗ ନକରି ସଂଚୟ କରୁଥିବା ମଣିଷର ସମସ୍ତ ଅର୍ଥକୁ କେମିତି ପରୋକ୍ଷରେ ହରିଲୁଟ କରିଥା'ନ୍ତି ବ୍ୟାପାରୀ ଯାହାଙ୍କ ପ୍ରରୋଚନାରେ ଆମେ ଆଜି ସମସ୍ତେ ନିର୍ବୋଧ ନାଗର, କରିବା କିପରେ ! ମହାଭାଗ ହୁଏତ ଆପଣ ଜଣେ ଅତ୍ୟନ୍ତ ଦକ୍ଷ ଉଚ୍ଚ ପଦାଧିକାରୀ ଭାବେ ଅବସର ଗ୍ରହଣ କରିଥାଇ ପାରନ୍ତି ଅଥବା ଜଣେ ନିମ୍ନରେ ଥିବା କାର୍ଯ୍ୟସେବୀ ନିବୃତ୍ତ ବରିଷ୍ଠ ନାଗରିକ। ଆପଣଙ୍କ ଶିକ୍ଷା, ସାମାଜିକ କ୍ଷେତ୍ରରେ କେତେଯେ ଦକ୍ଷତା, କ୍ଷମତା ରହିଥିଲେ ମଧ୍ୟ ଆର୍ଥିକ ପରିଚାଳନା କ୍ଷମତା ଯେ ଜଣେ ଚତୁର ବ୍ୟବସାୟୀଙ୍କ ଠାରୁ ଯଥେଷ୍ଟ କମ୍ ସେକଥା ହୁଏତ କେବେ ଅନୁଭବ ହୋଇନଥିବ ଆପଣଙ୍କୁ। କିନ୍ତୁ ଏହା ନିଚାଟ ସତ୍ୟ ! ତେଣୁ ଆପଣ ଜୀବନ ସାରା ଏତେ ପରିଶ୍ରମ କରି, ନିରୋଳା ଭାବେ ହେଉ କିମ୍ବା ଲାଞ୍ଚ ଖାଇ, ଦୁର୍ନୀତି କରି ହେଉ, କି ଭ୍ରଷ୍ଟାଚାରରେ କରି ଜୀବନର ସମସ୍ତ ମାନ, ମର୍ଯ୍ୟାଦାକୁ କ୍ଷୀଣ କରି ମଧ୍ୟ ଯେତିକି ସମ୍ପତ୍ତି ଠୁଳ କରିବାରେ ସକ୍ଷମ ହୋଇନାଥା'ନ୍ତି କେବଳ ଜଣେ ଚତୁର ବ୍ୟବସାୟୀ ନିଜ ଚତୁରତା ବଳରେ ଖୁବ୍ କମ୍ ଦିନ ମଧ୍ୟରେ ଆପଣଙ୍କ ଠାରୁ ହଜାର ହଜାର ଗୁଣ ଧନ ଅର୍ଜନ କରିବାରେ ସକ୍ଷମ ହୋଇଥାଏ। ଏହି ବିଷୟରେ କୌଣସି ନମୁନା, ଉଦାହରଣ ଦେବା ଆବଶ୍ୟକ ନାହିଁ ଯାହା ହୁଏତ ସମସ୍ତଙ୍କୁ ଗୋଚର ଆଜିର ଆମ ସାମାଜିକ ସ୍ଥିତି ମଧ୍ୟରେ ଯାହା ସବୁ ଆମେ ଦେଖୁଛେ, ଜାଣିଛେ, ଶୁଣିଛେ। ଏଠାରେ ଏହି ବିଷୟକୁ ପ୍ରାଧାନ୍ୟତା ଦିଆଯିବା କାରଣ ଏହା ଯେ ଆମେ ସମସ୍ତେ ଜାଣୁଛେ କି ଆଜି ସମୟରେ ଟଙ୍କାକୁ ହିଁ ସର୍ବସ୍ୱ ବୋଲି ବିଚାର ରହିଛି ସମସ୍ତଙ୍କର। କେବଳ ସେହି ଚତୁର ବ୍ୟବସାୟୀ ମାନଙ୍କର ବର୍ଷ ବର୍ଷର ଷଡ଼ଯନ୍ତ୍ରର ଫଳାଫଳ ଯେ ସାଧାରଣ ମଣିଷଙ୍କୁ ଏମିତି କରିଦିଆ ଗଲେ ସେମାନେ ଆପେ ଆପେ ସେମାନଙ୍କ କ୍ଷମତାଧୀନ ହେବାରେ ଲାଗିବେ। କେମିତି ? ବିଚାର କରି ଦେଖନ୍ତୁ...ପ୍ରାୟତଃ କାହାର ହେଲେ କୌଣସି ଧାରଣା ନାହିଁ ଯେ ଟଙ୍କା ଆସେ କେଉଁଠୁ ! ତାହାର ପ୍ରକୃତ ଉତ୍ପାଦକ କିଏ ? ଟଙ୍କା ଦିଅନ୍ତି କେଉଁମାନେ ? ଦେଶର ବିକାଶ ହୋଇଥାଏ କେମିତି, କାହାପାଇଁ ? ଆପଣଙ୍କୁ କଥାଟି ଅତ୍ୟନ୍ତ ସାଧାରଣ, କ୍ଷୁଦ୍ର ଆଲୋଚନା ଭଳି ଅନୁଭବ ହେଉଥିବ, କାରଣ ଯେହେତୁ ଆପଣ ହୁଏତ ତାହା ବିଷୟରେ ସମ୍ପୂର୍ଣ୍ଣ ଅଭିଜ୍ଞ ବୋଲି ଭାବୁଛନ୍ତି ନିଜକୁ ନିଜେ ଯାହା ସବୁ ଦେଖି ଶୁଣି ଅନୁଭବ ଅର୍ଜନ କରିଛନ୍ତି। କିନ୍ତୁ ଭୁଲି ଯିବାକୁ ହେବନାହିଁ ଯେ ଯାହା ସବୁ ସାମାଜିକ ବିଧାସିକା ସୃଷ୍ଟି କରାଯାଉ ଅଛି ସେଗୁଡ଼ିକ କେବଳ ଚତୁର ବ୍ୟବସାୟୀଙ୍କ ବିଚାରର ମୁଖ୍ୟ ଚେତନା ଯାହାର ତାତ୍ତ୍ୱିକ ସତ୍ୟ ପରିକଳ୍ପିତ ତାହାର ବିଚାରର ଦିଗରେ ଯାହା ସବୁ ଆପଣ ଜାଣନ୍ତି ନାହିଁ। ଆଶ୍ଚର୍ଯ୍ୟ ଲାଗିବ ଆପଣଙ୍କୁ ଜାଣିଲେ ଯେ ତାହାର ବାସ୍ତବ ସତ୍ୟ କ'ଣ ଆଉ ଆପଣ କ'ଣ ଜାଣନ୍ତି ? !

(କ୍ରମଶଃ)

*ପଙ୍କଜ କୁମାର ପାଣିଗ୍ରାହୀ*
*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଞ୍ଜାମ-୭୬୧୦୨୦*
*ଦୂରଭାଷ.: ୯୪୩୭୩୨୪୯୧୭.*

# ହେ ପାନ୍ଥ ଦୃଷ୍ଟିସ୍ଥିର ରଖ

ଦୃଷ୍ଟି ଦୁଇ ପ୍ରକାର ଅର୍ନ୍ତଦୃଷ୍ଟି, ବର୍ହିଦୃଷ୍ଟି। ଦୃଷ୍ଟିରେ ଗୃହୀ ଓ ସନ୍ନ୍ୟାସୀ ସଧବା, ବିଧବା, ବିଦ୍ୟାର୍ଥୀ, ଚାଷୀ, ଯାନଚାଳକ, ନେତା, ବାୟାମୁସ୍ତୁରୀ, ବଣିକ, ଚାକିରି ଧରିବା, ରୋଜଗାରୀ, ବେରୋଜଗାରୀ, ନୂଆ ବିବାହିତ ଏପରି ବହୁ ପ୍ରକାର ସ୍ତରର ଲୋକଙ୍କ ର ଏଇ ଦୁଇ ଦୃଷ୍ଟି ଆବଶ୍ୟକ। ବର୍ହିଦୃଷ୍ଟି ପାଇଁ ମନୁଷ୍ୟ ଚକ୍ଷୁ ପାଇଁ ଅନେକ ଯନ୍ତ୍ର ସରଞ୍ଜାମ ବ୍ୟବହାର କରନ୍ତି ଯଥା ଯବକାଚ, ଚଷମା, ଅଣୁବୀକ୍ଷଣ ଯନ୍ତ୍ର, ଦୂରବୀକ୍ଷଣଯନ୍ତ୍ର ଏ ସମୟକୁ ପୁଣି ଆହୁରି ସୂକ୍ଷ୍ମ ତୀକ୍ଷ୍ଣ ଦୃଷ୍ଟି ପାଇଁ ଯନ୍ତ୍ରପାତି। ମାତ୍ର ଅନ୍ତର୍ଦୃଷ୍ଟି ପାଇଁ ଏମିତି କିଛି ଯନ୍ତ୍ରପାତି ନାହିଁ। ମହାଜନ ଗତସ୍ୟପନ୍ଥା, ଗୁରୁ ଅନୁଭୂତି, ଶାସ୍ତ୍ରଜ୍ଞକ ଗୁରୁବାକ୍ୟ ଏସବୁ ଅର୍ନ୍ତଦୃଷ୍ଟି ପାଇଁ ଏକ ଏକ ଅବଲମ୍ବନ। ନିମ୍ନମାନ ଶିକ୍ଷିତ ଉଚ୍ଚଶିକ୍ଷିତ ଏ ମଧ୍ୟରେ ଅର୍ନ୍ତଦୃଷ୍ଟିରେ ଏମାନେ ଭିନ୍ନ ହୋଇପାରନ୍ତି।ପୂର୍ବେ ଲୋକେ ଅମଡ଼ା ବାଟରେ ଯାଉଥିଲେ। ଫଳରେ କଣ୍ଟା, କାଚଖଣ୍ଡ, ପଥରଖଣ୍ଡ, ବିଷଧର ଜନ୍ତୁ ବାଟରେ ଆସୁଥିଲେ। ପୁଣି ଢ଼ିପ ଖାଲ, କାଦୁଅ, ପାଣି, ତତଲା ପଥରରେ ଚାଲିବାକୁ ପଡୁଥିଲା। ପୂର୍ବେ ବନବାସ ଏକ ଖୋଲା ଜେଲ ଦଣ୍ଡପରି ଦଣ୍ଡଥିଲା। ଶ୍ରୀରାମ ଭୋଗିଛନ୍ତି, ପାଣ୍ଡବମାନେ ଭୋଗିଛନ୍ତି। ଅନେକ ମୋହ ମୁକ୍ତ ଜୀବନ ପାଇଁ ଏପରି ଜଙ୍ଗଲ ବାସ ଆପଣେଇ ନିଅନ୍ତି। ବୟସ ବଢ଼ିଗଲେ ଶରୀର ରୋଗଗ୍ରସ୍ତ ଭୟ ରହିଛି ଏ ପାଇଁ ବିଶୁଦ୍ଧ ଅମ୍ଳଜାନ ପ୍ରଚୁର ମିଳୁଥିବା ବଣ ଜଙ୍ଗଲରେ ବାନପ୍ରସ୍ଥ ଜୀବନ ବିତାଉଥିଲା। ଦେଖନ୍ତୁ କରୋନା ରୋଗରେ ଅମ୍ଳଯାନ ଏତେ ଆବଶ୍ୟକ ହେଲା ଯାହା ପ୍ରାଣଘାତକରୁ ରକ୍ଷା କରିବା ଅନୁଚିନ୍ତା ଧରିଲା। ଏ ସମୟରେ ବନ ଜଙ୍ଗଲ ତୋଟା ସବୁ ଶେଷ। ବୃହଦ ବୃକ୍ଷ ଅଦୃଶ୍ୟ ଯାହା ଅଛି କାଁ ଭାଁ। ତେବେ ବାୟୁ ମଣ୍ଡଳକୁ ଶୋଧନ କରିବା ଧାରା ଓଲଟ ହୋଇ ବାର ବାର ବାୟୁ ପ୍ରଦୂଷଣ ବଢୁଛି। ଏ ରୋଗ ଗୁରୁ ସ୍ୱରୂପ ଛାଟ ମାରି ଏ ଇ ଗଛ ଲଗାଅ, ଯତ୍ନ ନିଅ ଜଣାଇ ଦେଇଛି। ବିଦ୍ୟୁତ ଅମ୍ଳଜାନ ଓ ମୌଳିକ ଚେରମୂଳି ପତ୍ର ଫଳ ଫୁଲ ଖାଇ ପର ଜୀବନ ଜଙ୍ଗଲରେ କଟାଇବା ହେଉଥିଲା। ଏଥିପାଇଁ ମୁନୀରଷି ଜଙ୍ଗଲରେ ଠିକ ବର୍ଷାକୁ ଉତ୍ତମ ଫଳମୂଳର ଗଛ ଲଗାଇବା ଏକ ଯଜ୍ଞ ବୋଲି ଏକ ବୈଜ୍ଞାନିକ ଦୂରଦୃଷ୍ଟିର ଚିନ୍ତନ ରଖିଥିଲେ। କେଉଁ ଗଛ ପାଖରେ କେଉଁ ଗଛ ରହିଲେ ପ୍ରତି ଋତୁରେ ଭୋଜ୍ୟ ଫଳ ମୂଳ ପତ୍ର ପାଇହେବ ତାହା ସେମାନଙ୍କ ବିଚାରବା ଅର୍ନ୍ତଦୃଷ୍ଟି ଥିଲା। ହରିଡ଼ା, ବାହାଡ଼ା, ଅଁଳା


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ତ୍ରିଫଳା ଏଥିରୁ ସର୍ବରୋଗହର ଔଷଧ ହୁଏ। ପିପ୍ପଳୀ, ଗୋଲମରିଚ, ଲଟା ଗଛ ଏ ମଧ୍ୟ ଔଷଧ ଗଛ। ରୋଗ ଅରୋଗ୍ୟକାରୀ ଜଡ଼ିବୁଟି, ଅନେକ ପତ୍ର ଶାଗ ଆକାରରେ ଭୋଜ୍ୟ ସଜନା, ଅଗସ୍ତି ଏ ସର୍ବଦା ଲୋକପ୍ରିୟ ଶାଗ ଏବେ ବି ଲୋକେ ଆଦରରେ ବାଡ଼ିରେ ଲଗାଉଛନ୍ତି। ଅନେକ ଫଳଗଛ ମଧ୍ୟରେ ରସାଳ ଫଳରାଜ ଆମ୍ବ, ପଣସ, ଲିଚୁ, କେନ୍ଦୁ, ସଫେଦା, ଜାମୁରୋଲ, ଜାମୁ, ନେହୁଆ, ଆତ, ପିଜୁଳି, ପିଆରା ଲେମ୍ବୁ, କଦଳୀ ଏସବୁ ଜଙ୍ଗଲରେ ହିଁ ପ୍ରଥମେ ମୁନୀରଷି ଲଗାଇବା ଆରମ୍ଭ କରିଦେଇଥିଲେ। ଏଥିରେ ଖାଦ୍ୟ ଔଷଧ ସହିତ ବାସଗୃହର ବ୍ୟବହାର ଦ୍ରବ୍ୟ ମିଳୁଥିଲା। ତେନ୍ତୁଳି, ନଡ଼ିଆ ଖେଜୁର ଏବେ ସର୍ବତ୍ର ଏ ସବୁ ହିଁ ସେହି ମୁନୀରଷିଙ୍କର ମନୁଷ୍ୟକୁ ଖାଦ୍ୟ ପାଇଁ ଆବଶ୍ୟକ। ଓଲୁଅ, ବରାହକନ୍ଦ, କନ୍ଦମୂଳ, ସାରୁ, ଗୟାଲୁ ଏମାଟି ତଳ ଫସଲ ଏହାର କ୍ରମ ବର୍ଦ୍ଧିମାନ ରକ୍ଷଣା ବେକ୍ଷଣା ଯାହା ଏବେ ହେଉଛି ତାହା ସେହି ଜଙ୍ଗଲ ବାସିନ୍ଦାଙ୍କର ଦୂର ଦୃଷ୍ଟି ହିଁ ଏ ପର୍ଯ୍ୟନ୍ତ ଏସବୁ ରକ୍ଷା କରିଆସିଛି। ଧାନ, ମାଣ୍ଡିଆ, ଗହମ, ଯଅ, ବାଜରା, ମକ୍କା, ହରଡ଼, ବୁଟ, ମୁଗ, ବିରି, କୋଳଥ ପରି ଶସ୍ୟ ଏସବୁ ସେହି ପୂର୍ବଜ ଆଦିଗୁରୁଙ୍କ ଚିହ୍ନଟ ଖାଦ୍ୟବସ୍ତୁ ଆମେ ଏବେ ମଞ୍ଜି ବୁନା ନହୋଇ ବଞ୍ଚାଇ ରଖିଛେ। ବରଂ ଏହା ବହୁ ଫଳନଶୀଳ ଚିନ୍ତା ପ୍ରକଟ କରୁଛେ। ମୂଳ ଖାଦ୍ୟ ଦ୍ରବ୍ୟର ମୌଳିକ ଗୁଣ ଯାହା ବିଭିନ୍ନ ଦ୍ରବ୍ୟଗୁଣ ବିଷୟରେ ବହୁବର୍ଗ ପରୀକ୍ଷା ନିରୀକ୍ଷା ପରେ ଧାର୍ଯ୍ୟ କରାଯାଇଥିଲା। ତାକୁ ଯୌଗିକ, ଶଙ୍କର ପଦ୍ଧତିରେ ପ୍ରସ୍ତୁତ କରାଯିବା ପରେ ଏହି ଗୁଣ ପୂର୍ବବତ ରହିଛି ଏକଥା କେହି ନୂଆ କରି ଦ୍ରବ୍ୟଗୁଣ ସଂରଚନାରେ ଲେଖିନାହାଁନ୍ତି ବା ଲେଖିଥିଲେ ତାହା ସାର୍ବଜନୀନ କରାଯାଉନାହିଁ। ବିଷ ହିଁ ରୋଗର ଉତ୍ସ ତେବେ ଏ ବିଷ ପ୍ରତ୍ୟକ୍ଷ ବିଷ ପ୍ରାଣ ଘାତକ। ହଠାତ୍ ନଯାଇ ଧିରେ ଧିରେ ତାର ପ୍ରକ୍ରିୟା ମାନବ ଶରୀରରେ ଦେଖାଇବାରେ ଲାଗିଛି। ପୂର୍ବେ ଯେଉଁ ବୃକ୍ଷଜ ପ୍ରତପୁଷ୍ପଫଳ ମୂଳ ଚେରରୁ ଚିକିତ୍ସା ହେଉଥିଲା ତାହା ଏବେ ସଂପୂର୍ଣ୍ଣ ବିଲୁପ୍ତ କରିବା ଦେଖାଦେଇଛି। କେହି ଯଦି ଏପରି ଔଷଧ ତୟାର କରୁଛନ୍ତି ତାର ପୂର୍ବ ପଦ୍ଧତିର ଦ୍ରବ୍ୟ ସଂଗ୍ରହ ଓ ଦ୍ରବ୍ୟ ଶୋଧନ ଠିକ ଭାବରେ ହୋଇଛି କି ନାହିଁ କେହି ଜାଣିବା ବାଟନାହିଁ। ଏହାପରେ ଧାତବ ଲବଣ ଓ ଅନ୍ୟାନ୍ୟ ରସାୟନାଦି ଔଷଧ ପ୍ରସ୍ତୁତ ହୋଇ ଚିକିତ୍ସକଙ୍କ ଦ୍ୱାରା ଟିପ ଲେଖାରେ ସୌଦାଗରୀ ନାମରେ କ୍ରୟ କରିବାକୁ ପଡୁଛି ପୁଣି ଯେଉଁ ଔଷଧ ଅତି ଲୋକ ପ୍ରସିଦ୍ଧି ଆରୋଗ୍ୟକାରୀ ତାର ନକଲ ସାଥି ସାଥି ବଜାରରେ ଉପଲବ୍ଧ। ଏହି ଯେଉଁ ମାର୍ଗ ଏସବୁ ମାନବ ସମାଜର ଭବିଷ୍ୟତକୁ ଧ୍ୱଂସ ଦିଗକୁ ନେଉଛି ଏ ପାଇଁ କଣ ଭାବନା ଦରକାର ନାହିଁ। ପୂର୍ବେ ଗୋତ୍ର ଜାଣିଆଣ ଧର୍ମ ପ୍ରଭାବ ଲୋକାଚାରରେ ଲୋକେ ବ୍ରତୀ ଥିଲେ। ବିଶ୍ୱାସ ଥିଲା ବିବାହ, ବ୍ରତ, ଗୃହ ନିର୍ମାଣ, ଗୃହ ପ୍ରବେଶ ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କେବେ କରାଯିବ କେଉଁ ବର ବା କେଉଁ କନ୍ୟାକୁ ବିବାହ ଦ୍ୱାରା ଉଭୟେ ମଙ୍ଗଳମୟ ଭବିଷ୍ୟତ ଗଢ଼ି ପାରିବେ ଏହା ଏବେ ବିଲୁପ୍ତ। ପ୍ରେମ ବିବାହ ଅନୁହେନା, ବିଲୋମ, ବିଧର୍ମୀ ବିବାହକୁ ନିଜ ବଂଶରେ ବିବାହ ହେଲାଣି। ଏ ସବୁ ଯେ ଉଚିତ ନୁହେଁ ଏକଥା କିଏ କହିବ ? ଏହା କୁଫଳ ଯେ କରୁଛି ସେ ହିଁ ଶେଷରେ ବିଳମ୍ବରେ ଭୋଗ ନିଶ୍ଚିନ୍ତ। ଏ ସମୟରେ ଜାତିଗତ ବିବାହ ନୁହଁ ବୃତ୍ତିଗତ ଜାତି ବିବାହ ପ୍ରାଧାନ୍ୟକୁ ଅତିଥିରେ ଗଣ୍ଡା ଗଣ୍ଡା ବିବାହ ଦେବା ଆଳରେ, ରାଜ ରେଜେଷ୍ଟ୍ରି ବିବାହ ହେଉଛି। ହେ ପାନ୍ଥ ଦେଖିକି ଚାଲ ଏଥିରେ ବିପଦ ନିଶ୍ଚେ ଅଛି। ବିପଦ ବେଳକୁ ଦେବତା ମହିମା ଦୁଇବଳ ଭୁଲି, ଭୁଲ ମାମଲାରେ ବର୍ଷ ବର୍ଷ ବିତାଇ ଯୌବନ ନଷ୍ଟ କରିବାକୁ ପଡ଼ିବ। ମିଥ୍ୟା ଆରୋପ ନକଲେ ମାମଲା ହୋଇନପାରେ। ଦେଖ ପଥ ଠିକ ନା ଭୁଲ। ହୁମବୀରେ ଅନେକ କାର୍ଯ୍ୟ କରାଯାଏ ନାହିଁ ପରେ ପଛରେ ପସ୍ତାଇବାକୁ ପଡ଼େ।

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩*

# ଅମୃତ ଦୀପ୍ତି ସନ୍ତାନ ତୁମେ, ମରଣ ତୁମର କାହିଁ


ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ଅଛି– 'ଦେହ ବହିଲେ ନିଶ୍ଚେ ମରି, ସଂସାର ନୁହଁଇ କାହାରି। ବୃକ୍ଷର ତଳେ ଜେହ୍ନେ ଆସି, ପଥିକୁ ବିଶ୍ରାମନ୍ତି ବସି। ପୁଣି ଚଳନ୍ତି ଶ୍ରମ ସାରି, ସେ ବୃକ୍ଷ ନୁହଁଇ କାହାରି।' ଏହା ଅବିସମ୍ବାଦିତ ସତ୍ୟ। ମୋହମାୟା ସଂସାରରେ ସମସ୍ତେ ନିଜ ନିଜ କର୍ମକୁ ଆଧ୍ୟାତ୍ମିକ ପଥରେ କ୍ୱଚିତ୍ ନେଇଥାନ୍ତି। ଆମ ସମୟରେ ଜଣେ ନୀରବ ଜୀବନ ସାଧକ ଥିଲେ ମୋ ବାପା ଶାରଦା ପ୍ରସାଦ ସ୍ୱାଇଁ। ଜୀବନକୁ ସେ କେବଳ ବଞ୍ଚି ନାହାନ୍ତି, ଜୀବନକୁ କେବଳ ସେ ସାଧି ସାଧି ପରିଶେଷରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି। ଜଣେ ତେଲ ଲୁଣ ସଂସାର ଓ ସାମାଜିକ ଦାୟିତ୍ୱ ପ୍ରତିପାଦନ ସହ ସାର୍ବଜନୀନ ସାଧନା ଦ୍ୱାରା କିପରି ଦିବ୍ୟତ୍ୱ ପ୍ରାପ୍ତି ବା ଦିବ୍ୟ ଜୀବନ ଲାଭ ହୋଇପାରିବ ସେ ତା'ର ଯଥାର୍ଥ ପ୍ରତୀକ ଥିଲେ। ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡ଼ିଟିଏ – 'ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।' ଦୁର୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ହିଁ ନିର୍ଭର କରିଥାଏ। ଏ ସଂସାରରେ କେତେ ବର୍ଷ ଜୀବନ ଧାରଣ କରାଗଲା ତାହା କେବେ ହେଲେ ଜୀବନର ମୂଲ୍ୟାୟନର ମାପକାଠି ହୋଇନପାରେ। ନିଜ ଗୁରୁ, ଇଷ୍ଟ, ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମତତ୍ପର ଓ ଆଦର୍ଶଣୀୟ ଜୀବନଯାପନ କରିବା ହେଉଛି ମାନବିକତାର ପରିଚୟ। ମୁଁ ଲେଖୁଥିବା ବ୍ୟକ୍ତିତ୍ୱ ହେଉଛନ୍ତି ମୋ ଜନ୍ମଦାତା ଶାରଦା ପ୍ରସାଦ ସ୍ୱାଇଁ ଏହିପରି ଏକ ଜୀବନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ଏହି ମହନୀୟ ବ୍ୟକ୍ତିତ୍ୱ। ମନେପଡୁଛି ଏକ ବହିର ଧାଡ଼ିଟି– ''ଅବନ୍ଧୁ ଜୀବନ ଅସୂର୍ଯ୍ୟମହୀ ଦେହ ଧରି କିଏ ପାରଇ ରହି।'' ଯଥାର୍ଥରେ କୁହାଯାଏ ବ୍ୟକ୍ତିତ୍ୱ ବ୍ୟକ୍ତିର ପରିଚୟ ବ୍ୟକ୍ତିତ୍ୱରୁ ଚିହ୍ନିତ ହୁଏ ପ୍ରତିଭା, ଉତ୍କର୍ଷ ଓ ସ୍ୱାତନ୍ତ୍ର୍ୟ। ଜଣ ଜଣଙ୍କର ସ୍ୱତନ୍ତ୍ର ଓ ଉତ୍କର୍ଷ ସାମାଜିକ ଜୀବନକୁ ସେବା ମନୋଭାବ ସମ୍ପନ୍ନ ଶ୍ରେଷ୍ଠତା ଜୀବନକୁ କରେ ମହିମାନ୍ୱିତ। ସମସ୍ତେ ଏକ ପ୍ରକାର ଜନ୍ମଲାଭ କରିଥିଲେ ବି ବ୍ୟକ୍ତିତ୍ୱ ଭିନ୍ନ ପ୍ରକାର ହୋଇଥାଏ। ସେହିଭଳି ସ୍ମୃତିମାନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଶାରଦା ପ୍ରସାଦ ସ୍ୱାଇଁ। ଶାରଦା ପ୍ରସାଦ ସ୍ୱାଇଁଙ୍କ ଜନ୍ମସ୍ଥାନ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଉଗାଳପୁର ଗ୍ରାମ। ଆମ ଜିଲ୍ଲାର ଆରାଧ୍ୟ ଦେବୀ ମା' ଶାରଳା ହେଉଛନ୍ତି ତାଙ୍କର ଇଷ୍ଟଦେବୀ ଓ ସବୁବେଳେ ସେ ମାଆଙ୍କ ପୂଜାର୍ଚ୍ଚନାରେ ନିଜକୁ ବ୍ୟସ୍ତ ରଖୁଥିଲେ। ଯେଉଁ ମୁହଁର ତେଜଦୀପ୍ତ ଚାହାଣି ଆଜି ଆମ ମାନଙ୍କୁ ସମାଜରେ ପ୍ରତିଷ୍ଠିତ କରିପାରିଛି କର୍ତ୍ତବ୍ୟନିଷ୍ଠତାର ସାଧୁତାର ପ୍ରତିପାଦନ କରିବା ପାଇଁ ମାନବୀୟ ମୂଲ୍ୟବୋଧ ଜୀବନ ବଞ୍ଚିବାର କଳାନିର୍ମିତ। ତାଙ୍କ ଗୃହସ୍ଥଧର୍ମର ଆଦର୍ଶରେ ମୋ ଧର୍ମପତ୍ନୀ ଶିବସ୍ମିତା, ନାତୁଣୀ ବ୍ରିତିକା, ଭଉଣୀ ସୋନାଲୀ ସ୍ୱାଇଁ ଓ ଭିଣୋଇ ରାହୁଲ ଜେନା ପ୍ରତିଷ୍ଠିତ ହୋଇପାରିଛନ୍ତି ଏକ ଆଦର୍ଶଣୀୟ ସମାଜରେ। ଆଜି ବାପାଙ୍କ ଅବର୍ତ୍ତମାନରେ ମୋ ମାଆ ଗୀତାରାଣୀ ହିଁ ମୋତେ ଧୈର୍ଯ୍ୟ, ସାହସ ପ୍ରଦାନ କରୁଛନ୍ତି। ବାପାଙ୍କ ଦୁଇ ଭଣଜା ସେସ୍କୋର ଏସଡିଓ ଇଞ୍ଜିନିୟର ସନ୍ତୋଷ ଖୁଣ୍ଟିଆ, ଡକ୍ଟର ଦେବୀଦତ୍ତ ପ୍ରଧାନ ଓ ନିହାର ରଞ୍ଜନ ରାଉତ ଅତ୍ୟନ୍ତ ମ୍ରିୟମାଣ। କେବଳ ସେତିକି ନୁହେଁ ମୋର ଭାତୃତୁଲ୍ୟ ପଡ଼ୋଶୀ ଜଗନ୍ନାଥ ଦାସ, ସମାଜସେବୀ ଶ୍ରୀଧର କୁମାର ରାଉଳ, ଚମ୍ପାନାରାୟଣ ଚାରିଟେବଲ ଟ୍ରଷ୍ଟର ଆବାହକ ତ୍ରିନାଥ ଓଝା, ବିଜୟ କୁମାର ଶତପଥୀ, ନିରଞ୍ଜନ ବାରିକ, ନରୋତ୍ତମ ସାମଲ, ଶ୍ରୀଧର କୁମାର ସାହୁ, ସୁନୀଲ କୁମାର ବେହେରା, ରଜତ କୁମାର ବୋଷ, ସନାତନ ନାୟକ, ମନୋଜ ସାହୁ, ସନ୍ତୋଷ ମିଶ୍ର ପ୍ରମୁଖ ସମସ୍ତେ ତାଙ୍କୁ ମନେପକଉଛନ୍ତି ତାଙ୍କ ପରୋପକାର ଓ ମମତାର ବନ୍ଧୁବତ୍ସଳତା ପାଇଁ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଇଷ୍ଟଦେବୀ ମା' ଶାରଳାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ କରୁଣାସିକ୍ତ ଚିନ୍ତାଧାରା, ସରଳ ଜୀବନ, ମିଷ୍ଟ ବଚନ, ସେବାର ଅମୃତ ଧାରା ଆଉ ସାନ୍ତ୍ୱନା ଦାୟକ ଅନୁଭବୀ କଥୋପକଥନ ଓ ସମସ୍ତ ଗଠନମୂଳକ କାର୍ଯ୍ୟକ୍ରମ ଅନେକ ପ୍ରତିକୂଳତା ଭିତରେ ଏହାରି ଜରିଆରେ ତାଙ୍କର ସମସ୍ତ ସମୟ ନିଷ୍କାମ ସେବାରେ ବିନିଯୋଗ କରିଛନ୍ତି। ତାଙ୍କର ଏକନିଷ୍ଠ କର୍ତ୍ତବ୍ୟପରାୟଣତା, ସାଧୁତା, ନିଜ ଉତ୍ସର୍ଗୀକୃତ ଓ ଦୃଷ୍ଟାନ୍ତମୂଳକ ପରୋପକାରିତା ଆମ ସମସ୍ତଙ୍କ ନିକଟରେ ଆଦର୍ଶ ହୋଇ ରହିବ। ଭକ୍ତି, ଜ୍ଞାନ ଓ କର୍ମର ଅପୂର୍ବ ସଂଶ୍ଳେଷଣ ଏବଂ ତାଙ୍କର ସଞ୍ଚିତ ନିଜସ୍ୱ ଆୟ, ଶକ୍ତି, ସମୟ ଓ ଜ୍ଞାନର ସର୍ବୋତ୍କୃଷ୍ଟ ବିନିଯୋଗ ଫଳରେ ତାଙ୍କର ଜୀବନ ପ୍ରତ୍ୟେକ ମୁହୂର୍ତ୍ତକୁ ଅତିବାହିତ କରିଛନ୍ତି ତାହା କେବଳ ପ୍ରତିଟି ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ମାନଙ୍କ ପାଇଁ ନୁହେଁ ବରଂ ଆମ ସମସ୍ତଙ୍କ ପାଇଁ ସବୁ ସମୟରେ ପ୍ରେରଣା ଯୋଗାଇବ ଏଥିରେ ସନ୍ଦେହର ଅବକାଶ ନାହିଁ। ଭଗବାନ ତାଙ୍କର ଅସଂଖ୍ୟ ଛାଞ୍ଚ ଭିତରୁ ଗୋଟିଏ ଦିବ୍ୟ ସ୍ୱୟଂ ସମ୍ପୂର୍ଣ୍ଣ ଦିବ୍ୟ ଛାଞ୍ଚ ବାଛି ସେଥିରେ ମୋ ବାପା ଶାରଦା ପ୍ରସାଦ ସ୍ୱାଇଁଙ୍କୁ ଗଢ଼ି ମୂଳରୁ ସଂପୂର୍ଣ୍ଣ କରି ଓ ସମ୍ପନ୍ନ କରି ତାଙ୍କୁ ଏ ପୃଥିବୀକୁ ପଠାଇଛନ୍ତି ବୋଲି ମୋର ଧାରଣା ହୁଏ। ସୁଖୀ ଶରୀରରେ ମିଳେ। ଶାନ୍ତି ମନରେ ମିଳେ ଆଉ ହୃଦୟରେ ମିଳେ ଆନନ୍ଦ। ଜୀବନ ଭିତରେ ଯେଉଁ ଯଶ ଓ କୀର୍ତ୍ତିର ଅଧିକାରୀ ହୋଇଛନ୍ତି ନିଜ ଆତ୍ମାର ସଦ୍‌ଗତି ପାଇଁ ସେ ନିଜେ ଜୀବନ କାଳ ମଧ୍ୟରେ ପଥ ପରିଷ୍କାର କରିଦେଇ ଯାଇଛନ୍ତି। ଏ ମର ଶରୀର ନଷ୍ଟ ହେଲେ ବି ସେ ନିଜେ ଅତ୍ୟନ୍ତ ଆନନ୍ଦରେ ଭଗବାନଙ୍କ ପାଖକୁ ଚାଲିଯାଇଛନ୍ତି। ଜଣେ ମହାମନିଷୀଙ୍କ ଏକ ବାଣୀ ଯାହାର ଭାଷାନ୍ତର ହେଉଛି 'ପୃଥିବୀରେ ଗୋଟିଏ ଭାଷା ଅଛି, ତାହା ହେଉଛି ହୃଦୟର ଭାଷା।' ଏଭଳି ଜଣେ ଯଶକୀର୍ତ୍ତିର ଅଧିକାରୀଙ୍କୁ ମୃତ୍ୟୁ କ'ଣ କେବେ ଛୁଇଁପାରେ ବରଂ ସେ ମୃତ୍ୟୁକୁ ଛୁଇଁ ଦେଇଛନ୍ତି ଓ ସବୁଦିନ ପାଇଁ ଅମର ହୋଇ ରହିଯାଇଛନ୍ତି, କେବଳ ମୃତ୍ୟୁ ହିଁ ମରିଛି। ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ।

*ଫ୍ଲାଟ ନଂ-୭ଜିଏଚ/୧୩୫୩, ଡି-୧୮, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୦୪୦୬୬୧୬୩୦*

# ଗଣତନ୍ତ୍ରର ମୂଲ୍ୟ

ସର୍ବପ୍ରଥମେ ଗଣତନ୍ତ୍ର ଇଂଲଣ୍ଡରେ ଆସିଥିଲା। ଇଂଲଣ୍ଡରେ ରାଜତନ୍ତ୍ର ନିରଙ୍କୁଶତା ବିରୁଦ୍ଧରେ ଜନସାଧାରଣଙ୍କ ସ୍ୱର ଉତ୍ତୋଳନ କରିଥିଲେ। ଦ୍ୱାଦଶ ଶତାବ୍ଦୀର ଅନ୍ତିମ କାଳରେ ଏହି ଅସନ୍ତୋଷ ତୀବ୍ରତର ହୋଇଥିଲା। ଦେଶର ଶାସନରେ ସାଧାରଣ ଜନତାଙ୍କ ପ୍ରତିନିଧିତ୍ୱ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କଲେ। ଏହାକୁ ଗଣତନ୍ତ୍ର କୁହାଗଲା। ବୁଦ୍ଧିଜୀବୀ ଓ ଜନସାଧାରଣମାନେ ୧୨୧୫ ମସିହାରେ ମାଗ୍ନାକାର୍ଟା ନାମକ ଏକ ପଦ୍ଧତି ପ୍ରଣୟନ କଲେ। ସାଧାରଣ ଜନତାଙ୍କ ପ୍ରତିନିଧିତ୍ୱ କରିବା ପାଇଁ ପାର୍ଲ୍ୟାମେଣ୍ଟ ଗଠନ କରିବା ପାଇଁ ଦାବି ହେଲା। ରାଜପରିଷଦ (କିଙ୍ଗ କାଉନସିଲ)କୁ ପାର୍ଲ୍ୟାମେଣ୍ଟ କୁହାଗଲା। କିନ୍ତୁ ଏହି ପାର୍ଲ୍ୟାମେଣ୍ଟର ଅଧିକାର ସମ୍ବନ୍ଧରେ ଦେଶର ବୁଦ୍ଧିଜୀବୀମାନେ ଚର୍ଚ୍ଚା ଆଲୋଚନା, ସଭା-ସମିତି ମାଧ୍ୟମରେ ଜନଜାଗରଣ କଲେ। ରାଜା ଚାପର ବଶବର୍ତ୍ତୀ ହୋଇ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କଲେ। ପାର୍ଲ୍ୟାମେଣ୍ଟର ଗଠନ କରିବା ପାଇଁ ରାଜା ଘୋଷଣା କଲେ। କିନ୍ତୁ ପାର୍ଲ୍ୟାମେଣ୍ଟର କ୍ଷମତା ନଥିଲା। ୧୬୮୮ରେ ଇଂଲଣ୍ଡରେ ଗ୍ଲୋରିୟସ ରିଭୋଲ୍ୟୁସନ ଦେଖାଦେଲା। ତା'ପରେ ପାର୍ଲ୍ୟାମେଣ୍ଟର କ୍ଷମତା ନିର୍ଦ୍ଧାରଣ କରାଗଲା। ରାଜାଙ୍କ ସ୍ଥାନରେ ପାର୍ଲ୍ୟାମେଣ୍ଟ ସର୍ବୋପରି ହେଲା। ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ପାର୍ଲାମେଣ୍ଟର କ୍ଷମତା ସମସ୍ତେ ଅନୁଭବ କଲେ। ୧୬୮୮ରେ ଇଂଲଣ୍ଡରେ ସର୍ବପ୍ରଥମେ ସମଗ୍ର ଜନତାଙ୍କର ମାତ୍ର ଚାରି ପ୍ରତିଶତଙ୍କ ଭୋଟ ଦେବାର ଅଧିକାର ମିଳିଲା। ୧୮୩୨ରେ ସେମାନେ ଗଣତନ୍ତ୍ରର ସୁଧାର ପାଇଁ ନୂତନ ଆଇନ ପ୍ରଣୟନ କରିଥିଲେ। ଏହି ଆଇନ ବଳରେ ଦେଶର ସମଗ୍ର ଜନତାଙ୍କର ଦଶ ପ୍ରତିଶତଙ୍କୁ ଭୋଟ ଦେବାର ଅଧିକାର ମିଳିଲା। ଏହାପରେ ୧୮୬୭ ଓ ୧୮୮୨ରେ ଏହାର ସୀମା ବୃଦ୍ଧି ପାଇଲା। ୧୯୧୮ ମସିହାରେ କେବଳ ପୁରୁଷମାନଙ୍କୁ ଭୋଟ ଦେବାର ଅଧିକାର ମିଳିଲା। ମହିଳାମାନେ ଏହି ପୁରୁଷ ପ୍ରାଧାନ୍ୟ ନିର୍ଣ୍ଣୟ ବିରୁଦ୍ଧରେ ଦୃଢ଼ ସ୍ୱର ଉତ୍ତୋଳନ କଲେ। ପରେ ମହିଳାମାନଙ୍କୁ ୨୧ ବର୍ଷ ବୟସରେ ଭୋଟ ଦେବାର ଅଧିକାର ମିଳିଲା। ପୁରୁଷମାନଙ୍କ ୧୮ ବର୍ଷ ଓ ମହିଳାମାନଙ୍କ ୨୧ ବର୍ଷରେ ଭୋଟ ଦାନ ଅଧିକାରର ତାରତମ୍ୟକୁ ସମସ୍ତେ ସମାଲୋଚନା କଲେ। ପାର୍ଲ୍ୟାମେଣ୍ଟରେ ଚର୍ଚ୍ଚା-ଆଲୋଚନା ହେଲା। ଏହି ପାର୍ଥକ୍ୟ କାହିଁକି ? ବରିଷ୍ଠ ସାଂସଦମାନେ ମତ ଦେଲେ ଏହା ଏକ ପ୍ରୟୋଗ (ଏକ୍ସପେରିମେଣ୍ଟ) କରାଯାଉଛି। ଏହା କେତେଦୂର ସଫଳ ହେବ, ତାହା ଭବିଷ୍ୟତ କହିବ। ଏହି ଏକ୍ସପେରିମେଣ୍ଟ ଦୀର୍ଘଦିନ ଧରି ଚାଲିଲା। ଶେଷରେ ୧୯୨୮ରେ ସମସ୍ତେ ପୁରୁଷ ଓ ମହିଳାମାନେ ୧୮ବର୍ଷ ବୟସରେ ଭୋଟଦାନ କରିବାର ଅଧିକାର ମିଳିଲା। ସୁଦୀର୍ଘ ସଂଘର୍ଷ ଓ ଶତତ ଜନଜାଗରଣ ଫଳରେ ଏହି ଗଣତନ୍ତ୍ର ସେଠାରେ ପ୍ରତିଷ୍ଠା ହେଲା। ଅର୍ଥାତ୍ ୧୨୧୫ରୁ ଆରମ୍ଭ ହୋଇଥିବା ଜନଜାଗରଣର ସୁଫଳ ୧୯୨୮ରେ ମିଳିଲା। ଦୀର୍ଘ ସାତ ଶହ ବର୍ଷ କାଳ ଗଣତନ୍ତ୍ର ପ୍ରତିଷ୍ଠାର ଏହା ଏକ ଐତିହାସିକ ପଦକ୍ଷେପ। ସମସ୍ତ ଜନସାଧାରଣ ଗଣତନ୍ତ୍ରର ମୂଲ୍ୟ ହୃଦୟଙ୍ଗମ କରିଥିଲେ। ଫଳରେ ସେଠାରେ ଗଣତନ୍ତ୍ର ସୁଚାରୁ ରୂପେ କାର୍ଯ୍ୟ କରୁଛି।

ଆମ ଦେଶରେ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ ଏପରି କୌଣସି ଜନଜାଗରଣ ହୋଇନାହିଁ। ସର୍ବପ୍ରଥମେ ୧୯୨୦ରେ ଗଣତନ୍ତ୍ର ମଣ୍ଟେଗୁ ଚେମ୍ସଫୋର୍ଡ ପ୍ରଣୟନ କରିବା ପାଇଁ ପ୍ରଚେଷ୍ଟା କରିଥିଲେ। ସେତେବେଳେ ଦେଶରେ ୨୪ କୋଟି ଜନସାଧାରଣ ଥିଲେ। ସେତେବେଳେ ଦେଶରେ ୨୪କୋଟି ଜନସାଧାରଣ ଥିଲେ। ସଂଯୁକ୍ତ ରାଜ୍ୟ ଶାସନ (ଫ୍ୟୁଡ଼ାଲ ଶାସନ ପଦ୍ଧତି) ଥିଲା। କାଉନସିଲ ଅଫ ଷ୍ଟେଟସ ପାଇଁ ୧୭୦୦୦ ଜନସାଧାରଣଙ୍କୁ ଭୋଟ ଦେବା


ସର୍ବେଶ୍ୱର ବେହେରା

ଅଧିକାର ମିଳିଲା। ନେସନାଲ ଆସେମ୍ବ୍ଲି ପାଇଁ ୯ଲକ୍ଷ ୯ହଜାର ବ୍ୟକ୍ତିଙ୍କୁ ଭୋଟ ଦେବାର ଅଧିକାର ମିଳିଲା। ଗଣତନ୍ତ୍ର ପାଇଁ କୌଣସି ସଂଘର୍ଷ ଜନଜାଗରଣ ବିନା ଆମ ଦେଶରେ ୯ଲକ୍ଷ ଲୋକଙ୍କୁ ତୁରନ୍ତ ଭୋଟ ଦେବାର ଅଧିକାର ମିଳିଲା। ସ୍ୱାଧୀନତା ପରେ ୧୯୫୦ରେ ତୁରନ୍ତ ସମସ୍ତ ଜନସାଧାରଣଙ୍କୁ ଭୋଟ ଦେବାର ଅଧିକାର ମିଳିଲା। ଭାରତରେ ଜନସାଧାରଣମାନେ ଇଂଲଣ୍ଡର ଜନସାଧାରଣଙ୍କ ପରି ଗଣତନ୍ତ୍ର ସମ୍ବନ୍ଧରେ କୌଣସି ସଂଘର୍ଷ କିମ୍ବା ଜନଜାଗରଣ କରି ନାହାନ୍ତି। ଭାରତର ଜନସାଧାରଣ ଗଣତନ୍ତ୍ର ସମ୍ବନ୍ଧରେ କୌଣସି ପ୍ରଶିକ୍ଷଣ କରିନାହାନ୍ତି। ଏଣୁ ଗଣତନ୍ତ୍ରର ମୂଲ୍ୟକୁ ହୃଦୟଙ୍ଗମ କରି ନାହାନ୍ତି। ଇଂଲଣ୍ଡର ଜନତା ଏହି ପ୍ରଶିକ୍ଷଣ ୭୦୦ ବର୍ଷ ଧରି ଗ୍ରହଣ କରିଥିଲେ। କିନ୍ତୁ ଭାରତରେ ଏହା ହୋଇ ନଥିବା ଯୋଗୁଁ ଗଣତନ୍ତ୍ରର ସୁଫଳ ଆଜି ଦେଖାଯାଇ ନାହିଁ। ଇଂଲଣ୍ଡର ସଂସଦୀୟ ପ୍ରଣାଳୀକୁ ଭାରତର ତତକାଳୀନ ନେତାମାନେ ସମାଲୋଚନା କରିଥିଲେ। ୧୯୦୮ ମସିହାରେ 'ହିନ୍ଦ ସ୍ୱରାଜ୍ୟ' ପୁସ୍ତକରେ ମହାତ୍ମା ଗାନ୍ଧୀ ଇଂଲଣ୍ଡର ସଂସଦୀୟ ପ୍ରଣାଳୀକୁ ଭାରତରେ କାର୍ଯ୍ୟକାରୀ ହୋଇ ପାରିବ ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ଯଦି ଏହା ଭାରତରେ ଲାଗୁ କରାଯାଏ ତେବେ ଭୋଟର ମାନଙ୍କର ଅବସ୍ଥା (ବେଶ୍ୟା) ପରି ହେବ। ଭୋଟରମାନେ କିଣାବିକା ହୋଇଯିବେ। ଗଣତନ୍ତ୍ରର ସୁଫଳ ମିଳିପାରିବ ନାହିଁ ବୋଲି ମହାତ୍ମା ଗାନ୍ଧୀ ବର୍ଣ୍ଣନା କରିଛନ୍ତି। ଶ୍ରୀ ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ୧୯୨୬ରେ ନିଜର ଜୀବନୀ ସମ୍ବନ୍ଧରେ ଏକ ପୁସ୍ତକ ରଚନା କରିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି ଯେ ଯଦି ଭାରତ ଇଂଲଣ୍ଡର ସଂସଦୀୟ ପ୍ରଣାଳୀକୁ ସ୍ୱୀକାର କରେ ତେବେ ସର୍ବପ୍ରଥମେ ନିର୍ବାଚନ ସମୟରେ ଭ୍ରଷ୍ଟାଚାର ବୃଦ୍ଧି ପାଇବ। ନିର୍ବାଚନ ପରେ ମଧ୍ୟ ଏହି ଭ୍ରଷ୍ଟାଚାରକୁ ନିୟନ୍ତ୍ରଣ କରିହେବ ନାହିଁ। ୧୯୪୩ ମସିହାରେ ବିଶିଷ୍ଟ ଲେଖକ ଶ୍ରୀ ମାନବେନ୍ଦ୍ର ରାୟ ପାର୍ଟି ପାୱାର ଆଣ୍ଡ ପଲିଟିକ୍ସ' ନାମକ ଏକ ପୁସ୍ତକ ରଚନା କରିଥିଲେ। ସେ ବିଶ୍ୱର ବହୁ ଦେଶର ସମ୍ବିଧାନକୁ ଅଧ୍ୟୟନ କରି ଏହି ପୁସ୍ତକ ରଚନା କରିଥିଲେ। ସେ ସ୍ପଷ୍ଟ ଉଲ୍ଲେଖ କରିଥିଲେ ଭାରତର ଗଣତନ୍ତ୍ରର ସୁଫଳ ସେତେବେଳେ ମିଳିବ ଯେବେ ସମସ୍ତ ଜନସାଧାରଣ ଜାଗ୍ରତ ହୋଇ ଏହାର ମୂଲ୍ୟକୁ ହୃଦୟଙ୍ଗମ କରିବେ। ଶ୍ରୀ ମାନବେନ୍ଦ୍ର ଏ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ଯେ ଭାରତରେ ଗଣତନ୍ତ୍ର ସମ୍ବନ୍ଧରେ ପବ୍ଲିକ୍ ଏଜୁକେସନ ଆବଶ୍ୟକ। ଏକ ସଭାରେ ତାଙ୍କୁ ପ୍ରଶ୍ନ କରାଗଲା ଯେ ଭାରତରେ ଶତକଡ଼ା ପଚାଶ ଭାଗ ନିରକ୍ଷର। ସେମାନଙ୍କୁ ଏ ସମ୍ବନ୍ଧରେ ପ୍ରଶିକ୍ଷଣ କିପରି ପ୍ରଦାନ କରାଯାଇ ପାରିବ ? ଶ୍ରୀ ଏମ.ଏନ.ରାୟ ଏହାର ଏକ ସୁନ୍ଦର ଉତ୍ତର ପ୍ରଦାନ କରିଥିଲେ। ଶରସ୍ୱ, ସସ୍ୱ ଝବଚ୍ଛ ଭର କ୍ଷକ୍ଟଭଶ ଙ୍ଗବଚ୍ଛ, ଭଙ୍କସ୍ୱ ସସ୍ୱ ଙ୍ଗକ୍ଟଙ୍କକ୍ଷୟ ଭର ସ୍ୱକ୍ଷର କ୍ଟଭକ୍ଷଚ୍ଛ ଙ୍ଗବଚ୍ଛ, ସ୍ୱକ୍ଷରଭ ସସ୍ୱ ସସ୍ୱ ବକ୍ଷସ୍ୱକ୍ଟ ସ୍ୱକ୍ଷର ସ୍ୱକ୍ଷକ୍ଟକ୍ସସ୍ୱ-ରସ୍ୱସ୍ୱ ଙ୍ଗବଚ୍ଛ. ଏହି ରାସ୍ତା ସୁଦୀର୍ଘ ହୋଇପାରେ, ଯଦି ଏହା ଏକମାତ୍ର ରାସ୍ତା ତେବେ ଏହା କ୍ଷୁଦ୍ର ରାସ୍ତା।

ଆଜି ସ୍ୱାଧୀନତାର ୭୫ବର୍ଷ ଅମୃତ ମହୋତ୍ସବ କାଳରେ ମଧ୍ୟ ଆମେ ଗଣତନ୍ତ୍ରର ମୂଲ୍ୟକୁ ହୃଦୟଙ୍ଗମ କରିପାରିଲୁ ନାହିଁ। ସେତେବେଳେ ମହାତ୍ମାଗାନ୍ଧୀଙ୍କ ସହିତ ଯେଉଁ ବୁଦ୍ଧିଜୀବୀମାନେ ସଂସଦୀୟ ଗଣତନ୍ତ୍ର ସମ୍ବନ୍ଧରେ ସତର୍କ କରିଥିଲେ, ତାହାକୁ ଆମେ ଅବହେଳା କଲୁ। ଆମର ଜନସାଧାରଣ ଗଣତନ୍ତ୍ର ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଗଲା ନାହିଁ। ତା'ର ଫଳ ଆଜି ଆମେ ଭୋଗ କରୁଛୁ। ନିର୍ବାଚନରେ ସମସ୍ତେ ଅଂଶଗ୍ରହଣ କରୁନାହାନ୍ତି। ଶତକଡ଼ା ଶହେ ଭାଗ ଭୋଟ ପ୍ରଦାନ ହୋଇପାରୁ ନାହିଁ। ବିଶେଷକରି ବୁଦ୍ଧିଜୀବୀ ଓ ସଜ୍ଜନ ବ୍ୟକ୍ତିମାନେ ନିର୍ବାଚନରେ ଅଂଶଗ୍ରହଣ କରୁନାହାନ୍ତି। ରାଜନୈତିକ ଦଳର ନେତୃବୃନ୍ଦମାନେ ନିର୍ବାଚନ ସମୟରେ ଭୋଟ କିଣାବିକା କରି ନିର୍ବାଚନ ବୈତରଣୀ ପାର ହେଉଛନ୍ତି। ଭ୍ରଷ୍ଟାଚାର ଚରମ ଶିଖରରେ। କେବଳ ସେତିକି ନୁହେଁ ଦେଶରେ ଏବେ ମଧ୍ୟ ହିନ୍ଦୁ-ମୁସଲମାନ, ସବର୍ଣ୍ଣ-ଅସବର୍ଣ୍ଣ, ଭାଷା ପ୍ରାନ୍ତକୁ ନେଇ ବିଭେଦତା ବୃଦ୍ଧି ପାଇବାରେ ଲାଗିଛି। ଏଣୁ ସାଧାରଣ ଜନତାଙ୍କ ପ୍ରଶିକ୍ଷଣ ଓ ସଜ୍ଜନ ଶକ୍ତିର ଜାଗରଣ ହିଁ ଏକମାତ୍ର ମାର୍ଗ। ଫଳରେ ଗଣତନ୍ତ୍ରର ସୁଫଳ ମିଳିବ।

*ଆଡ଼ଭୋକେଟ*
*ଖଟବିନ ସାହି, କଟକ*
*ମୋ-୯୪୩୭୦୧୬୩୮୪*




# ଜୈବିକ କୃଷିସାରର ସମନ୍ୱିତ ପରିଚାଳନା

ଭାରତବର୍ଷ ସାରା ବିଶ୍ୱର କୃଷି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛି, ମାତ୍ର ଏବର କୃଷିକ୍ଷେତ୍ରରେ ରାସାୟନିକ ସାରର ପ୍ରୟୋଗ ବହୁମାତ୍ରାରେ ବୃଦ୍ଧି ପାଇଅଛି । ଏହାହିଁ ଏକମାତ୍ର ବିକଳ୍ପ ରୂପେ ପରିଗଣିତ ହୋଇ ପାରିଛି । କିନ୍ତୁ ଜୈବିକ କୃଷି ସାରର ସମନ୍ୱିତ ପରିଚାଳନା କୃଷି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ ।

**ଜୈବିକ କୃଷିସାର କ'ଣ ?**

ଜୈବିକ କୃଷିସାର ଉପଯୋଗୀ କ୍ଷୁଦ୍ର ଅଣୁଜୀବମାନଙ୍କର ସଙ୍ଗଠିତ ସମାହାର ଯାହାର ପ୍ରୟୋଗ କୃଷି ଉତ୍ପାଦନରେ ବୃଦ୍ଧି ଆଣିବା ସହ ଫସଲର ପୁଷ୍ଟିକରମାନ ବଢ଼ାଇ ଥାଏ । ରାସାୟନିକ ସାରର ବିକଳ୍ପ ଭାବେ ଜୈବିକ କୃଷି ସାର ପ୍ରମୁଖ ଭୂମିକା ଗ୍ରହଣ କରିଅଛି । ମୁଖ୍ୟତଃ- କୃଷିଜମି ମୃତ୍ତିକା ଏବଂ ମିରେ ଏହାର ପରିଚାଳନା ହୁଏ । ଯେପରି କି ନାଇଟ୍ରୋଜେନ୍ ଫିକ୍ସିଙ୍ଗ ଅଣୁଜୀବ ଫସଲକୁ ସଠିକ୍ ପରିମାଣରେ ପହଞ୍ଚାଇ ଥାଆନ୍ତି । ଫସଫରସ ଦ୍ରବଣୀୟ ଅଣୁଜୀବ ଅଦ୍ରବଣୀୟ ଫସଫେଟକୁ ଦ୍ରବଣୀୟ କରି ଫସଲ ପାଖରେ ପହଞ୍ଚାଇ ଥାଏ । ଏତଦ୍ ଭିନ୍ନ ଏହିସବୁ ଅଣୁଜୀବ କମ୍ପୋଷ୍ଟରେ ସେଲ୍ୟୁଲୋଜର ବିଘଟନ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ଧାନ ଜମିରେ ଖତ ଭାବରେ ବ୍ୟବହୃତ ହୁଏ ।

**ବିଭିନ୍ନ ପ୍ରକାର ଜୈବିକ କୃଷିସାର :**

୧) ରାଇଜବିଆ, ଅଜୋଟୋବ୍ୟାକ୍ଟର, ଫସଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ ଯଥା- ବାସିଲସ୍, ସ୍ୟୁଡୋମନାସୀ ସମନ୍ୱିତ ପରିଚାଳନା ।

୨) ବାୟୋମାସ୍ ଉତ୍ପାଦକ ଅଣୁଜୀବ ଯଥା- ଆଜୋଲା, ରାଇଜୋବିୟମ୍ ଓ ଆଜୋଟୋବ୍ୟାକ୍ଟର ।



ପ୍ରସ୍ତୁତି- **ଡ଼ି ଶୁଭମ୍**
ସଂଯୋଜକ, କୃଷି ଦୁନିଆ



ଡାଲି ଜାତୀୟ ଫସଲ :

ବର୍ତ୍ତମାନ ଭାରତର ବିଭିନ୍ନ ଅନୁକୋଣରେ ଜୈବିକ ସାର ପ୍ରୟୋଗର ଭୂମିକା ବଢ଼ିବାରେ ଲାଗିଛି । ଡାଲିଜାତୀୟ ଫସଲ କ୍ଷେତ୍ରରେ ରାଇଜୋବିୟମର ପ୍ରୟୋଗ ଉତ୍ପାଦନ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହାଛଡ଼ା ଆଜୋଟୋବ୍ୟାକ୍ଟର ମଧ୍ୟ ଫସଲ ବୃଦ୍ଧିର ପ୍ରମୁଖ୍ୟ ରହସ୍ୟ ।

ଶୈବାଳର ଉପଯୋଗିତା :

ଶୈବାଳ ମୁଖ୍ୟଭାବେ ଧାନ ଫସଲ କ୍ଷେତ୍ରରେ ଉପଯୋଗ କରାଯାଏ । କାରଣ ଶୈବାଳ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ପରିମାଣ ବଢ଼ାଇ ଥାଏ । ଯାହା ଦ୍ୱାରା ନାଇଟ୍ରୋଜେନ୍ ଜନିତ ରାସାୟନିକ ସାରର ବିକଳ୍ପ ଭାବେ ଆମେ ଏହାକୁ ପ୍ରୟୋଗ କରିବା । ଏହା କରିବା ଦ୍ୱାରା ଉତ୍ପାଦନ ୧୦ ରୁ ୧୫ ଶତକଡ଼ା ଅଧିକ ହୋଇଥାଏ । (ଯଦିଓ ରାସାୟନିକ ସାର ବ୍ୟବହାର ନକରିବା) ଏକ ସର୍ଭେରୁ ଜଣା ଯାଇଛି ଏହି ଶୈବାଳ ୧୫ ରୁ ୩୫ କି.ଗ୍ରା ନାଇଟ୍ରୋଜେନ୍ / ହେକ୍ଟର ଯୋଗାଇଥାଏ ।

**ଫସ୍‌ଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ:**

ବ୍ୟାକ୍ଟେରିଆ ଯଥା ବାସିଲସ୍ ଓ ବାସିଲସ୍ ଏବଂ କବକ ଯଥା ପେନସିଲିୟମ ଅଦ୍ରବଣୀୟ ଫସ୍‌ଫରସ୍‌କୁ ଦ୍ରବଣ କରି ଫସଲ ପାଖରେ ପହଞ୍ଚାଇବାର କ୍ଷମତା ଅଛି । ଯାହା ଦ୍ୱାରା ଫସଲକୁ ଫସଫରସର ଅଭାବ ପୂରଣ ହୋଇଯାଏ । ଏହା ବ୍ୟତୀତ କମ୍ପୋଷ୍ଟରେ ସେଲ୍ୟୁଲୋଜ୍ ବସ୍ତୁର ଦ୍ରୁତ ବିଘଟନ ପ୍ରକ୍ରିୟାରେ ମଧ୍ୟ ଏହା ସାହାଯ୍ୟ କରେ (୪-୧୬ ସପ୍ତାହ) ।

ଡାଲି ଜାତୀୟ ଫସଲରେ ନିମ୍ନୋକ୍ତ ବ୍ୟାକ୍ଟେରିଆର ପ୍ରୟୋଗ :

ଦିଲ୍ଲୀ- ୧୩%, କାନପୁର- ୩୮%, ବନାରସ- ୯୯%

**ଆଜୋଲା :**

ଆଜୋଲା ଏହିଭଳି ଏକ ଜଳଜାତୀୟ ଫର୍ଣ୍ଣ । ଏହା ମୁଖ୍ୟତଃ ଧାନ ଫସଲରେ ବ୍ୟବହୃତ ହୁଏ । ଆଜୋଲ, ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଆନବେନା ସହ ମିଶି ଏକ ପ୍ରମୁଖ ଜୈବିକ ସାରର ଭୂମିକା ନିଭାଇଥାଏ । ଆଜୋଲା ଧାନ ଚାରାର ଧାଡ଼ି ଧାଡ଼ିରେ ମଧ୍ୟ ବଢ଼ାଯାଇପାରେ ଏବଂ ଏହାପରେ ଏହାକୁ ନେଇ ପ୍ରୟୋଗ କରାଯାଏ । ବାୟୋମାସ୍ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ । ଦ୍ରୁତ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଭାବେ ମଧ୍ୟ ଆଜୋଲା ପିନଟା ବ୍ୟବହୃତ ହୁଏ । ଏତଦ୍‌ଭିନ୍ନ ଆଜୋସ୍ପିରିଲମ୍ ମଧ୍ୟ ବ୍ୟବହାର କରାଯାଏ । ଏହି ସବୁ ବର୍ତ୍ତମାନ ସମୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ । କୃଷି କ୍ଷେତ୍ରରେ ଏହାର ଉପଯୋଗ ଉତ୍ପାଦନରେ ଶତଗୁଣ ବୃଦ୍ଧି କରିବା ସହ ହାନିକାରକ ହୋଇ ନଥାଏ ।





# ନଡ଼ିଆ ଗଛରେ କାଳିମୁଣ୍ଡି ପୋକ ନିୟନ୍ତ୍ରଣ

ନଡ଼ିଆ ଏକ ଅର୍ଥକାରୀ ଫସଲ ଏବଂ ନଡ଼ିଆ ଗଛ ରେ ଲାଗୁଥିବା କୀଟ ମାନଙ୍କ ମଧ୍ୟରୁ କାଳିମୁଣ୍ଡି ପୋକ ଗଛ ପାଇଁ ବିଶେଷ କ୍ଷତିକାରକ । ଏହା ଏକ ପ୍ରଜାପତି ଜାତୀୟ କୀଟ ଏବଂ ଏହାର ଲାର୍ଭା ଅବସ୍ଥା ଗଛ କୁ ପହୁଞ୍ଚାଇଥାଏ । ଏହି ଲାର୍ଭା ର ମୁଣ୍ଡ କଳା ରଙ୍ଗ ର ହେଇଥିବାରୁ ଏହାକୁ କାଳିମୁଣ୍ଡି ପୋକ କୁହାଯାଏ । ଲାର୍ଭା ଟି ଦେଖିବାକୁ ଗାଢ଼ ଧୂସର ରଙ୍ଗର ଏବଂ ଅଣ୍ଡା ରୁ ବାହାରି ଏମାନେ ସବୁଜ ପତ୍ର କୁ ଖାଇଥାନ୍ତି । ପତ୍ର କୁ ଖାଇବା ସହ ଏମାନେ ପତ୍ରରେ ସୁଡଙ୍ଗ ତିଆରି କରନ୍ତି, ସେଥିରେ ଖାଇ ମଳତ୍ୟାଗ କରନ୍ତି ଯାହା ଫଳ ରେ ପତ୍ର ର କେବଳ ମୁଖ୍ୟ ଶିରା ରହିଯାଏ କ୍ଷ ଦୂରରୁ ଦେଖିଲେ ନଡ଼ିଆ ବଗିଚ଼ା ପୋଡିଗଲା ପରି ଦେଖାଯାଏ ।



ପରିଚ଼ାଳନା:

- ଖରା ଦିନ ଆରମ୍ଭ ହେବ ପୂର୍ବରୁ ପୋକ ଦ୍ୱାରା କ୍ଷତ ପତ୍ର ଗୁଡିକୁ କାଟି ପୋଡିଦେବା ଉଚ଼ିତ ।

କ୍ଷ ଗଛ ଟି ଛୋଟ ଅବସ୍ଥା ରେ ଥିଲାବେଳେ ୪ ଲିଟର ପାଣିରେ ଡାଇକ୍ଲୋରୋଭସ୍ ୧ ମିଲି ଲିଟର ମିଶାଇ ଅକ୍ରାନ୍ତିତ ଗଛର ପତ୍ରରେ ସିଞ୍ଚନ କରିବା ଦ୍ୱାରା ହେଉଥିବା କ୍ଷତି କମ କରାଯାଇପାରିବ ।

- ବ୍ରାକନ ବ୍ରେଭିକରନିଶ ନାମକ ଭଅଁର ଜାତୀୟ ଶତ୍ରୁ ପୋକକୁ ନଡିଆ ଫସଲରେ ୭ରୁ ୧୦ ଦିନ ବ୍ୟବଧାନରେ ୩ ରୁ ୪ ଥର ପ୍ରୟୋଗ କରାଯାଏ । ଏହି ଶତ୍ରୁ ପୋକଟି କାଳିମୁଣ୍ଡି ଲାର୍ଭା ଦେହ ଭିତରେ ଅଣ୍ଡା ଦିଏ । ଅଣ୍ଡାରୁ ଛୁଆ ବାହାରି ଏହାକୁ ପୋକକୁ ଖାଇ ଦିଅନ୍ତି । ଯାହା ଫଳରେ କାଳିମୁଣ୍ଡି ପୋକର ବଂଶ ଲୋପପାଏ ଏବଂ ନଡିଆ ଗଛ ଗୁଡିକ କାଳିମୁଣ୍ଡି ପୋକର ଆକ୍ରମଣରୁ ରକ୍ଷା ପାଏ ।

ରୁଦ୍ର ପ୍ରତାପ ସୁବୁଦ୍ଧି
ସହାକରୀ ପ୍ରାଧ୍ୟାପକ,
ମିଟସ୍ , ରାୟଗଡ଼ା

# କୃଷି ପର୍ଯ୍ୟଟନ

କୃଷି ପର୍ଯ୍ୟଟନ କୃଷି ଭିତିକ କର୍ଯ୍ୟକଳାପ ସହ ଜଡିତ ଯାହା ପରିଦର୍ଶକ ମାନଙ୍କୁ ଆକୃଷ୍ଟ କରିବା ସହିତ ଚ଼ାଷ ଜମି ର ସୌନ୍ଦର୍ଯ୍ୟ ଏବଂ ଚ଼ାଷୀ ବିଷୟରେ ଜାଣିବାର ସୁଯୋଗ ସୃଷ୍ଟି କରିଥାଏ । ଲୋକମାନେ ବର୍ତମାନ ଖାଦ୍ୟ କିପରି ଉତ୍ପାଦିତ ହୁଏ , କିପରି ପ୍ରକ୍ରିୟାକରଣ ହୁଏ ଏବଂ କିପରି ବିଭିନ୍ନ ବଜାର ରେ ପହଞ୍ଚ ? , ସେ ବିଷୟରେ ଜାଣିବା ପାଇ ଇଚ଼୍ଛା ପ୍ରକାଶ କରୁଛନ୍ତି ।

ଆମ ଓଡିଶା ସାରା ଭାରତରେ ଉଭୟ ଘରୋଇ ଏବଂ ବିଦେଶୀ ନାଗରିକ ଙ୍କ ପାଇଁ ଏକ ଲୋକପ୍ରିୟ କୃଷି ପର୍ଯ୍ୟଟନ ର ଗନ୍ତବ୍ୟସ୍ଥଳ ।



କୃଷି ପର୍ଯ୍ୟଟନ ମାଧ୍ୟମରେ ଓଡିଶା ରେ କୃଷକ ମାନଙ୍କ ଜୀବନଶୈଳୀ, ଆମର ସଂସ୍କୃତି ଏବଂ ପାରମ୍ପାରିକ ପ୍ରଥମିକତା ବିଷୟରେ ପର୍ଯ୍ୟଟକ ମାନେ ଅବଗତ ହୋଇପାରିବେ ଏହା ଛଡା ସ୍ଥାନୀୟ କୃଷି ଜାତୀୟ ଦ୍ରବ୍ୟ ଏବଂ ବିଭିନ୍ନ କୃଷି ପ୍ରକ୍ରିୟା ସହ ସିଧାସଳଖ ଯୋଡି ହୋଇପାରିବେ । ଦେଶ ର ସବୁଠାରୁ ଅଧିକ ଧାନ ଉତ୍ପାଦନ କରୁଥିବା ରାଜ୍ୟ ମଧ୍ୟରୁ ଓଡିଶା ଅନ୍ୟତମ । ଓଡିଶା ର ଧାନ ଉତ୍ପାଦନ ଦେଶ ର ମୋଟ ଚ଼ାଉଳ ଉତ୍ପାଦନ ର ଏକ ଦଶମାଂଶ ଅଟେ । ଆମ ରାଜ୍ୟ ରେ ଚ଼ାଷୀ ଙ୍କ ଦ୍ୱାରା ଚ଼ାଷ କରାଯାଉଥିବା ମୁଖ୍ୟ ଫସଲ ଗୁଡିକ ହେଉଛି ଧାନ, ଝୋଟ, ବିଭିନ୍ନ ତୈଳଜାତୀୟ ଫସଲ, ଡାଲି ଜାତୀୟ, ମକା, ଆଖୁ, ଚ଼ା, କପା, ରବର, ମାଣ୍ଡିଆ, ରାଗି, ଆଳୁ, ବିଭିନ୍ନ ଫଳ ଏବଂ ପଣି ପନିପରିବା ଇତ୍ୟାଦି । ଓଡିଶା ରେ ବିଭିନ୍ନ ଋତୁ ରେ ବିଭିନ୍ନ ଫସଲ ଚ଼ାଷ କରାଯାଇଥାଏ । ଏହା ସହିତ ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କ ରେ ବିଭିନ୍ନ ପ୍ରଜାତି ର ମାଛ ,ଚ଼ିଙ୍ଗୁଡି ଏବଂ କଙ୍କଡା ଚ଼ାଷ କରାଯାଇଥାଏ । ପଶୁପାଳନ ଏବଂ କ୍ଷୀର ଉତ୍ପାଦନ ରେ ମଧ୍ୟ ଓଡିଶା ବହୁତ ଆଗରେ ।



**ଅନିଲ କୁମାର ମିଶ୍ର**

କୃଷି ପର୍ଯ୍ୟଟନ ମାଧ୍ୟମରେ ପରିଦର୍ଶକ ମାନେ ଶସ୍ୟ ପର୍ଯ୍ୟଟନ , ପନିପରିବା ପର୍ଯ୍ୟଟନ , ଫଳ ପର୍ଯ୍ୟଟନ , ପଶୁପାଳନ ପର୍ଯ୍ୟଟନ ଏବଂ ମଛାଚ଼ାଷ ପର୍ଯ୍ୟଟନ ସ୍ଥଳ ବୁଲି ଦେଖି ପାରିବେ । କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଲାଭବାନ ସୂତ୍ର ।

❖ ଚ଼ାଷୀ ମାନେ ପ୍ରତ୍ୟକ୍ଷ ଭାବେ ନିଜ ଉତ୍ପାଦନ ର ବିପଣନ କରିପାରିବେ । କୃଷି ପର୍ଯ୍ୟଟନ ଚ଼ାଷୀ ଙ୍କୁ ମୂଲ୍ୟ ନିର୍ବାହକାରୀ ପରିବର୍ତ୍ତ ? ମୂଲ୍ୟ ନିର୍ମାତା ଭାବରେ ରୂପାନ୍ତର କରିପାରିବ ।

❖ କୃଷି ପର୍ଯ୍ୟଟନ କୃଷକ ପାଇଁ ଆୟର ଏକ ଅତିରିକ୍ତ ସହାୟକ ସ୍ରୋତ ହୋଇପାରିବ ଏବଂ ସେଇ ପୂର୍ବ ଜମି ଆଧାର ରେ ଚ଼ାଷୀ ଅଧିକ ଲାଭବାନ ହୋଇପାରିବ ।

❖ କୃଷି ପର୍ଯ୍ୟଟନ ସ୍ଥଳ ପାଇଁ ଆକର୍ଷିତ ହୋଇଥିବା ପରିଦର୍ଶକ ମାନେ ପୁରୁଣା କୃଷି ଦ୍ରବ୍ୟ କିଣିବା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରିବେ ।

❖ ଫସଲ ଉତ୍ପାଦନ ସମୟ ଛଡା ମଧ୍ୟ ଟିକିଏ ଚ଼ତୁରତା ସହିତ ଚ଼ାଷୀ ବର୍ଷ ତମାମ ଅର୍ଥ ଉପାର୍ଜନ କରିପାରିବ ।

❖ ମୁଖ୍ୟତ କୃଷି ପର୍ଯ୍ୟଟନ ଦ୍ୱାରା କୃଷକ ଏବଂ ଗ୍ରାହକ ଙ୍କ ସହଭାଗୀତା କୁ ବୃଦ୍ଧି କରିବାରେ ସଫଳ ହୋଇପାରିବ ।

❖ ଏହା ମଧ୍ୟ ବିଦ୍ୟାଳୟ ରେ ପଢୁଥିବା ପିଲାମାନଙ୍କ ପାଇଁ ଏବଂ କୃଷି ଆଗ୍ରହୀ ଲୋକ ଙ୍କ ପାଇଁ ପ୍ରଶିକ୍ଷଣ ର ସୁଯୋଗ ସୃଷ୍ଟି କରିବା ସହିତ ପରିବାର ଅନୁକୂଳ ଗନ୍ତବ୍ୟସ୍ଥଳ ଖୋଜୁଥିବା ଲୋକ ମାନଙ୍କ ପାଇଁ ଏକ ମନୋରଞ୍ଜନ ର ମାଧ୍ୟମ ହୋଇପାରିବ, ଯେଉଁଠି ସେମାନେ ବ୍ୟସ୍ତ ବହୁଳ ଜୀବନ ରୁ ବାହାରି ଆସି ପ୍ରକୃତି, ଉଦ୍ଭିଦ, ଏବଂ ଘୋରୋଇ ପଶୁ ପକ୍ଷୀ ଙ୍କ ଗହଣ ରେ ସମୟ ଅତିବାହିତ କରିପାରିବେ ।

❖ କୃଷି ପର୍ଯ୍ୟଟନ କୃଷକ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିବା ସହିତ ଛୋଟ ସମ୍ପ୍ରଦାୟର ଉନ୍ନତି ରେ ମଧ୍ୟ ଅଂଶଧର ହେବ ।

❖ ପର୍ଯ୍ୟଟନ ଦ୍ୱାରା ସ୍ଥାନୀୟ ଉତ୍ପାଦନ ଏବଂ ସେବା ଗୁଡିକର ବିକ୍ରୟ ରେ ବୃଦ୍ଧି ହେବ ସହ ସ୍ଥାନୀୟ ଅଞ୍ଚଳ ରେ ନିଯୁକ୍ତି ମଧ୍ୟ ସୃଷ୍ଟି କରିବ ।

❖ ପଡୋଶୀ କ୍ଷୁଦ୍ର ଚ଼ାଷୀ ଙ୍କ ପାଇଁ ଏହା ଏକ ମାର୍କେଟିଂ ଭେନ୍ୟୁ ରୂପରେ ମଧ୍ୟ ବ୍ୟବହାର କରାଯାଇ ପାରିବ ।

କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ଙ୍କ ମଧ୍ୟରେ ଏକ ସମନ୍ୱୟ ସମ୍ପର୍କ ବଢାଇବାରେ ସକ୍ଷମ ହେବା ସହ କୃଷକ ଙ୍କୁ ଅଧିକ ଲାଭଦାୟକ କରିପାରିବ । ସରକାର ମଧ୍ୟ କୃଷି ପର୍ଯ୍ୟଟନ କୁ ଗୁରୁତ୍ୱ ଦେବା ସହ ଚ଼ାଷୀ ମାନଙ୍କୁ ଏହି ସୁଯୋଗ ବିଷୟରେ ଅବଗତ କରାଇଲେ କୃଷି ଏବଂ କୃଷକ ର ଉନ୍ନତି ହୋଇପାରିବ ।

*କୃଷି ବିଶେଷଜ୍ଞ,ଭୁବନେଶ୍ୱର*

# କ୍ଷାରଜଳ ଜାଲଘର ମାଛ

**ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି**

ବର୍ତ୍ତମାନ ଭାରତରେ ସାମୁଦ୍ରିକ ମତ୍ସ୍ୟକୃଷି ନୀଳ ବିପ୍ଳବର ଏକ ନୂତନ ପଦକ୍ଷେପ । ଏହା ଲକ୍ଷ୍ୟ କରାଯାଇଛି ଯେ ବିଗତ ଦଶଦଶନ୍ଧି ମଧ୍ୟରେ ଲୋକମାନଙ୍କର ସ୍ୱାସ୍ଥ୍ୟକର ପୋଷଣ ଏବଂ ବୈଦେଶିକ ମୁଦ୍ରା ପାଇଁ ମାଛ ପ୍ରତି ଆଦର ଯୋଗୁଁ ସାମୁଦ୍ରିକନ୍ ମାଛର ଘରୋଇ ଚାହିଦା ଅହେତୁକ ଭାବେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହା ଫଳରେ ସାମୁଦ୍ରିକ ମାଛର ଜୋର ମୂଲ୍ୟ ମଧ୍ୟ ବିଶେଷ ଭାବରେ ବୃଦ୍ଧି ପାଉଛି । କିନ୍ତୁ ସ୍ଥଳ ଭାଗର ଭୂମିଖନନ ଏବଂ ବହୁଳ ବ୍ୟବହାରର ସମସ୍ୟା, ତତସହିତ ପାରିପାର୍ଶ୍ୱିକ ପରିବେଶ ପ୍ରଦୂଷଣର ସମସ୍ୟା ଯୋଗୁଁ ଉପକୂଳବର୍ତ୍ତୀ ସାମୁଦ୍ରିକ ମତ୍ସ୍ୟକୃଷିର ସମ୍ପ୍ରସାରଣ ଓ ଉନ୍ନୟନ ବର୍ତ୍ତମାନ ଏକ କାଠିକର ବ୍ୟାପାର ହୋଇ ପଡ଼ିଛି । ଏଣୁ ଏ ସବୁର ସମାଧାନ ନିମନ୍ତେ ଲୋକମାନଙ୍କ ମନରେ 'ସମୁଦ୍ରାଭିମୁଖୀ' ବା 'ସମୁଦ୍ର ମୁହାଁ' ନାମକ ଏକ ଚିନ୍ତାଧାରା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଏହା କ୍ଷିପ୍ର ଗତିରେ ଅଗ୍ରସର ହେଉଛି, ବିଶେଷ କରି ସାମୁଦ୍ରିକ ମତ୍ସ୍ୟପାଳନ ନିମନ୍ତେ ।



କ୍ଷାରଜଳ ଜାଲଘର ମାଛଚାଷର **ଉପକାରିତା :**

୧) ପ୍ରାୟତଃ ସର୍ବାଧିକ ପ୍ରକାର ଜଳଉତ୍ସର ସମ୍ପୂର୍ଣ୍ଣ ବିନିଯୋଗ ଯେପରିକି ମୁକ୍ତ ସମୁଦ୍ର, ମୁହାଣ, ବୃହତଜଳାଶୟ, ନଦୀ, ହ୍ରଦ ଏବଂ କ୍ଷାରଜଳ ଉତ୍ସ ଇତ୍ୟାଦି ।

୨) ଗରିବ ଏବଂ ଜମିହୀନ କୃଷକ ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ, କାରଣ ଏଥିପାଇଁ ଜମି କିମ୍ବା ଉତ୍ସର ଅଧିକାର ଆବଶ୍ୟକତା ନାହିଁ ।



୩) ଅନ୍ୟ ମତ୍ସ୍ୟକୃଷି ଅପେକ୍ଷା ଜାଲଘର ମାଛଚାଷରେ ମାଛ ମାନଙ୍କର ବୃଦ୍ଧି ଅପେକ୍ଷାକୃତ ଅଧିକ ହୋଇଥାଏ ।

୪) ପୋଖରୀ, ଗାଡ଼ିଆ ପରି ମାନଦ୍ଧ ଜଳାଶୟ ଅପେକ୍ଷା ଜାଲଘର ମାଛ ଚାଷରେ ୧୦-୧୨ ଗୁଣା ଅଧିକ ଉତ୍ପାଦନ ହୋଇଥାଏ ।

୫) ସମସ୍ତ ପରିଚାଳନା ଅତି ସହଜ ହୋଇଥାଏ । ଯଥା- ଖାଦ୍ୟଦେବା, ଯତ୍ନ ନେବା ଏବଂ ତଦାରଖ କରିବା ଇତ୍ୟାଦି ।

୬) ବର୍ଷରେ ସର୍ବାଧିକ ଥର ଉତ୍ପାଦନ କରିହେବା ଭଳି ଏକ ସୀମିତ ସମୟ ମାଛଚାଷ ।

୭) ବନ୍ୟା ଜନିତ କ୍ଷତିର ସର୍ବନାଶ ଭୟ ।

୮) କୌଣସି ପ୍ରକାର ଜଳସ୍ତର ହ୍ରାସର ପ୍ରଶ୍ନ ନାହିଁ ।

୯) କୌଣସି ପ୍ରକାର ଭୂମି ଖନନ କିମ୍ବା ମାଟି ସମ୍ବନ୍ଧୀୟ ତଦାରଖର ଆବଶ୍ୟକତା ନାହିଁ ।

୧୦) ଜଳ ପରିବର୍ତ୍ତନର ଆବଶ୍ୟକତା ନାହିଁ ।

୧୧) ଯେହେତୁ ଅନ୍ୟ କୃଷିକାର୍ଯ୍ୟ ଠାରୁ ଏହାର ସ୍ଥାନ ଦୂର ଏବଂ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ରାସାୟନିକ ପଦାର୍ଥର ପ୍ରଭାବ ଏହା ଉପରେ ନାହିଁ କହିଲେ ଚଳେ ।

୧୨) ଉପଯୁକ୍ତ ବଜାର ସ୍ଥାନ ଦେଖି ଏହାକୁ ପରିଚାଳନା କରିବା ସଙ୍ଗେ ସଙ୍ଗେ ଆମଦାନୀ ଓ ରପ୍ତାନୀର ଅସୁବିଧାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରିବ ।

୧୩) ଏଥିରେ ସହଜ ଏବଂ ସମ୍ପୂର୍ଣ୍ଣ ମାଛ ଉତ୍ପାଦନ ସମ୍ଭବ ।

୧୪) ଏଥିରେ ଦିଆଯାଉଥିବା ଖାଦ୍ୟର ସମ୍ପୂର୍ଣ୍ଣ ବିନିଯୋଗ ହୋଇଥାଏ ।

୧୫) ସବୁଠାରୁ ବଡ଼ କଥା ହେଲା ଏଥିରେ କମ୍ ଖର୍ଚ୍ଚରେ ସର୍ବାଧିକ ଲାଭ ହୋଇଥାଏ ।

(ରେମୁଣା , ବାଲେଶ୍ୱର,
ମୋ -୯୧୭୮୪୦୬୫୭)




# 'ତାତ ଜନନୀ ଉପକାର, ଶୁଝି କେ ପାରିବ କୁମର...'



ଶ୍ରୀମଦ୍ ଭାଗବତରେ ନିଜ ଜୀବନ୍ତ ଭଗବାନ ସଦୃଶ ନିଜ ପିତାମାତାଙ୍କ ସେବାକର୍ମ ପ୍ରତି ଉଲ୍ଲେଖ ରହି ଲେଖା ହୋଇଛି - 'ଆଚାର୍ଯ୍ୟ ବ୍ରହ୍ମାର ମୂରତି, ପିତା ପ୍ରତ୍ୟକ୍ଷେ ପ୍ରଜାପତି। ଭ୍ରାତା ଯେ ମୂରତି ଇନ୍ଦ୍ରର, ମାତା ସାକ୍ଷାତ ପୃଥିବୀର। ଅଗ୍ନି ମୂରତି ଅଭ୍ୟାଗତ, ଆତ୍ମାର ମୂର୍ତ୍ତି ସର୍ବଭୂତ। ତାତ ଜନନୀ ଉପକାର, ଶୁଝି କେ ପାରିବ କୁମର। ଗର୍ଭେ ବହନ୍ତି ଦୁଃଖ ସହି, ପୁଣି ପାଳନ୍ତି କ୍ଷୀର ଦେଇ। ସର୍ବ ସମ୍ପଦ ପୁଣି ଦେଇ, ତାହାଙ୍କ ପୋଷଣେ ଜୀଅଇ। ତାହାଙ୍କ ପ୍ରତି ଉପକାରେ, ଶତ ବରଷେ କେହୁ ପାରେ।' ଯାହାଙ୍କଠାରୁ ଆମେ ଜନ୍ମ ନେଇଛନ୍ତି, ଯିଏ ଆମର ସୃଷ୍ଟିକର୍ତ୍ତା, ଯାହାଙ୍କ ଆଶୀର୍ବାଦରୁ ଆମେ ଏଡ଼ିକିଟିଏରୁ ଏତୁଟିଏ ହେଇଛୁ, ଯିଏ ଆମ ପାଇଁ ପ୍ରତ୍ୟକ୍ଷ ଦେବତା; ସିଏ ହେଉଛନ୍ତି ଆମର ପିତାମାତା। ଏଣୁ - 'ପିତା ନାହିଁ ଯାହାର ସାହା ନାହିଁ ତାର, ପିତା ମାତା ସବୁ କିଛି ପିତାମାତା ପାଦ ଯେ ଜନ ସେବିଛି, ସେହୁଟି ସର୍ବ ଲଭିଛି।' ବାସ୍ତବରେ ପିତାମାତା ହେଉଛନ୍ତି ଆମର ପ୍ରତ୍ୟକ୍ଷ ଦେବତା। ତାଙ୍କର ବାର୍ଦ୍ଧକ୍ୟ ସମୟରେ ତାଙ୍କୁ ହତାଦର କରିବା ବା ଅବମାନନା କରିବା ଅନୁଚିତ। କେବଳ ଯେ ପିତାମାତା ତାହା ନୁହଁନ୍ତି; ସମସ୍ତ ବୟସ୍କ ଆମର ଅଗ୍ରପୂଜ୍ୟ। ସେମାନଙ୍କୁ କୁହାଯାଏ ଶ୍ରେଷ୍ଠ ମାନବ। 'ମା' ଅର୍ଥ ସୃଷ୍ଟି, 'ନବ' ଅର୍ଥ ନୂଆ। ଯାହାଙ୍କ ଠାରୁ ଆମେ ନୂଆ ପ୍ରେରଣା ପାଇଥାଉ। ତେଣୁ ସେ ହେଉଛନ୍ତି ଆମର ସବୁକିଛି। ଆଜିର ଭୋଗସର୍ବସ୍ୱ ସମୟର ମୁହୂର୍ତ୍ତରେ ଆମ୍ଭେମାନେ ପ୍ରାୟତଃ ନିଜ ନିଜ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ପଛେଇ ଦେଉଛେ ନିଜ ପିତାମାତାଙ୍କ ସେବାଯତ୍ନକୁ। ଯେଉଁମାନଙ୍କ ଇଚ୍ଛା ଓ ସଂକଳ୍ପର ଫଳସ୍ୱରୂପ ଆମ୍ଭେମାନେ ଆଜି ଏ ଦୁନିଆର ଆଲୋକ ଦେଖିବାକୁ ସମର୍ଥ ହୋଇଛୁ, ଏ ସୁନ୍ଦର ଶରୀର ପାଇଛୁ ଆଉ ପ୍ରତିଟି ମୁହୂର୍ତ୍ତରେ ମାନବୀୟ ମୂଲ୍ୟବୋଧକୁ ଅନୁଭବ କରିଛୁ, କିନ୍ତୁ ସେହିମାନଙ୍କ ଅତୁଳନୀୟ ଓ ଅକଳ୍ପନୀୟ ପ୍ରତିଦାନକୁ ଆମେ ପ୍ରତି ମୁହୂର୍ତ୍ତରେ ଭୁଲିଯାଉଛେ ସତେଯେପରି। ନିକଟରେ କେତେକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବର କାଗଜର ତଥ୍ୟ ଅନୁଯାୟୀ କେବଳ ଭାରତରେ ନୁହେଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ପିତାମାତାଙ୍କ ପ୍ରତି ନିର୍ଯାତନା ଦେଉଥିବାର ହତଭାଗା ପୁଅ ମାନଙ୍କର କୁକୀର୍ତ୍ତିର ଖବର ପୃଷ୍ଠା ମଣ୍ଡନ କରୁଛି ଯାହାକି ନିଶ୍ଚିନ୍ତ ଭାବରେ ଆମମାନଙ୍କ ମାନବିକତାକୁ ଏକ ଧିକ୍କାର୍। ଏହା ସତ୍ତ୍ୱେ ଆମ୍ଭମାନଙ୍କ ପରି ନିଜକୁ ବ୍ରହ୍ମଜ୍ଞାନୀ ବିଚାର କରୁଥିବା ବୁଦ୍ଧିମାନ ବ୍ୟକ୍ତିମାନେ ଯେ କିପରି ନିଜ ସୁଖ ଓ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆମର ଜୀବନ୍ତ ଈଶ୍ୱରମାନଙ୍କୁ ହତାଦାର କରୁଛେ ତାହା ଆମ ସମାଜର ଆଇନାରେ ସୁସ୍ପଷ୍ଟ।

ଭାରତର ଶାସ୍ତ୍ର ଓ ପୁରାଣରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ ଯେଉଁ ପିଲାମାନେ ନିଜ ବାପାମାଆଙ୍କ ସେବା କରିଥାନ୍ତି ସେମାନେ ସ୍ୱର୍ଗସୁଖର ପୁଣ୍ୟ ପାଇଥାନ୍ତି। କିନ୍ତୁ ଆମ୍ଭେମାନେ ତାକୁ ହେୟଜ୍ଞାନ କରୁଛୁ। ଭାରତରେ ପିତାମାନଙ୍କ ଭରଣପୋଷଣ ହେଉ ବା ସେମାନଙ୍କୁ କୌଣସି ଯନ୍ତ୍ରଣା ବା କଷ୍ଟ ନ ଦେବା ପାଇଁ ବିଭିନ୍ନ ଆଇନରେ ନିର୍ଦ୍ଦେଶନାମା ସ୍ପଷ୍ଟ ଉଲ୍ଲେଖ ରହିଛି। ତାହାସତ୍ତ୍ୱେ ଅଧିକାଂଶ କ୍ଷେତ୍ରରେ ନିର୍ଯାତିତ ହେଉଥିବା ପିତାମାତାମାନେ ନିଜ ପିଲାମାନଙ୍କର ଏପରି କ୍ରୁର ବ୍ୟବହାର ଓ ନିର୍ଯାତନା ପାଇ ମଧ୍ୟ ସେମାନଙ୍କ ଭଲ କାମନା କରି କୌଣସି ଅଭିଯୋଗ କରିବାକୁ ଆଗେଇ ଆସିନଥାନ୍ତି। ଏଠାରେ ଏକ ସତ୍ୟ ଘଟଣା ଉପରେ ଆଧାରିତ ଉଦାହରଣଟିଏ ଦେଉଛୁ। ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଞ୍ଚଳ ଗାଡ଼କଣରେ ବାସନ୍ତୀ ଆଚାର୍ଯ୍ୟ ରୁହନ୍ତି। ତାଙ୍କ ସ୍ୱାମୀ ଶଶୀକାନ୍ତ ଆଚାର୍ଯ୍ୟ ଓ ସାବତ ପୁଅ ସତ୍ୟଜିତ ଓ ବୋହୂ ରୀତା ଆଚାର୍ଯ୍ୟ, ବାସନ୍ତୀ ଆଚାର୍ଯ୍ୟ ଘରେ ନଥିବାବେଳେ ତାଙ୍କ ତାଲା ଭାଙ୍ଗି ସମସ୍ତ ଆସବାସପତ୍ର ଅକ୍ତିଆର କଲେ। ଇଏ ହେଉଛନ୍ତି ସେହି ସତ୍ୟଜିତ ଯାହାଙ୍କୁ ମଣିଷ କରି ଗଢ଼ି ତୋଳିବା ପାଇଁ ବାସନ୍ତୀ ଦେବୀ ନିଜ ଜୀବନର ମୂଲ୍ୟବାନ ସମୟ ଉତ୍ସର୍ଗ କରିଛନ୍ତି। ଦୁର୍ଭାଗ୍ୟର କଥା ସତ୍ୟଜିତ ଓ ରୀତା ଆଚାର୍ଯ୍ୟ ତାଙ୍କୁ ମାଡ଼ ମାରିବା ସହ ପିଠିରେ ବିଷାକ୍ତ ଛୁଞ୍ଚ ଫୋଡ଼ିଛନ୍ତି। ତେଣୁ ଏଇଠି ଜଣେ ଅନୁଭବ କରନ୍ତୁ ପ୍ରକୃତରେ ମଣିଷ ସନ୍ତାନସନ୍ତତି କାହିଁକି ଜନ୍ମ କରିଥାନ୍ତି? କ'ଣ ପରିଣତ ବୟସରେ ଆହୁରି ଲୁହ ଓ ଲହୁ ପିଇବା ପାଇଁ?

ଆମ୍ଭେମାନେ ଭୁଲି ଯାଉଛେ ଯେ, ଆମେ ଆମ ପରିବାର ଓ ସମାଜ ପାଇଁ ବୋଝ ଭାବୁଥିବା ଆମ ପିତାମାତାଙ୍କ ପ୍ରତି ଆମେ ଯେଉଁପରି ବ୍ୟବହାର ଦେଖାଉଛେ ଠିକ୍ ସେହିପରି ବ୍ୟବହାର ଯେତେବେଳେ ଆମ୍ଭେମାନେ ପରିଣତ ବୟସରେ ଆମ ପିଲାମାନଙ୍କଠାରୁ ପାଇବା ତାହା ଆମ ମାନଙ୍କ ପାଇଁ କିପରି ସହିବାର ଶକ୍ତି ରଖିବ? କେତେକ କ୍ଷେତ୍ରରେ ଦେଖାଯାଇଥାଏ ଯେ, ସମାଜରେ ବୟସ୍କ ନାଗରିକ ମାନଙ୍କ ପାଇଁ ବିଭିନ୍ନ ସ୍ୱତନ୍ତ୍ର ସୁବିଧା, ସୁଯୋଗ ଓ ସହାୟତାର ବ୍ୟବସ୍ଥା ଥିଲେ ମଧ୍ୟ ଏହା କିଛି କ୍ଷେତ୍ରରେ କାଗଜ କଲମରେ ବନ୍ଧା ଆଇନ ପରି ଲାଗୁଛି ଆଉ କେତେକ କ୍ଷେତ୍ରରେ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉଥିବାରୁ ଏହି ଆଇନର କୌଣସି ମୂଲ୍ୟ ରହୁନାହିଁ। ଆପଣମାନେ ଅଧିକାଂଶ କ୍ଷେତ୍ରରେ ଦେଖିଥିବେ ଯାତ୍ରା କରୁଥିବା କୌଣସି ବସ୍‌ରେ ବୟସ୍କ ନାଗରିକଙ୍କ ପାଇଁ ସଂରକ୍ଷଣ ଥିବା ସିଟ୍‌ରେ ଯୁବକମାନେ ବସିଥିବେ କିନ୍ତୁ ନିଜ ଭାଗ୍ୟକୁ ଆଦରି ବରଂ ନୀରବ ରହି ଛିଡ଼ା ହୋଇ କଷ୍ଟର ସହିତ ଯାତ୍ରା କରୁଥିବେ ସେହି ବସ୍‌ରେ ପରିଣତ ବୟସର ନାଗରିକମାନେ। ଏ କ୍ଷେତ୍ରରେ ବିବେକର ଆହ୍ୱାନ କ'ଣ ଆମ୍ଭେମାନେ ସମସ୍ତଙ୍କୁ କାନରେ କହିବାକୁ ପଡ଼ିବ? ଶିଶୁଟିଏ ଜନ୍ମ ହେଲା ଠାରୁ କଥା କହିବା ପର୍ଯ୍ୟନ୍ତ ତା' ପାଇଁ ପିତାମାତା ଅନେକ କିଛି କରିଥାଆନ୍ତି। ଅନେକ କିଛି ଦୁଃଖ ସହିଥାଆନ୍ତି। ସେମାନଙ୍କର କୌଣସି ଆଶା ନଥାଏ। ପ୍ରତ୍ୟେକ ସନ୍ତାନ ସେମାନଙ୍କର ବୃଦ୍ଧତ୍ୱ ସମୟରେ ତାଙ୍କ ସେବା କରିବା ଶ୍ରେଷ୍ଠ କର୍ତ୍ତବ୍ୟ।

**ଶ୍ୟାମସୁନ୍ଦର ସାମଲ**
*ବିଡ଼ାନାସୀ ବନ୍ଧଛକ, କଟକ, ଦୂରଭାଷ: ୯୭୭୮୬୩୫୯୨୬*

# ନୋବେଲ ପୁରସ୍କାରର ଜନକ ଆଲଫ୍ରେଡ୍ ନୋବେଲ





ଆଲ୍‌ଫ୍ରେଡ୍ ନୋବେଲ ୧୮୩୩ ମସିହାରେ ଷ୍ଟକ୍‌ହୋମଠାରେ ସ୍ୱିଡିଶ ପରିବାରରେ ଜନ୍ମ ନେଇଥିଲେ। ପିତା ଇମାନୁଏଲ୍ ଥିଲେ ଜଣେ ଇଂଜିନିୟର ତଥା ଉଦ୍ଭାବକ। କିନ୍ତୁ ପିଲାଦିନରୁ ବିସ୍ଫୋରକ ପ୍ରତି ଆଗ୍ରହ ଥିଲା ଆଲ୍‌ଫ୍ରେଡଙ୍କର। ସେ ଏହି ଦିଗରେ ଅଧିକ ଅଧ୍ୟୟନ ପାଇଁ ଉତ୍ସାହୀ ଥିଲେ। ତେବେ ଏ ବିଷୟରେ ପ୍ରାଥମିକ ଜ୍ଞାନ ମିଳିଥିବା ତାଙ୍କ ପିତାଙ୍କଠାରୁ। ଇମାନୁଏଲ୍‌ଙ୍କର ନାନା ପ୍ରକାର ବ୍ୟବସାୟରେ କ୍ଷତି ହେବା ପରେ ସେ ୧୮୩୭ ମସିହାରେ ସେଣ୍ଟ ପିଟର୍ସବର୍ଗକୁ ଚାଲିଯାଇଥିଲେ। ସେଠାରେ ସେ ବିଭିନ୍ନ ଯନ୍ତ୍ରପାତି ଏବଂ ବିସ୍ଫୋରକ ଉତ୍ପାଦନ ଆରମ୍ଭ କଲେ। ଆଧୁନିକ ପ୍ଲାଇଉଡ୍ ମଧ୍ୟ ସେ ପ୍ରସ୍ତୁତ କରିଥିଲେ। ପିଲାଦିନରୁ ବିସ୍ଫୋରକ ଏବଂ ରସାୟନ ପ୍ରତି ଆଗ୍ରହୀ ଥିବା ଆଲ୍‌ଫ୍ରେଡ୍ ୧୮ବର୍ଷ ବୟସରେ ରସାୟନ ବିଜ୍ଞାନରେ ଉଚ୍ଚତର ଅଧ୍ୟୟନ ପାଇଁ ପ୍ରଥମେ ପ୍ୟାରିସ୍ ଏବଂ ପରେ ଆମେରିକାକୁ ଯାଇଥିଲେ। ସେ ଏକାଧିକ ୟୁରୋପୀୟ ଦେଶରେ ଶିକ୍ଷାଲାଭ କରିଥିବାରୁ ପରିଷ୍କାର ଓ ଅନର୍ଗଳ ଭାବରେ ପାଞ୍ଚୋଟି ଭାଷା ବିଶେଷକରି ଇଂରାଜୀ, ଫ୍ରେଞ୍ଚ, ସ୍ୱିଡିଶ, ରୁଷିଆନ ଓ ଜର୍ମାନ ଭାଷାରେ କହି ଓ ଲେଖିପାରୁଥିଲେ। ସେ ତାଙ୍କ ବାପାଙ୍କ ପ୍ରୋତ୍ସାହନ କାରଣରୁ ବିସ୍ଫୋରକ ଉପରେ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ। ବହୁ ପରୀକ୍ଷା ନିରୀକ୍ଷାପରେ ସେ ଏକ ସ୍ପର୍ଶକାତର ବିସ୍ଫୋରକ ପ୍ରସ୍ତୁତ କରିଥିଲେ ଯାହାକୁ ୧୮୬୬ରେ ଡିନାମାଇଟ୍ ରୂପେ ନାମିତ କରାଗଲା।

ନୋବେଲଙ୍କ ଉଦ୍ଭାବନ ଖଣି, ପୂର୍ତ୍ତ, କୋଠା ନିର୍ମାଣ, ସୁଡ଼ଙ୍ଗ ଖୋଳା ଇତ୍ୟାଦିରେ ବୈପ୍ଲବିକ ପରିବର୍ତ୍ତନ ଆଣିଥିଲା। ତାଙ୍କର ଉଦ୍ଭାବନ ଡିନାମାଇଟ୍ ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ରରେ ବିଶେଷକରି ରସାୟନ ବିଦ୍ୟାରେ କୃତ୍ରିମବସ୍ତୁ ଯଥା ରବର ଏବଂ ଚମଡ଼ା ପ୍ରସ୍ତୁତିରେ ସହାୟକ ହୋଇଥିଲା। ତାଙ୍କ ପ୍ରଚେଷ୍ଟାରେ ୫ଟି ମହାଦେଶର ୨୦ଟି ଦେଶରେ ୯୦ଟି ଶିଳ୍ପଶାଳା ଓ ବାଣିଜ୍ୟଗାର ବା ବ୍ୟବସାୟିକ ସଂସ୍ଥା ଖୋଲା ଯାଇଥିଲା। ତାଙ୍କ ବ୍ୟବସାୟିକ ଉଦ୍ୟମ ଏବଂ ଉଦ୍ୟୋଗ ଶେଷରେ ଏକ ବିଶ୍ୱସ୍ତରୀୟ ଶିଳ୍ପରୂପେ ପରିଗଣିତ ହୋଇ ଯାହାକି ତାଙ୍କ ଆୟର ଏକ ମୁଖ୍ୟ ଉତ୍ସ ରୂପେ ପରିଣତ ହେଲା। ସେ ପାଲଟିଗଲେ ବିଶ୍ୱପତି। ଏବେ ସେଇ ଅର୍ଥ ତାଙ୍କ ଇଚ୍ଛାନୁଯାୟୀ ମଣିଷଜାତିର ସେବାରେ ବିନିଯୋଗ ହେଉଛି ବିଶେଷକରି ନୋବେଲ ପୁରସ୍କାର ଆକାରରେ ପ୍ରତିବର୍ଷ ଯାହାକି ମାନବ ସେବା ପାଇଁ ତଥା ସୃଜନପାଇଁ ପ୍ରେରଣାର ଉତ୍ସ ଓ ଶ୍ରମର ମର୍ଯ୍ୟାଦା ସ୍ୱରୂପ ଅଟେ। ଏମିତି ଏକ ଉର୍ତ୍ସଗୀକୃତ ଜୀବନ ପାଇଁ ଏକ ଘଟଣା ତାଙ୍କ ଆଖି ଖୋଲିଦେଲା। ବିଶ୍ୱର ସବୁଠାରୁ ସମ୍ମାନଜନକ ପୁରସ୍କାର ନୋବେଲ ପୁରସ୍କାର ସ୍ଥାପନର ଇତିହାସ ମଧ୍ୟ ଖୁବ୍ ସମ୍ବେଦନଶୀଳ। ସମ୍ବାଦପତ୍ରରେ ଶୋକବାର୍ତ୍ତାର କେଇଟି ବାକ୍ୟ ବିଖ୍ୟାତ ରସାୟନ୍‌ବିଦ୍, ଇଞ୍ଜିନିୟର, ଉଦ୍ଭାବକ ତଥା ଉଦ୍ୟୋଗପତି ଆଲଫ୍ରେଡ୍ ନୋବେଲଙ୍କ ହୃଦୟ ଓ ମସ୍ତିଷ୍କ ସବୁକିଛିକୁ ଦୋହଲାଇ ଦେଇଥିଲା। ଘଟଣାଟି ୧୮୮୮ ମସିହାର। ଆଲ୍‌ଫ୍ରେଡ୍‌ଙ୍କ ଭାଇ ଲୁଡଭିଗ୍ କେନ୍‌ସରେ ଥିବା ସମୟରେ ମୃତ୍ୟୁବରଣ କଲେ। ଏକ ଫରାସୀ ଖବରକାଗଜ ଭୁଲବଶତଃ ଲୁଡ୍‌ଭିଗ୍‌ଙ୍କ ବଦଳରେ ଆଲ୍‌ଫ୍ରେଡ୍‌ଙ୍କ ମୃତ୍ୟୁ ଘଟିଛିମାନେ କରି ଖବରକାଗଜରେ ଶୋକ ସମ୍ବାଦଟିଏ ଦେଲେ। ଏହି ଶୋକ ସମ୍ବାଦଟି ପଢ଼ିବା ପରେ ଆଲ୍‌ଫ୍ରେଡ୍ ଚିନ୍ତା କଲେ କ'ଣ ଲୋକମାନେ ମତେ ଏମିତି ଦୃଷ୍ଟିରେ ଦେଖୁଛନ୍ତି? ସେମାନେ ମତେ ଏକ ଦୁଷ୍ଟ ଆତ୍ମା ଭାବରେ ମନେ ରଖିବେ? ଶୋକସମ୍ବାଦର ଶିରୋନାମା ଥିଲା 'ମୃତ୍ୟୁର ସୌଦାଗର ମୃତ'। ଖବରଟିରେ ତାଙ୍କ ଡିନାମାଇଟ୍ ଆବିଷ୍କାରକୁ ତିରସ୍କାର କରାଯାଇଥିଲା। ଲେଖାଯାଇଥିଲା-ଡଃ ଆଲ୍‌ଫ୍ରେଡ୍ ନୋବେଲ ଯେ ଲୋକମାନଙ୍କୁ ହତ୍ୟା କରିବାର ଦ୍ରୁତତମ ଉପାୟ ଖୋଜି ବାହାର କରି ଧନୀ ପାଲଟି ଯାଇଥିଲେ, ଶେଷରେ ମୃତ୍ୟୁବରଣ କରିଛନ୍ତି। ପତ୍ନୀ ଓ ସନ୍ତାନ ନଥିବା ଆଲ୍‌ଫ୍ରେଡ୍ ଖୁବ୍ ଦୁଃଖିତ ହେଲେ ଏଇ ଖବରଟିରେ। ସେ ଏମିତି ଭାବରେ ଲୋକଙ୍କ ସ୍ମୃତିରେ ରହିବେ ଏ ଚିନ୍ତା ତାଙ୍କୁ ଅସ୍ଥିର କରିଦେଲା। ଶେଷରେ ୧୮୯୫ ମସିହା ନଭେମ୍ବର ୨୭ ତାରିଖରେ ପ୍ୟାରିସ୍‌ସ୍ଥିତ ସ୍ୱିଡ଼ିସ୍ ନରୱେ କ୍ଲବଠାରେ ସେ ନିଜର ଶେଷ ଇଚ୍ଛାପତ୍ର ଏବଂ ଶପଥପତ୍ରରେ ସ୍ୱାକ୍ଷର କଲେ। ଏହି ଇଚ୍ଛାପତ୍ରରେ ପ୍ରତିବର୍ଷ ନୋବେଲ ପୁରସ୍କାର ପ୍ରଦାନ ପାଇଁ ଉଲ୍ଲେଖ କରାଗଲା। ଏଥିପାଇଁ ନିଜ ସମ୍ପତ୍ତିର ୯୪ ପ୍ରତିଶତ ଅଂଶ ସେ ଦାନ କରିଥିଲେ। ସେତେବେଳେ ଏହି ସମ୍ପତ୍ତିର ମୂଲ୍ୟ ଥିଲା ୩୧୨୨୫୦୦୦ ସ୍ୱିଡ଼ିସ୍ ମୁଦ୍ରା। ନୋବେଲ ୧୦ ଡିସେମ୍ବର ୧୮୯୬ରେ ତାଙ୍କ ନିଜ ଘର ସାନରେମୋ ଇଟାଲୀରେ ଶେଷ ନିଦ୍ରା ଯାଇଥିଲେ। ପ୍ରତିବର୍ଷ ତାଙ୍କର ଏହି ମୃତ୍ୟୁ ଦିବସରେ ନୋବେଲ ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ମୃତ୍ୟୁ ପୂର୍ବରୁ ତାଙ୍କ ଇଚ୍ଛାନୁସାରେ ଏ ପୁରସ୍କାର ୧୯୦୧ ଠାରୁ ଦିଆଯାଇଆସୁଛି। ଏଥିପୂର୍ବରୁ ୧୯୬୯ ମସିହାରେ ପ୍ରଥମେ ଅର୍ଥନୀତି ଉପରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଆମ ଦେଶରୁ ସର୍ବ ପ୍ରଥମେ ସାହିତ୍ୟରେ ଗୀତାଞ୍ଜଳି ପାଇଁ ରବିନ୍ଦ୍ରନାଥ ଠାକୁର ୧୯୧୩ ମସିହାରେ ନୋବେଲ ପୁରସ୍କାର ପାଇଛନ୍ତି। ୧୯୩୯ ମସିହାରେ ଚନ୍ଦ୍ରଶେଖର ଭେଙ୍କଟରମଣ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପାଇଛନ୍ତି। ଏହାବ୍ୟତୀତ ଡ. ହରଗୋବିନ୍ଦ ଖୁରାନା (ବିଜ୍ଞାନ), ଅମର୍ତ୍ତ୍ୟ ସେନ (ଅର୍ଥନୀତି) ଏବଂ ମଦର ଟେରେସା (ଶାନ୍ତି) ପାଇଁ ନୋବେଲ ପୁରସ୍କାର ପାଇଛନ୍ତି। ଗତବର୍ଷ ଭାରତର କୈଳାସ ସତ୍ୟାର୍ଥୀ, ପାକିସ୍ତାନର କିଶୋରୀ ମଲାଲା ୟୁସୁଫଜାଇଙ୍କ ସହ ମିଳିତ ଭାବରେ ନୋବେଲ ଶାନ୍ତି ପୁରସ୍କାର ଲାଭ କରିଥିଲେ। ନୋବେଲ ପୁରସ୍କାର ଏକ ସମୟରେ ସ୍ୱିଡ଼େନର ଷ୍ଟକହୋମ ଓ ନରୱେର ଓସ୍‌ଲୋଠାରୁ ସଂପୃକ୍ତ ରାଜପରିବାରମାନଙ୍କର ଉପସ୍ଥିତିରେ ପ୍ରଦାନ ହୋଇଥାଏ।

**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨,
E-mail : badal009bhuyan@gmail.com


# DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

**TARIFF:** 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com


Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଫୁଲନଖରାରୁ ଜବର ଦଖଲ ଉଚ୍ଛେଦ



ଫୁଲନଖରା (ପିଏନ୍)-କଟକ ମହାନଗର ନିଗମ ୫୯ନମ୍ବର ୱାର୍ଡ଼ ଅନ୍ତର୍ଗତ ଫୁଲନଖରା ଛକରୁ ଜବର ଦଖଲ ଉଚ୍ଛେଦ ହୋଇଛି। ପ୍ରଶାସନ, ପୁଲିସ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଏହି ଅଭିଯାନ ଆରମ୍ଭ ହୋଇଛି। ୧୬ନମ୍ବର ଜାତୀୟ ରାଜପଥ ଫୁଲନଖରା ଛକଠାରୁ ରାଜପଥ ପାର୍ଶ୍ୱ ବମ୍ଫକୁଦ ପର୍ଯ୍ୟନ୍ତ ଏହି ଉଚ୍ଛେଦ ପ୍ରକ୍ରିୟା ଚାଲିଥିଲା। ଏଥିରେ ସିଏମସି ଡେପୁଟୀ କମିଶନର ଅଜୟକୁମାର ମହାନ୍ତି, ସଦର ଥାନା ଅଧିକାରୀ ରଶ୍ମିରଂଜନ ମହାପାତ୍ର, ଜାତୀୟ ରାଜପଥ ଅଧିକାରୀ ପଞ୍ଚାନନ ପାଲ, ପ୍ରଭାତ ଲେଙ୍କା, ରବିନ୍ଦ୍ର ଜେନା, ଅଶୋକ ବାରିକ ଏବଂ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ଼ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ଜଳଖିଆ ଦୋକାନ, ଢାବା, ଗ୍ୟାରେଜ, ପାନ ଦୋକାନ ଓ ଅନ୍ୟାନ୍ୟ ୨୨ଟି ବେଆଇନ ନିର୍ମାଣକୁ ବୁଲଡୋଜର ଲଗାଇ ଉଚ୍ଛେଦ କରାଯାଇଥିଲାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ବମ୍ଫକୁଦଠାରୁ କଟକ ଶିଖରପୁର ପର୍ଯ୍ୟନ୍ତ ଜବର ଦଖଲ ଉଚ୍ଛେଦ କାର୍ଯ୍ୟ ଚାଲିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୩ ମସିହା ନଭେମ୍ବର ୨୭ ତାରିଖରେ ପ୍ରଶାସନ ତରଫରୁ ଫୁଲନଖରା ବଜାରରୁ ବେଆଇନ ଜବର ଦଖଲ ଉଚ୍ଛେଦ କରାଯାଇଥିଲା।

## ଧର୍ମଶାଳା ମହୋତ୍ସବ ଓ ଲକ୍ଷ୍ମୀନାରାୟଣ ପୂଜା ଉପଲକ୍ଷେ ପ୍ରସ୍ତୁତି ବୈଠକ




ଧର୍ମଶାଳା (ପିଏନ୍): ଧର୍ମଶାଳା ମହୋତ୍ସବ ପୂଜା କମିଟି ଆନୁକୂଲ୍ୟରେ ଚଳିତ ବର୍ଷ ଲକ୍ଷ୍ମୀନାରାୟଣ ପୂଜା ଓ ଧର୍ମଶାଳା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାରକାସ୍ଥିତ ସିଭିକ ସେଂଟର ପରିସରରେ ସଭାପତି ଜଳଧର ମହାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୬ ତାରିଖ ଧନୁସଂକ୍ରାନ୍ତିଠାରୁ ଲକ୍ଷ୍ମୀ ନାରାୟଣ ପୂଜା ଆରମ୍ଭ ହେବା ସହ ୨୫ ତାରିଖରୁ ଧର୍ମଶାଳା ମହୋତ୍ସବ ଉଦଘାଟନ କରାଯିବାକୁ ସ୍ଥିର ହୋଇଛି। ଏହି ଅବସରରେ ଜାରକା ଲକ୍ଷ୍ମୀନାରାୟଣ ପୁଜା ମଣ୍ଡପରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ମହୋତ୍ସବ ଉଦଘାଟନଠାରୁ ଉଦଯାପନ ପର୍ଯ୍ୟନ୍ତ ରାଜ୍ୟ ଓ ରାଜ୍ୟ ବାହାର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଏହି ବୈଠକରେ କମିଟିର ସଦସ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ବଂଟନ କରାଯାଇଥିଲା। ଏଥିରେ କମିଟିର ଉପସଭାପତି ଇନ୍ଦ୍ରମଣି ନାୟକ, ସହ ସମ୍ପାଦକ ଆନନ୍ଦ ନାୟକ, କୋଷାଧ୍ୟକ୍ଷ ସୁଦୀପ୍ତ ସ୍ୱାଇଁ ରାଜ କୁମାର ଶତପଥୀ,କିଶୋର ନାୟକ, ଅଜୟ କୁମାର ନାୟକ, ଜଳଧର ସାହୁ, ବିଚିତ୍ର ସ୍ୱାଇଁ, କ୍ଷିରୋଦ ମୁଦୁଲି, ରାମଚନ୍ଦ୍ର ମଲିକ, ଅନିରୁଦ୍ଧ ରାଉତ, ନିର୍ମଳ ପ୍ରଧାନ, ପୁର୍ଣ୍ଣଚନ୍ଦ୍ର ଶତପଥୀ, ଆକୁଳି ସ୍ୱାଇଁ, ରବିନାରାୟଣ ସାହୁ,ପ୍ରତାପ ପ୍ରଧାନ, ମନୋଜ ଦାସ, ମାନସ ମହାନ୍ତି, କାଶିନାଥ ସାହୁ, ମଦନ ନାୟକ, ସୁଦାମ ବେହେରା, ସବ୍ୟସାଚୀ ବେହେରା,ସବ୍ୟସାଚୀ ସୁନ୍ଦରରାୟ, ଧରଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ଓ ଝରଣା ଦାସଙ୍କ ବିୟୋଗରେ ଶୋକ

ଧର୍ମଶାଳା (ପିଏନ୍): ଓଡିଆ ଭାଷା ସାହିତ୍ୟର ଗବେଷକ ତଥା ଅତିବଡି ଜଗନ୍ନାଥ ଦାସ ପୁରସ୍କାର ପ୍ରାପ୍ତ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ, ଓଡିଆ ଚଳଚିତ୍ର ଜଗତର ବର୍ଷିଆନ ଅଭିନେତ୍ରୀ ଝରଣା ଦାସ ଓ ବିଶିଷ୍ଟ ଔପନ୍ୟାସିକା ଗୀତା ହୋତାଙ୍କ ବିୟୋଗରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ପ୍ରଫେସର ଆଚାର୍ଯ୍ୟ ଓଡିଶା ସାହିତ୍ୟ ଏକାଦେମୀର ସର୍ବୋଚ୍ଚ ପୁରସ୍କାର ଅତିବଡି ଜଗନ୍ନାଥ ଦାସ, କେନ୍ଦ୍ର ସାହିତ୍ୟ ଏକାଦେମୀ ଓ ବହୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଥିଲେ। ତାଙ୍କ ରଚିତ ଗ୍ରନ୍ଥ ଗୁଡିକ ମଧ୍ୟରେ ସାହିତ୍ୟ ଓ ସାହିତ୍ୟିକ, ସ୍ରଷ୍ଟା ଓ ସୃଷ୍ଟି, ଓଡିଆ କାବ୍ୟ କୌଶଳ, ଓଡିଆ ଅସ୍ମିତା ସନ୍ଧାନ ଆଦି ୨୦ଟି ସମ୍ପାଦିତ ପୁସ୍ତକ ପ୍ରକାଶ ପାଇଛି। ସେହିପରି ଚଳଚିତ୍ର ଜଗତର ବର୍ଷିଆନ କଳାକାର ଝରଣା ଦାସଙ୍କ ବିୟୋଗରେ ଓଡିଆ ଚଳଚିତ୍ର ଜଗତରେ ଜଗତ ସ୍ତବ୍ଧ ହୋଇପଡିଛି। ସେହିପରି ବିଶିଷ୍ଟ ଔପନ୍ୟାସିକା ଗୀତା ହୋତାଙ୍କ ଲିଖିତ ମନବୀଣା ପୁସ୍ତକ ସମସ୍ତଙ୍କ ଆଦର ଲାଭ କରିଥିଲା। ତାଙ୍କ ସମ୍ପାଦନାରେ ଅମୃତାୟନ ପରି ଏକ ପତ୍ରିକା ଦୀର୍ଘ ୫୦ ବର୍ଷ ଧରି ଚାଲିଆସିଛି। ଏମାନଙ୍କ ବିୟୋଗରେ ଓଡିଶା ସାହିତ୍ୟ ଜଗତ ଓ ଚଳଚିତ୍ର ଜଗତରେ ଅପୁରଣୀୟ କ୍ଷତି ଘଟିଲା ବୋଲି ଧର୍ମଶାଳା ଅଂଚଳର ବହୁ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ମତପ୍ରକାଶ ପାଇଛି। ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନା, ବରିଷ୍ଠ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା, ପ୍ରଫେସର ବିଜୟ କୁମାର ଶତପଥୀ, ଧର୍ମଶାଳା ସାହିତ୍ୟ ସମାଜର ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଡ. ତୁହିନାଂଶୁ ରଥ, ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି, ଶୁଭ ସକାଳର ଉପସଭାପତି ମିନତୀ ସାହୁ, ପୂର୍ବତନ ସାଂସଦ ରୀତା ତରାଇ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ଶକ୍ତି ଉତ୍ତୋଳନରେ ପ୍ରଭାକରଙ୍କୁ ସ୍ୱର୍ଣ୍ଣ



ଫୁଲନଖରା (ପିଏନ୍)-ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ସଦର ଥାନା ଆମଣ ପଞ୍ଚାୟତ ଅନ୍ତର୍ଗତ ଅଡ଼ାଳିଆ ଗ୍ରାମର ପ୍ରଭାକର ସେଠୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରାୟଗଡ଼ାଠାରେ ଅନୁଷ୍ଠିତ ପ୍ରଥମ କଳିଙ୍ଗ ଓପନ ଭାରୋତ୍ତୋଳନ ଚମ୍ପିଆନସିପରେ ପ୍ରଭାକର ଚମତ୍କାର ପ୍ରଦର୍ଶନ କରି ମାଷ୍ଟର୍ସ ବିଭାଗରେ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟରୁ ଦୁଇଶହ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହା ପୂର୍ବରୁ ପ୍ରଭାକର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ସଫଳତା ପାଇଁ ଆମଣ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ସୁଭାସିନି ସେଠୀ, ଗୁରୁ ରୁଦ୍ରନାରାୟଣ ସାହୁ, ବିଚିତ୍ରାନନ୍ଦ ନାୟକ, ସୌମ୍ୟ, ଆକାଶ, ରାକେଶ, ଅଭୟ, ରୋନିତ ଓ ରକି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ପୂର୍ବ ଶତ୍ରୁତାକୁ ନେଇ ମାରପିଟ୍, ୩ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କମ୍ପାଲୁ ଓ ମଙ୍ଗରାଜପୁର ଗ୍ରାମର ଦୁଇ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଘଟିଥିବା ଗଣ୍ଡଗୋଳ ଘଟଣାରେ ପୁଲିସ ୩ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ କମ୍ପାଲୁ ଗ୍ରାମର କୃପାସିନ୍ଧୁ ସାହୁ ଓ ଲକ୍ଷ୍ମୀଧର ସାହୁଙ୍କ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ୬ ତାରିଖରେ ଗଣ୍ଡଗୋଳ ଘଟି ଉଭୟ ପରିବାରରେ ୮ ଜଣ ଆହତ ହୋଇଥିଲେ। ଏନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଆଧାରକରି ପୁଲିସ ୩୫୨/୨୨ ଓ ୩୫୩/୨୨ରେ ଦୁଇଟି କେଶ ରୁଜୁ କରି ତଦନ୍ତ ଚଳାଇବା ସହ ଏହି ଘଟଣାରେ ପୁଲିସ ମଙ୍ଗରାଜପୁର ଗ୍ରାମର ଲକ୍ଷ୍ମୀଧର ସାହୁ (୬୦), ଜଗବନ୍ଧୁ ସାହୁ (୩୦) ଓ କମ୍ପାଲୁ ଗ୍ରାମର କୃପାସିନ୍ଧୁ ସାହୁ (୪୫)ଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି ବୋଲି ଜେନାପୁର ଥାନା ଏସଆଇ ସୌମ୍ୟରଂଜନ ଭୋଳ ସୂଚନା ଦେଇଛନ୍ତି।




# ପାରାଦୀପରେ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ




ପାରାଦୀପ,(ପି.ଏନ): ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ନିର୍ମାତା, କୂଳବୃଦ୍ଧ, ବାରିଷ୍ଟର ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ ପାରାଦୀପ ବାର୍ ଆସୋସିଏସନ୍ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟରେ ପାଳିତ ହୋଇଯାଇଛି । ସକାଳେ ଦୋଛକି ଠାରେ ଥିବା ମଧୁ ପାର୍କ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା । ପାରାଦୀପ ବାର୍ ଆସୋସିଏସନ୍‌ର ଉପସଭାପତି (ସଙ୍ଗଠନ) ବସନ୍ତ ବିଶ୍ୱାଳ, ଉପସଭାପତି (ପ୍ରଶାସନ) କୈଳାଶ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ତପନ କୁମାର ଦାଶଙ୍କ ସମେତ ଆସୋସିଏସନ୍‌ର ଅନ୍ୟ କର୍ମକର୍ତ୍ତା ଓ କାର୍ଯ୍ୟକାରିଣୀ କମିଟିର ସଦସ୍ୟମାନେ ଯୋଗ ଦେଇ ବାରିଷ୍ଟର ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତୀରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପୂର୍ବାହ୍ନରେ ନୂଆବଜାରସ୍ଥିତ ପୋର୍ଟ କ୍ଲବ୍ ପରିସରରେ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ ଅବସରରେ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଥିଲା । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ଡ.କାହ୍ନୁ ଚରଣ ଧିର ଯୋଗ ଦେଇ ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକଜିକୁଟିଭ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟର ଆବଶ୍ୟକତା ରହିଛି ଏଥି ସହିତ ଜେଏମ୍‌ଏଫସି କୋର୍ଟ ଓ ଅନ୍ୟ କୋର୍ଟ ଖୋଲିବାକୁ ଜିଲ୍ଲା ପ୍ରଶାସନକୁ ନିବେଦନ କରିଥିଲେ । ଆଗାମୀ ଦିନରେ ଆହୁରି ଅଧିକ ଶିକ୍ଷାନୁଷ୍ଠାନ ପାରାଦୀପ ଅଂଚଳରେ ସ୍ଥାପନ ହେବାକୁ ଯାଉଛି ଏହାକୁ ଦୃଷ୍ଟିରେ ରଖି ପାରାଦୀପ ଭଳି ଆନ୍ତର୍ଜାତୀୟ ବନ୍ଦର ତଥା ଓଡିଶାର ଅଗ୍ରଣୀ ପାରାଦୀପ ମ୍ୟୁନିସିପାଲିଟି ଅଂଚଳରେ କୋର୍ଟ ପ୍ରତିଷ୍ଠା ନିହାତି ଆବଶ୍ୟକ ବୋଲି ଡ. ଧିର କହିଥିଲେ । ସମ୍ମାନିତ ଅତିଥି ଭାବେ ପାରାଦୀପର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିମାଇଁ ଚରଣ ସେଠୀ ଯୋଗ ଦେଇ ଶିକ୍ଷ ସମୃଦ୍ଧ ପାରାଦୀପ ଅଂଚଳର ଜନସାଧାରଣ ଓ ଶିକ୍ଷାଂଚଳ ପାଇଁ ପାରାଦୀପରେ କୋର୍ଟ ପ୍ରତିଷ୍ଠା ହେବା ନିହାତି ଆବଶ୍ୟକ ବୋଲି ମତ ଦେଇଥିଲେ । ପାରାଦୀପ ବନ୍ଦର ସମ୍ପଦ ଅଧିକାରୀ ବିଶ୍ୱଜିତ ମିଶ୍ର ଯୋଗ ପାରାଦୀପରେ କୋର୍ଟ ପ୍ରତିଷ୍ଠା ହେଲେ ଯାହା ଆନୁସଙ୍ଗିକ ସହଯୋଗର ଆବଶ୍ୟକ, ତାହା ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ ବୋଲି । ସଭାପତି ହେମନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ସଙ୍ଗଠନ ସମ୍ପାଦକ ରବିନ୍ଦ୍ର କୁମାର ଜେନା । ଅତିଥି ପରିଚୟ ପ୍ରଦାନ କରିଥିଲେ ସାଧାରଣ ସମ୍ପାଦକ ତପନ କୁମାର ଦାଶ । ଏହି ଅବସରରେ କୁଜଙ୍ଗ ବାର୍ ଆସୋସିଏସନ୍‌ର ପୂର୍ବତନ ସଭାପତି ତଥା ନିଶାମୁକ୍ତି ଆନ୍ଦୋଳନର ଅନ୍ୟତମ ପୁରୋଧା ଗତିକୃଷ୍ଣ ଶତପଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଗ୍ରନ୍ଥାଗାର ସମ୍ପାଦକ ପ୍ରଶାନ୍ତ କୁମାର ଦାସ । ପାରାଦୀପ ବାର୍ ଆସୋସିଏସନ୍‌ର ସଦସ୍ୟ ଓ କର୍ମକର୍ତ୍ତାମାନେ ବହୁ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ମଧୁବାବୁଙ୍କ ଜୟନ୍ତୀରେ 'ଶବ୍ଦ ସୁରଭି' ଉନ୍ମୋଚିତ

ଭୁବନେଶ୍ୱର ,(ପି.ଏନ): ଉତ୍କଳ ଗୌରବ ମଧୁସୂଦନ ଜୟନ୍ତୀ ପାଳନ ଅବସରରେ ତ୍ରୈମାସିକ ସାହିତ୍ୟ ପତ୍ରିକା ଶବ୍ଦ ସୁରଭି ଉନ୍ମୋଚିତ ହୋଇଯାଇଛି । ଉତ୍କଳ ସାଂସ୍କୃତିକ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଏକ ଆଲୋଚନାଚକ୍ର କଟକସ୍ଥିତ ପ୍ରମିଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଫେସର ବୈଷ୍ଣବ ଚରଣ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ମଧୁବାବୁଙ୍କ ସ୍ମୃତିଚାରଣ କରିବା ସହ ଆଗାମୀ ପିଢୀକୁ ଏବେଠାରୁ ଦେଶ-ଜାତି ପାଇଁ କାର୍ଯ୍ୟ କରିବାକୁ ପ୍ରସ୍ତୁତ କରିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଡକ୍ଟର ବାୟାମନୁ ଚର୍ଚ୍ଚି , ମଧୁବାବୁଙ୍କ ଓଡିଶା ପ୍ରଦେଶ ଗଠନରେ ତ୍ୟାଗ ଓ ତପସ୍ୟା ସଂପର୍କରେ ଆଲୋକପାତ କରିଥିଲେ । ସଭାପତି ଭାବେ ସଂଗଠନର ବଂଶୀଧର ନାୟକ ଏବଂ ଅନ୍ୟତମ ଅତିଥିରୂପେ ଡାକ୍ତର ନବଘନ ପରିଡା ଯୋଗଦେଇ ନିଜନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ସୌମେନ୍ଦ୍ର ଜେନାଙ୍କ ଦ୍ୱାରା ଓ ମୁଦ୍ରିତ ତ୍ରୈମାସିକ ପତ୍ରିକା ଶବ୍ଦ ସୁରଭିର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ବିଶେଷାଙ୍କ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସଭାଶେଷରେ ଶୁଭେନ୍ଦୁ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସଂଗଠନର ଝାଡଖଣ୍ଡରୁ ଜଗତବନ୍ଧୁ ସାମଲ, ଢେଙ୍କାନାଳରୁ କମଳ ଲୋଚନ ନାୟକ, ବାଲେଶ୍ୱରରୁ ହେମନ୍ତ ରାଉତ, ଅନୁଗୁଳରୁ ବାସୁଦେବ ବେହେରା ପ୍ରମୁଖ ନିଜ ନିଜର ମତ ଉପସ୍ଥାପନ କରିଥିଲେ । ଆଗାମୀ ଦିନରେ ଭିନ୍ନ ଭିନ୍ନ ଜିଲ୍ଲାରେ ସଂଗଠନକୁ ମଜଭୁତ କରିବା ସହ ଋଷୀ, ଋଷ ଏବଂ ରୋଜଗାର ସୃଜନ ଉପରେ ଅଧିକ ଧ୍ୟାନ ଦେଇ ମଧୁବାବୁଙ୍କ ସ୍ୱାବଲମ୍ବୀ ଓଡିଶା ଗଠନର ସ୍ୱପ୍ନକୁ ସାକାର କରିବାଲାଗି ସମସ୍ତେ ସଂକଳ୍ପବଦ୍ଧ ଭାବେ କାର୍ଯ୍ୟ କରିବାକୁ ଏକମତ ହୋଇଥିଲେ ।

# ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ବିଦାୟ ସମ୍ବର୍ଦ୍ଧନା



ପଣ୍ଡାପଡା,(ପି.ଏନ):ଓଡିଶା ଗ୍ରାମ୍ୟ ବ୍ୟାଙ୍କ୍ ପଣ୍ଡାପଡାର ଶାଖା ପରିଚାଳକ ପର୍ଶୁରାମ ଦାସ ଦୀର୍ଘ ତିନିବର୍ଷ ରହି ନିଜର କର୍ତ୍ତବ୍ୟ ସୁଚାରୁରୂପେ ତୁଲାଇଥିଲେ । ବର୍ତ୍ତମାନ ତାଙ୍କର ରିଜିଓନାଲ କର୍ଯ୍ୟାଳୟ କେନ୍ଦୁଝରକୁ ବଦଳି ହୋଇଛି । ଏହି ଉପଲକ୍ଷେ ତାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏଠାରେ ନୂଆ ଶାଖା ପରିଚାଳକ ଭାବେ ଆଶିଷ କୁମାର ଭୋଇ ଯୋଗ ଦେଇଛନ୍ତି । ବିଦାୟ କାଳୀନ ସଭାରେ ଭଗାମୁଣ୍ଡା ଶାଖାର କୋଷାଧ୍ୟକ୍ଷ ଧିରେନ୍ଦ୍ର ବେହେରା, ସହକର୍ମଚାରୀ ଦୁଃଖବନ୍ଧୁ ନାଏକ, ଚିତ୍ତରନ ପତି, ବଜାର କମିଟିର ସଭାପତି ପ୍ରଦୀପ କୁମାର ପଲେଇ, ପଟିଲୋ ପଂଚାୟତର ପୂର୍ବତନ ସଭ୍ୟ ରାଜକିଶୋର ସସାହୁ, ଜିଲ୍ଲା ବିଜେଡି ସହସମ୍ପାଦକ ଦୁର୍ଯ୍ୟୋଧନ ବାରିକ, ବିଶ୍ୱନାଥ ବେହେରା, ବିଜେଡି ଭାଇସଚେୟାରମ୍ୟାନ ରମେଶ ଚନ୍ଦ୍ର ପଲେଇ, ବିଜେଡି ଡିଜିଟାଲ ସେକ୍ରେଟାରୀ ଫକୀର ମୋହନ ସାହୁ, ବ୍ୟବସାୟୀ ଗୋଷ୍ଠୀ କୁଶଧର ରଣା, ଅମୂଲ୍ୟ ପରିଡା, ସୟୟ ରଣା, ରୁିଷ୍ଟି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଫୁଲବାଣୀ ଓକିଲ ସଙ୍ଘ ପକ୍ଷରୁ ଆଇନଜୀବୀ ଦିବସ ପାଳିତ

ଫୁଲବାଣୀ,(ପି.ଏନ): ଓକିଲ ଦିବସ ହେଉଛି ପ୍ରତିବର୍ଷ ଏପ୍ରିଲ ୨୮ ରେ ଭାରତର ଓଡ଼ିଶାରେ ପାଳନ କରାଯାଉଥିବା ଏକ ବୃତ୍ତିଗତ ପାଳନ କ୍ଷ ଓଡ଼ିଶା ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପ୍ରଥମ ଓଡିଆ ଓକିଲ ମଧୁସୂଦନ ଦାସଙ୍କ ଜନ୍ମଦିନକୁ ସ୍ମରଣୀୟ କରିବା ପାଇଁ ଏହା ପ୍ରତିଷ୍ଠା କରାଯାଇଥିଲା ।ମଧୁସୂଦନ ଦାସ କଟକ ଜିଲ୍ଲାରେ ୨୮ଏପ୍ରିଲ ୧୮୪୮ ରେ ଜନ୍ମଗ୍ରହଣ କରିଥିଲେ । କଟକ ଉଚ୍ଚ ବିଦ୍ୟାଳୟରୁ ସ୍ନାତକ ହାସଲ କରିବା ପରେ ତାଙ୍କୁ କଲିକତା ବିଶ୍ୱବିଦ୍ୟାଳୟରେ ଭର୍ତ୍ତି କରାଯାଇଥିଲା । ଛଅ ବର୍ଷ ପରେ, ମଧୁସୂଦନ ଦାସ ପ୍ରଥମ ଓଡିଆ ହୋଇ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । ସେ ୧୮୭୩ ମସିହାରେ ମାଷ୍ଟର ଅଫ୍ ଆର୍ଟ ଡିଗ୍ରୀ ଏବଂ ୧୮୭୮ ମସିହାରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପାଇଁ ଅଧ୍ୟୟନ ଜାରି ରଖିଥିଲେ ଏବଂ ଏହିପରି ପ୍ରଥମ ଓଡିଆ ଓକିଲ ହୋଇ ଥିଲେ ।୧୮୮୧ ମସିହାରେ, ମଧୁସୂଦନ ଦାସ ଓଡ଼ିଶାକୁ ଫେରି ଏକ ଆଇନଗତ ଅଭ୍ୟାସ ଖୋଲିଥିଲେ ।ତାଙ୍କର ପାରଦର୍ଶୀତା ତାଙ୍କୁ ପର୍ଯ୍ୟାପ୍ତ ଅର୍ଥ ଉପାର୍ଜନ କରିବାକୁ ଅନୁମତି ଦେଲା ଯାହା ଦ୍ୱାରା ସେ ପ୍ରୋ ବୋନୋ କାମ କରିବାକୁ ସକ୍ଷମ ହେଲେ, ଗରିବ ଲୋକମାନଙ୍କର ସ୍ୱାର୍ଥ ରକ୍ଷା କରି ଯାହାର ଆଇନଗତ ସହାୟତା ନଥିଲା କ୍ଷ ବାସ୍ତବରେ, ମଧୁସୂଦନ ଦାସଙ୍କ କେତେକ ପ୍ରସିଦ୍ଧ ମାମଲା ସମଗ୍ର ଓଡ଼ିଶାରେ ଚହଳ ପକାଇ ଦେଇଥିଲା । ଅବସରରେ କନ୍ଧମାଳ ଜିଲ୍ଲା ଫୁଲବାଣୀ ଓକିଲ ସଙ୍ଘ ପକ୍ଷରୁ ସଙ୍ଘ ସଭାପତି ତଥା ବରିଷ୍ଠ ଆଇନଜୀବୀ ଭଗବାନ ମହାନ୍ତିଙ୍କ ସଭାପତିତ୍ୱରେ ଏବଂ ସମ୍ପାଦକ କମଳ କୁମାର ବେହେରାଙ୍କ ନେତୃତ୍ୱରେ ଆଇନଜୀବି ଦିବସ ମହାସମାରୋହରେ ପାଳିତ ହୋଇଛି କ୍ଷ ସର୍ବ ପ୍ରଥମେ ସକାଳ ୭ଟା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାର୍ଲ୍ୟାର୍ପଣ କରାଯାଇ ଥିଲା କ୍ଷ ସଭାପତି ମଧୁବାବୁ ଙ୍କ ଆଦର୍ଶ ଆଚରଣ ବୃତ୍ତି ପେଶା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ବୀଣାପାଣି ପ୍ରଧାନ, ସହ ସମ୍ପାଦକ ରଞ୍ଜନ ଦାସଙ୍କ ସମେତ ରମେଶ ଚନ୍ଦ୍ର ମହାନ୍ତି,ସତ୍ୟ ନାରାୟଣ ବେହେରା, ହରିଶ୍ଚନ୍ଦ୍ର ମହାରଣା, ଦେବ ବ୍ରତ ପ୍ରଧାନ,ଅସୀମ ପ୍ରହରାଜ,ମନୋଜ ପଟ୍ଟନାୟକ,ଦୁର୍ଗା ପଟ୍ଟନାୟକ, ପ୍ରଦୀପ୍ତ ନାୟକ,ଦିଲ୍ଲୀପ ବାନାର୍ଜୀ, ନରେଶ ପାଢୀ, ଆଦିତ୍ୟ ପ୍ରସାଦ ତ୍ରିପାଠୀ,ଜୟନ୍ତୀ ପାଣିଗ୍ରାହୀ,ନିହାରିକା ପାତ୍ର,ବିରେନ୍ଦ୍ର ସୁବୁଦ୍ଧିଙ୍କ ସହ ସମସ୍ତ ବାର ସଦସ୍ୟ ଉପସ୍ଥିତ ଥିଲେ କ୍ଷ ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ଠାରେ ମଧୁବାବୁ ଜୟନ୍ତୀ ଅବସରରେ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶୈରା ଜଜ ସତ୍ୟପିର ମିଶ୍ର ଯୋଗ ଦେଇଥିବା ବେଳେ ସଂମ୍ମାନୀତ ଅତିଥି ଭାବେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଏବଂ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର କୌଣସି ଜରୁରୀ କାଳୀନ କାର୍ଯ୍ୟ ଆସିଯିବା ଯୋଗୁଁ ସଭାରେ ଯୋଗ ଦେଇ ପାରିନଥିଲେ ।

# ଓଡ଼ିଆ ଜାତି ପାଇଁ କୁଳବୃଦ୍ଧ ମଧୁବାବୁଙ୍କ ବଡ ସ୍ୱପ୍ନ ଓ ଚିନ୍ତା ବ୍ୟର୍ଥ ଯିବ ନାହିଁ : ଧର୍ମେନ୍ଦ୍ର ପ୍ରଧାନ





ସତ୍ୟଭାମାପୁର, (ପି.ଏନ): ଓଡ଼ିଆ ଜାତି ପାଇଁ କୁଳବୃଦ୍ଧ ମଧୁବାବୁଙ୍କ ବଡ ସ୍ୱପ୍ନ ଓ ବଡ ଚିନ୍ତା ବ୍ୟର୍ଥ ଯିବ ନାହିଁ ଏବଂ ଏହା ଆଜିର ନାଗରିକଙ୍କର ଦାୟିତ୍ୱ ବୋଲି ଶୁକ୍ରବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ତାଙ୍କ ଜନ୍ମସ୍ଥାନ କଟକ ଜିଲ୍ଲା ସତ୍ୟଭାମାପୁର ଗସ୍ତ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ପ୍ରଥମେ ସତ୍ୟଭାମାପୁର ସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ 'ମଧୁବାବୁଙ୍କ ଏନ୍ତୁଡ଼ିଶାଳ' ବୁଲିଥିଲେ କେନ୍ଦ୍ରମନ୍ତ୍ରୀ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ମହାପ୍ରଭୁଙ୍କ ଧାମ ଯେତିକି ପବିତ୍ର, ମଧୁବାବୁଙ୍କ ଜନ୍ମସ୍ଥାନ ମଧ ସମସ୍ତଙ୍କ ପାଇଁ ସେତିକି ପବିତ୍ର କ୍ଷେତ୍ର । ବର୍ତ୍ତମାନର ଦେଶ ବିଦେଶର ରାଜନୀତି, ସମାଜିକ ନୀତି ଓ ଅର୍ଥନୀତିକୁ ଶତାବ୍ଦୀ ପୂର୍ବରୁ ଆମ ସମସ୍ତଙ୍କ ପ୍ରିୟ ଯୁଗପୁରୁଷ ମଧୁବାବୁ କଳ୍ପନା କରିଥିଲେ । ଓଡ଼ିଆ ସ୍ୱାଭିମାନ, ଅସ୍ମିତା, ଭାଷା, ଓଡ଼ିଆ ଯୁବକର ଶିକ୍ଷା, ରୋଜଗାର ଏବଂ ଓଡ଼ିଶାର ବିକାଶ କଥା ଭାବିଥିଲେ । ଓଡ଼ିଆ ଲୋକ ବଡ ଭାବିପାରେ, ବଡ଼ ସ୍ୱପ୍ନ ଦେଖିପାରେ । ଏହା ତାଙ୍କ ବ୍ୟକ୍ତିତ୍ୱରୁ ଅନୁମେୟ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ଓଡ଼ିଆ ଭାଷା, ସାହିତ୍ୟ ଏବଂ ଶିଳ୍ପ ଓ ଦକ୍ଷତାର ବିକାଶ ପାଇଁ ମଧୁବାବୁଙ୍କ ଅବଦାନ ଚିର ସ୍ମରଣୀୟ ହୋଇ ରହିବ । ଆମ ରାଜ୍ୟ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବରେ ୧୩ ବର୍ଷ ପରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ । ୨୦୪୭ ସୁଦ୍ଧା ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ ହେବ । ଦେଶର ଅମୃତ କାଳ ସମୟରେ ମଧୁବାବୁଙ୍କ ୨୦୦ ବର୍ଷ ଜୟନ୍ତୀ ହେବ ଏବଂ ସେଥିପାଇଁ ଆମେ ଏବେଠୁ ଯୋଜନା କରିବା ଦରକାର । ମଧୁବାବୁଙ୍କ ଜୟନ୍ତୀକୁ ସବୁବେଳେ ଓଡ଼ିଆ ଲୋକମାନେ ପାଳନ କରନ୍ତୁ । ତାଙ୍କର ପୁଣ୍ୟ ଜନ୍ମ ଦିବସରେ ଓଡ଼ିଆ ଭାଷା, ଜାତି, ସଂସ୍କୃତି, ଅସ୍ମିତାକୁ ନେଇ ସାଢେ ୪ କୋଟି ଓଡ଼ିଆ ଲୋକମାନଙ୍କ ଆତ୍ମବିଶ୍ୱାସ ଜାଗ୍ରତ ହେଉ, ଏହା ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଏହି ଅବସରରେ ଶ୍ରୀ ପ୍ରଧାନ ମଧୁସୂଦନ ଦାସଙ୍କ ଜନ୍ମପୀଠ ପରିସରରେ ଆୟୋଜିତ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ ।

# ବର୍ଜ୍ୟବସ୍ତୁ ନଷ୍ଟ ନକରିବା ପର୍ଯ୍ୟନ୍ତ ତାହା ବର୍ଜ୍ୟବସ୍ତୁ ନୁହେଁ



ଭୁବନେଶ୍ୱର,(ପି.ଏନ): ପ୍ରଭାବଶାଳୀ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ନାଗରିକମାନଙ୍କୁ ସଚେତନ କରିବା ପାଇଁ ସୁଇଚ୍‌ଅନ ଫାଉଣ୍ଡେସନ୍ ପଶ୍ଚିମବଙ୍ଗ, ଝାଡଖଣ୍ଡଏବଂ ଓଡିଶାରେ ଏକ ଶୂନ୍ୟ ଆବର୍ଜନା ୱାର୍ଡ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଓଡିଶାରେ ରୁଚିକା ସାମାଜିକ ସେବା ସଂଗଠନ, ଣଗଉଇ କଟକ, ପ୍ରସାଦ ଫାଉଣ୍ଡେସନ୍ ଇତ୍ୟାଦି ବିଭିନ୍ନ ଆଞ୍ଚଳିକ ସ୍ତରର ଏନଜିଓ ଦ୍ୱାରା ଏହି ପଦକ୍ଷେପକୁ ସମର୍ଥନ କରାଯାଇଥିଲା । ଏହି ପ୍ରକଳ୍ପକୁ ସବୁଜ ସଙ୍କ ?ତ ଦେଇ ଭୁବନେଶ୍ୱରର ମେୟର ଶ୍ରୀମତୀ ସୁଲୋଚନା ଦାସ କହିଛନ୍ତି, "ଆମ ସହରର ସ୍ଥାୟୀ ବିକାଶ ପାଇଁ ପ୍ରଭାବଶାଳୀ ବର୍ଜ୍ୟବସ୍ତୁ ପୃଥକ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ୱାର୍ଡ ସ୍ତରରେ ଏହି ପ୍ରଭାବଶାଳୀ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମ କରିବାକୁ ପଦକ୍ଷପ ନେଇଥିବାରୁ ମୁଁ ସୁଇଚ୍‌ଅନ ଫାଉଣ୍ଡେସନକୁ ଅଭିନନ୍ଦନ ଜଣାଉଛି । ପରିବେଶ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରିବାକୁ ସେମାନଙ୍କର ନିରନ୍ତର ଉଦ୍ୟମ ଏକ ସ୍ଥାୟୀ ସମ୍ପ୍ରଦାୟ ଗଠନ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । "ଏହି ପ୍ରକଳ୍ପ ପଛରେ ପ୍ରାଥମିକ ଧାରଣା ହେଉଛି ଲୋକଙ୍କୁ ୱାର୍ଡ ଏବଂ ବ୍ୟକ୍ତିଗତ ସ୍ତରରେ ପ୍ରଭାବଶାଳୀ ବର୍ଜ୍ୟବସ୍ତୁ ପରିଚାଳନା ବିଷୟରେ ସଚେତନ କରିବା, ଉତ୍ପାଦିତ ବର୍ଜ୍ୟବସ୍ତୁର ପୁନଃ ନବୀକରଣ ଏବଂ ପୁନଃ ବ୍ୟବହାର ବୃଦ୍ଧି କରିବା । ଏହି ପ୍ରକଳ୍ପଟି ସମ୍ପୃକ୍ତ ହିତାଧିକାରୀମାନଙ୍କ ସହିତ ଅଂଶଗ୍ରହଣକାରୀ ଯୋଜନା, ଆଚରଣଗତ ପରିବର୍ତ୍ତନ ଯୋଗାଯୋଗ, ଶୃଙ୍ଖଳା ବର୍ଜ୍ୟବସ୍ତୁ ଏବଂ ଓଦା ବର୍ଜ୍ୟବସ୍ତୁ ଉପରେ ପ୍ରଶିକ୍ଷଣ ଏବଂ ୱାର୍କସପ୍ ଓ ଗୋଷ୍ଠୀ ଗଠନର ସ୍ଥିରତା ପାଇଁ ଲକ୍ଷ୍ୟ ରଖିଛି । ଓଡିଶାର ତିନୋଟି ଭିନ୍ନ ୱାର୍ଡ ଭୁବନେଶ୍ୱର, କଟକ ଏବଂ ପୁରୀରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଆରମ୍ଭ କରାଯାଇଥିଲା ।ଓଡିଶା ପ୍ରତିଦିନ ୧,୯୩୫ ଟନ୍ ବର୍ଜ୍ୟବସ୍ତୁ ଉତ୍ପାଦନ କରେ । ଭୁବନେଶ୍ୱର ସହର ଦିନକୁ ୩୦୦ ରୁ ୩୫୦ ଟନ୍ କଠିନ ବର୍ଜ୍ୟବସ୍ତୁ ଉତ୍ପାଦନ କରେ । କଠିନ ବର୍ଜ୍ୟବସ୍ତୁର ଅବସ୍ଥାନ, ଜୀବନଧାରଣ ମାନ, ଶକ୍ତି ଉତ୍ସ ଏବଂ ଋତୁ ଅନୁଯାୟୀ ଭିନ୍ନ ହୋଇଥାଏ । ସହରରେ ଉତ୍ପାଦିତ କଠିନ ବର୍ଜ୍ୟର ମୁଖ୍ୟ ଉତ୍ସ ହେଉଛି ଘର, ରାସ୍ତା ଝାଡୁ, ବଜାର, କାର୍ଯ୍ୟାଳୟ, ଶିଳ୍ପ, ଡାକ୍ତରଖାନା, ହୋଟେଲ ଏବଂ ରେଷ୍ଟୁରାଣ୍ଟ ସହିତ ବ୍ୟବସାୟିକ କ୍ଷେତ୍ର ।ଏହି ପଦକ୍ଷେପ ଉପରେ ବକ୍ତବ୍ୟ ରଖି ଭୁବନେଶ୍ୱର ୱାର୍ଡ ନଂ ୫୯ର କର୍ପୋରେଟର ଶ୍ରୀ ବିରଞ୍ଚି ନାରାୟଣ ମହାସୁପକାର, ଚେୟାରମ୍ୟାନ୍ - ଜନସ୍ୱାସ୍ଥ୍ୟ (ପରିମଳ, ବିଦ୍ୟୁତ୍, ଜଳ ଯୋଗାଣ, ଡ୍ରେନେଜ୍ ଏବଂ ପରିବେଶ) କହିଛନ୍ତି, "ଦାୟିତ୍ୱବାନ ନାଗରିକ ଭାବରେ ଆମେ ନିଜ ପାଇଁ ଏବଂ ଭବିଷ୍ୟତ ପିଢୀ ପାଇଁ ଏକ ସ୍ୱଚ୍ଛ ଏବଂ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ମିଳିତ ଭାବରେ କାର୍ଯ୍ୟ କରିବା ଆବଶ୍ୟକ । ପ୍ରଭାବଶାଳୀ ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସ ଉପରେ ସଚେତନତା ସୃଷ୍ଟି କରି ସୁଇଚ୍‌ଅନ ଫାଉଣ୍ଡେସନ୍ ଏକ ପ୍ରଶଂସନୀୟ କାର୍ଯ୍ୟ କରୁଛି । "ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ୱାର୍ଡର ଅଧିକାରୀ, ଏନଜିଓ, ସଫେଇ କର୍ମଚାରି, ସ୍ୱେଚ୍ଛାସେବୀ ଗୋଷ୍ଠୀ ଏବଂ ଗୋଷ୍ଠୀ ସମ୍ପ୍ରଦାୟ ଉପସ୍ଥିତ ଥିଲେ । ୱାର୍ଡଗୁଡିକ ପାଇଁ ଯୋଜନା କରାଯାଇଥିବା ବିଭିନ୍ନ କାର୍ଯ୍ୟକଳାପ ହେଉଛି ବର୍ଜ୍ୟବସ୍ତୁର ଉତ୍ସ ପୃଥକକରଣ, ରାସ୍ତାରେ ନାଟକ ମାଧ୍ୟମରେ ସଚେତନତା, ମାଇକିଂ ଏବଂ ଆଇଇସି ସାମଗ୍ରୀ, ଶୃଙ୍ଖଳା ବର୍ଜ୍ୟବସ୍ତୁ ଉପରେ ତାଲିମ ଓ ମଡେଲ ପ୍ରସ୍ତୁତି, ଘରମାନଙ୍କରେ କମ୍ପୋଷ୍ଟିଂ ପାଇଁ ଓଦା ବର୍ଜ୍ୟବସ୍ତୁ ଉପରେ ତାଲିମ ଏବଂ ରକ୍ଷଣାବେକ୍ଷଣ । ପରିଷ୍କାରତା ଏବଂ ପ୍ରକଳ୍ପ ସମାପ୍ତ ହେବା ପରେ ମଧ ରୋଜଗାର ପାଇଁ ସ୍ୱେଚ୍ଛାସେବୀମାନଙ୍କର ଏକ କମିଟି ଗଠନ କରାଯିବ ।ରୁଚିକା ସାମାଜିକ ସେବା ସଂଗଠନର ସିଇଓ ଡକ୍ଟର ବେଣୁଧର ସେନାପତି କହିଛନ୍ତି, "ସୁଇଚ୍‌ଅନ ଫାଉଣ୍ଡେସନ୍ ସହିତ ମିଳିତ ଭାବରେ ଆମର ଧାରଣା, ଉତ୍ସ ଏବଂ ନେଟୱାର୍କ ମାଧ୍ୟମରେ କାର୍ଯ୍ୟ କରି ବର୍ଜ୍ୟବସ୍ତୁ ପରିଚାଳନା ଦିଗରେ ନେଇଥିବା ପଦକ୍ଷେପର ପ୍ରଭାବ ଦେଖିବାକୁ ଉତ୍ସାହିତ ଅଟୁ ।"ସୁଇଚ୍‌ଅନ ଫାଉଣ୍ଡେସନ୍‌ର ଏମଡି ବିନୟ ଜାଜୁ କହିଛନ୍ତି, "ଆସନ୍ତୁ ବର୍ଜ୍ୟବସ୍ତୁକୁ ମାଟିରେ ନ ପକାଇ ପୁନଃ ବ୍ୟବହାର ଏବଂ ପୁନଃ ନବୀକରଣ କରି ଆମ ମା ପୃଥିବୀର ଭାର କମାଇବାକୁ ପ୍ରତିଶ୍ରୁତି ନେବା । ବର୍ଜ୍ୟବସ୍ତୁ ପରିଚାଳନା ହେଉଛି ଏକ ମହତ୍ କାର୍ଯ୍ୟ ଯାହା କେବଳ ପ୍ରତ୍ୟେକ ବ୍ୟକ୍ତି ନିଜର ମନରେ ଇଚ୍ଛାଶକ୍ତି ରଖିଲେ ଯାହା ଚାହିଁବେ କରି ପାରିବେ । "ୱାର୍ଡରୁ ଚିହ୍ନଟ ହୋଇଥିବା ସ୍ୱେଚ୍ଛାସେବୀମାନେ ଏହି କାରଣ ପାଇଁ ଏକତ୍ରିତ ହୋଇଥିଲେ ଏବଂ ଉନ୍ମୋଚନ ସମୟରେ ସେମାନଙ୍କ ୱାର୍ଡକୁ ସଫା ରଖିବା ପାଇଁ ଶପଥ ନେଇଥିଲେ ଯାହା ଦ୍ୱାରା ଏକ ସୁସ୍ଥ ସମ୍ପ୍ରଦାୟ ସୁନିଶ୍ଚିତ ହୋଇପାରିବ । ପ୍ରକଳ୍ପ ସମାପ୍ତ ହେବା ପରେ ସ୍ୱଚ୍ଛତା, ଆଚରଣ ପରିବର୍ତ୍ତନ, ସର୍ବୋତ୍ତମ ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସ ଗ୍ରହଣ କରି ଶ୍ରେଷ୍ଠ ୱାର୍ଡକୁ ପୁରସ୍କୃତ କରାଯିବ ।



ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Bhubaneswar Saturday April 29, 2023 ଭୁବନେଶ୍ୱର ଶନିବାର, ଅପ୍ରେଲ ୨୯,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

# ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ଲକ୍ଷ ନେଇ କରିଲେଣି ୧୦୦ ଥର ସଫେଇ

ଭୁବନେଶ୍ୱର,(ପି.ଏନ): ମଣିଷ ସୁସ୍ଥ ଜୀବନ ବିତେଇବାକୁ ହେଲେ ଖାଦ୍ୟ ଜଳ ବାୟୁ ସାଙ୍ଗକୁ ସୁସ୍ଥ ପରିବେଶ ଦରକାର ଏବଂ ପରିବେଶ ସୁସ୍ଥ ରହିଲେ ତିଷ୍ଠିବ ଏ ଜୀବଜଗତ ଏକଥା ବୁଝିବା ସତ୍ତ୍ୱେ ବି ମଣିଷ ପରିବେଶ ପ୍ରତି ଉଦାସୀନ ରହୁଛି କିନ୍ତୁ ଆମ ଗହଣରେ ଏମିତି ଜଣେ ବ୍ୟକ୍ତି ଅଛନ୍ତି ଯିଏ ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ନିଜକୁ ହଜେଇ ଦେଇଛନ୍ତି । ସେ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଓରତ ଗ୍ରାମର ବାପି ଗୋଛାୟତ । ବାପି ନିଜ କର୍ମମୟ ଜୀବନକୁ ନେଇ ପାରାଦ୍ୱୀପ ର ଏକ ଶିକ୍ଷା ଅନୁଷ୍ଠାନରେ ଚ଼ତୁର୍ଥ ଶ୍ରେଣୀ କର୍ମଚ଼ାରୀ ଭାବେ କାର୍ଯ୍ୟରତ ଥାଇ ଏକ ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ଲକ୍ଷ ନେଇ ଆଜି କୁ ଦୁଇ ବର୍ଷ ହେବ ବିଭିନ୍ନ ଛୁଟି ଓ ବଳକା ସମୟରେ ଟିକେ ଫୁରସତ ପାଇଲେ ପାରାଦ୍ୱୀପ ସମୁଦ୍ର ବେଳାଭୂମି, ନେହେରୁ ବଙ୍ଗଳା ପର୍ଯ୍ୟଟନ ସ୍ଥଳୀ, ମହାକାଳପଡ଼ା ର ବାହାକୁଦ ମହାନଦୀ ମୁହାଣ ଓ ପାରାଦ୍ୱୀପ ଝାଉଁବଣ କୁ ପ୍ଲାଷ୍ଟିକ ମୁକ୍ତ କରୁଛନ୍ତି । ବାପି କୁହନ୍ତି ଯେ ପ୍ଲାଷ୍ଟିକ ବ୍ୟବହାର ଆମ ନୈଦିନ ଜୀବନରେ ଅପରିହାର୍ଯ୍ୟ ହେଇ ପଡ଼ିଥିଲେ ମଧ ଏହା ବର୍ଷ ବର୍ଷ ଧରି ପ୍ରାକୃତିକ ପ୍ରକ୍ରିୟା ଦ୍ୱାରା ନଷ୍ଟ ନହେଇ କୁଡ଼ କୁଡ଼ ପ୍ଲାଷ୍ଟିକ ଆବର୍ଜନା ଆମ ପରିବେଶ କୁ ପ୍ରଦୂଷଣ



କରିବା ସହିତ ମୃର୍ତ୍ତିକା ପ୍ରଦୂଷଣ କରିବା, ଜଳ କୁ ପ୍ରଦୂଷିତ କରିବା ଓ ଗାଇ ଛେଳି ମେଣ୍ଢା ଅଜାଣତରେ ଖାଦ୍ୟ ଭାବେ ଖାଇ ସେମାନଙ୍କର ଜୀବନ ଯାଉଛି ଏବଂ ଏଥିରେ ବାଦ ପଡ଼ୁ ନାହାଁନ୍ତି ଜଳଚ଼ର ପ୍ରାଣୀ ସେମାନଙ୍କର ମଧ ଜୀବନ ଯିବା ସହିତ ସାମୁଦ୍ରିକ ଜୈବ ବିବିଧତା ମଧ ନଷ୍ଟ ହେଉଛି ଓ ଜଳବାୟୁ ପରିବର୍ତ୍ତନ ମଧ ଦେଖା ଗଲାଣି । ବାପି ଆଜିକୁ ୩ ଟନ୍ ରୁ ଅଧିକ ଏକକ ବ୍ୟବହୃତ ପ୍ଲାଷ୍ଟିକ ସଂଗ୍ରହ କରି ପାରାଦ୍ୱୀପ ପୌରପାଳିକା ଦ୍ୱାରା ପୁନଃଚ଼କ୍ରଣ ପାଇଁ ବର୍ଯ୍ୟବସ୍ତୁ ପରିଚ଼ାଳନା କୁ ହସ୍ତାନ୍ତର କରି ସାରିଛନ୍ତି ଏବଂ ଏହାକୁ ନଈ ନାଳ ସମୁଦ୍ର ଓ ଚ଼ାଷ ଜମିରେ ନପକେଇ ଅଧିକ ରୁ ଅଧିକ ପୁନଃ ବ୍ୟବହାର ଓ ପୁନଃଚ଼କ୍ରଣ ପାଇଁ ଲୋକଙ୍କୁ ସଚେତନ କରୁଛନ୍ତି ବାପି । ଜୀବନର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ପରିବେଶ କୁ ସୁରକ୍ଷା ଦେବା ସହ ଆମ ଦେଶ ଭାରତକୁ ସ୍ୱଚ଼୍ଛ ଓ ସୁସ୍ଥ ରଖିବା ପାଇଁ ମନସ୍ଥ କରିଛନ୍ତି ବାପି ତାଙ୍କର ଏଭଳି ପ୍ରଶଂସନୀୟ କାର୍ଯ୍ୟ କୁ ଟୁଇଟ ମାଧ୍ୟମରେ ଜାତୀୟ ସ୍ତରରୁ ସ୍ୱଚ଼୍ଛ ଭାରତ ଓ କେନ୍ଦ୍ରାପଡ଼ା ସାଂସଦ ଅନୁଭବ ମହାନ୍ତି ଓ ଓଡ଼ିଶାର ମୁଖ୍ୟ ଶାସନ ସଚ଼ିବ ପ୍ରଦୀପ ଜେନା ସାର ପ୍ରଶଂସା କରିଛନ୍ତି ।

## ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ପାଳିତ

ଆନନ୍ଦପୁର, (ପି.ଏନ):ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ଆନନ୍ଦପୁର ଆନୁକୂଲ୍ୟରେ ଆନନ୍ଦପୁର ଠାରେ ଉପସଭାପତି ରମାକାନ୍ତ ନାୟକଙ୍କ ସଭାପତିତ୍ୱରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ଆଲୋଚ୍ଚୋନା, ବକ୍ତବ୍ୟ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅଶୋକ କୁମାର ସାହୁ ସଂଯୋଜନା କରିଥିବା ବେଳେ ସ୍ୱାଭିମାନନୀ ବକ୍ତିତ୍ୱ ମଧୁସୂଦନ ଦାସଙ୍କର ଜାତୀୟତାବାଦୀ ଅସ୍ମିତା ଉପରେ ରାମଚନ୍ଦ୍ର ଜେନା ଓ ପବିତ୍ର ମୋହନ ବେହେରା ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ମହାନ ଆତ୍ମାଙ୍କର ଗୁଣାବଳୀକକୁ ନେଇ ପ୍ରାବନ୍ଧିକ ରମାକାନ୍ତ ନାୟକ, ଶିକ୍ଷାବିତ ଚିତ୍ତରନ ଦାଶ, ସମାଜସେବୀ ରଘୁନାଥ ପଣ୍ଡିତ ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

# ମଧୁବାବୁ ଥିଲେ ଓଡ଼ିଶା ରାଜ୍ୟ ଗଠନର ମୁଖ୍ୟ ପୁରୋଧା : କବି କୃଷ୍ଣଚନ୍ଦ୍ର ତ୍ରିପାଠୀ

ବ୍ରହ୍ମପୁର,(ପି.ଏନ) : ନୂଆ ଓଡ଼ିଶା ରାଜ୍ୟ ଗଠନ ଦିଗରେ ଉତ୍କଳ ଗୌରବ ମଧୁସୂଦନ ଦାସ ମୁଖ୍ୟ ପୁରୋଧା ସାଜିଥିଲେ ବୋଲି ବର୍ଷିୟାନ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ପ୍ରକାଶ କରିଛନ୍ତି । ସ୍ଥାନୀୟ ନବୀନ ଭବନ ପରିସରରେ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ପ୍ରତିଷ୍ଠାନର ସଭାପତି ରବି ରଥଙ୍କ ଅଧ୍ୟକ୍ଷତାରେ ମଧୁବାବୁଙ୍କ ୧୭୬ତମ ଜୟନ୍ତୀ ଉତ୍ସବରେ କବି ଶ୍ରୀ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜର ବକ୍ତବ୍ୟରେ ଉପରୋକ୍ତ ମତ ପ୍ରକାଶ କରିଛନ୍ତି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୈଜ୍ଞାନିକ ଡ଼. ଡ଼ମ୍ବରୁଧର ସାହୁ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁ, ସମାଜସେବୀ ଅବନୀ ଗୟା, ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା, କରମ୍ପା କମାଣ୍ଡୋର ଅଧକ୍ଷ ରାମକୃଷ୍ଣ ପାତ୍ର ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା



କରିଥିଲେ । ପ୍ରତିଷ୍ଠାନର ସମ୍ପାଦକ ସୁଶାନ୍ତ କର ସ୍ୱାଗତ ଭାଷଣ ଦେଇଥିବା ବେଳେ ରଞ୍ଜନ କୁମାର ସହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଲେଖିକା ବନ୍ଦନା ମହାପାତ୍ର, କୃଷ୍ଣଚନ୍ଦ୍ର ପ୍ରଧାନ, ଶାନ୍ତନୁ କୁମାର ଦାସ, ପ୍ରେମାନନ୍ଦ ଦାଶ, ତପନ କୁମାର ଷଡ଼ଙ୍ଗୀ, କାଳି ଦାସ, ବିଜୟ କୁମାର ପାଢ଼ୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଯୁବ କବି ତପନ କୁମାର ଷଡ଼ଙ୍ଗୀ ସହିଦଙ୍କ ଉପରେ ଏକ ହୃଦୟସ୍ପର୍ଶୀ କବିତା ଆବୃତ୍ତି କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ନବୀନର ପ୍ରକାଶିକା ମଞ୍ଜୁ ରଥ, ଇଂ. ମାନସ ରଞ୍ଜନ ତ୍ରିପାଠୀ, ସାମ୍ବାଦିକ ପବିତ୍ର କୁମାର ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ ।

## ଶନିଶ୍ଚର ମହାରାଜଙ୍କ ବିଗ୍ରହ ପ୍ରତିଷ୍ଠା

ଆନନ୍ଦପୁର,(ପି.ଏନ):ଆନନ୍ଦପୁରର ୬ନଂ ୱାର୍ଡ ଥାନା ନିକଟରେ ଗ୍ରହରାଜ ଶନିଦେବଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦିର୍ଘ ତିନିଦିନ ଧରି ଆୟୋଜିତ ହୋଇଥିବା ଏହି ପ୍ରତିଷ୍ଠା ଉତ୍ସବରେ ଅଧିବାସ ଦିନରେ ରତ୍ନଭଣ୍ଡାରର ମୁଦ, ଅଙ୍କୁରରୋପଣ, କାୟାଶୁଦ୍ଧି ଆଦି ପୂଜାକାର୍ଯ୍ୟ ହୋଇଥିଲା । ଅପରାହ୍ନ ୪ ଘଟିକା ସମୟରେ ୧୦୮ ମାନସିକଧାରୀ ପବିତ୍ର ବୈତରଣୀ ନଦୀରୁ ଜଳପୂର୍ଣ୍ଣ କଳସ ବୁଡାଇ ନଗର ପରିକ୍ରମା କରରି ଗ୍ରହରାଜଙ୍କ ମନ୍ଦିର ଶକ୍ତିପୀଠରେ ସ୍ଥାପନ କରାଯାଇଥିଲା । ପଣ୍ଡିତ ରାଜେଶ ମିଶ୍ର, ଜଗନ୍ନାଥ ଆଚାର୍ଯ୍ୟ, ଦେବରାଜ ପଣ୍ଡା ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରିଥିବା ବେଳେ ସନ୍ଧ୍ୟା ସମୟରେ ଭଜନ କୀର୍ତ୍ତନର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶନିଶ୍ଚର ମହାରାଜଙ୍କ ଭକ୍ତବୃନ୍ଦ ସହଯୋଗ କରିଥିଲେ ।

# ଜୀବେ ନିଷ୍ଠୁରତା ନିରୋଧ ସମିତି ତରଫରୁ ଆଲୋଚ଼ନା

ମାଲକାନଗିରି ,(ପି.ଏନ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମାଲକାନଗିରି ଜୀବେ ନିଷ୍ଠୁରତା ନିରୋଧ ସମିତି ତରଫରୁ ଏକ ଜୀବ ନିଷ୍ଠୁରତା ଆଇନ ଉପରେ ଆଲୋଚ଼ନା କରାଯାଇଛି ଓଏଥିରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚ଼ନ୍ଦ୍ର ନାଏକ ,ମୁଖ୍ୟ ବକ୍ତା ରୂପେ ଜିଲ୍ଲା ପରିଷଦ ଉପସଭାପତି ପତିତପାବନ ବୈଦ୍ୟ ,ସମ୍ମାନିତ ଅତିଥି ରୂପେ ଆରକ୍ଷୀ ଅଧିକାରୀ ହିମାଂଶୁ ବାରିକ ଜିଲ୍ଲା ସୂଚ଼ନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଯୋଗଦେଇଥିଲେ ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ଜୀବେ ଦୟା ଉପରେ ଅନେକ ତଥ୍ୟ ପ୍ରଦାନ କରିଥିଲେ ।ମୁଖ୍ୟ ବକ୍ତା ଶ୍ରୀ ବାରିକ ଜୀବେ ନିଷ୍ଠୁରତା ଉପରେ ପୋଲିସ ବିଭାଗର ଦାୟିତ୍ୱ ଏବଂ ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀ ବୃନ୍ଦଙ୍କ ପ୍ରାଣୀ କଲ୍ୟାଣ ଉପରେ ଥିବା ନିୟମ



ବିଷୟରେ ଆଲୋକପାତ କରିଥିଲେ । ଏଥିରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚ଼ିକିତ୍ସା ଅଧିକାରୀ ତଥା ଜିଲ୍ଲା ଜୀବେ ନିଷ୍ଠୁରତା ସମିତିର ସଚ଼ିବ ଡା. ଅଶୋକ କୁମାର ତ୍ରିପାଠୀ ଜୀବେ ଦୟା ଏବଂ ନିଷ୍ଠୁରତା ନିୟମ ସଂପର୍କରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ଜନ କଲ୍ୟାଣ ଗୋ ସେବା ପରିଷଦ ର ରାଷ୍ଟ୍ରୀୟ ଅଧକ୍ଷ ସ୍ୱାମୀ ବ୍ରହ୍ମଚ଼ାରୀ ମାଧବ ଚୈତନ୍ୟ ଯୋଗ ଦେଇ ଅନେକ ଜୀବେ ଦୟାର ଆଧାତ୍ମିକ ଦିଗ ଉପରେ ସଚେତନତା କରିଥିଲେ ।ଏହି କାର୍ଯ୍ୟକ୍ରମରେ ପ୍ରାଣୀ ସମ୍ପଦ ବିଭାଗର ଏଡ଼ିଭିଓ , ଏସ୍‌ଡ଼ିଭିଓ ଏବଂ କୋରୁକୋଣ୍ଡା କାଳିମେଲା ବିଡିଓ ଙ୍କ ସହ ପୋଲିସ ବିଭାଗ , ଶିକ୍ଷା ବିଭାଗ , ଆରଟିଓ ଅଫିସର କର୍ମକର୍ତ୍ତା, ମାଲକାନଗିରି ମୁନିସିପାଲିଟିର କର୍ମକର୍ତ୍ତା ସହ ବାଲିମେଳା ଲକ୍ଷ୍ମୀ ନାରାୟଣ ଗୋଶାଳାର କର୍ମକର୍ତ୍ତା ଏବଂ ଅନେକ ପ୍ରାଣୀ ପ୍ରେମୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଅତିରିକ୍ତ ପ୍ରାଣୀ ଚ଼ିକିତ୍ସା ଅଧିକାରୀ (ପ୍ରାଣୀ କଲ୍ୟାଣ ) ଡା ସଂଗୀତା ରାଣୀ ଭୂପତି ଏବଂ ମାଲକାନଗିରି ସଦର ଅତିରିକ୍ତ ପ୍ରାଣୀ ଚ଼ିକିତ୍ସା ଅଧିକାରୀ ଡା ଶୁଭ୍ରାଂଶୁ ସାହୁ ପରିଚ଼ାଳନା କରିଥିଲେ ।

# ଚଣ୍ଡିଖୋଲକୁ ଜିଲ୍ଲା ମାନ୍ୟତା ଦାବୀ ନେଇ କଂଗ୍ରେସ ପକ୍ଷରୁ ଗଣଧାରଣା

ଦର୍ପଣ,(ପି.ଏନ.):ଚଣ୍ଡିଖୋଲକୁ ଉତରକଟକ ଜିଲ୍ଲା ମାନ୍ୟତା ଦାବୀ ନେଇ ଆଜି ବଡଚଣା ବ୍ଲକ କଂଗ୍ରେସ କମି ଟି ପକ୍ଷରୁ ଚଣ୍ଡିଖୋଲ ଚକସ୍ଥିତ ବୁଦ୍ଧମୂର୍ତ୍ତି ସମ୍ମୁଖରେ ଏକ ଗଣଧାରଣା ସକାଳ ୬ ଘଟିକା ଠାରୁ ଦିନ ୧୨ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଗଣଧାରଣାର ମୁଖ୍ୟ ପୁରୋଧା ପିସିସି ସଂପାଦକ ତଥା ବଡଚଣାର କଂଗ୍ରେସ ନେତା କ୍ୟାପଟନ ରାଜନାରାୟଣ ମାହପାତ୍ର ଯୋଗ ଦେଇଥିଲେ । ଉକ୍ତ ସଭାରେ ବଡଚଣା ବ୍ଲକର ପ୍ରାକ୍ତନ ଅଧକ୍ଷ ନିରଞ୍ଜନ ସାହୁ,ନିରଞ୍ଜନ ଦଳାଇ, କୁଳମଣି ସ୍ୱାଇଁ, ଜିଲ୍ଲା କଂଗ୍ରେସ ସାଧାରଣ ସଂପାଦକ ଅଶୋକ ସାମଲ, ଆଂଚଳିକ ବରିଷ୍ଠ ନାଗରିକ ସଭାପତି ଶକ୍ଷେଦେବ ନାୟକ, ଚଣ୍ଡିଖୋଲ ସ୍ଥାୟୀ ବଣିକ ସଂଇଘର ସଭାପତି କ୍ଷୀରୋଦ ମାହାଲା, ଅସ୍ଥାୟୀ ବ୍ୟବସାୟୀ ସଂଘର ସଭାପତି ମହେଶ୍ୱର ବଳ,ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସଞ୍ଜିବ ସାମଲ, ଏକାଦଶୀ ସେଠି, ଜିଲ୍ଲା ସଂଖ୍ୟାଲଘୁ ସେଲ ସଭାପତି ସେକ ସୈଫଉଲ୍ଲା ଖାଁ, ବ୍ଲକ କଂଗ୍ରେସ ସଭାପତି ବିଭୁତି ନାୟକ, ମାନଗୋବିନ୍ଦ ଦାସ, ଜୟପ୍ରକାଶ ବୀଶ୍ୱାଳ, ଜୀବନ ମହାପାତ୍ର, ଯୋଗେନ୍ଦ୍ର ବିଶ୍ୱାଳ, ପ୍ରଦୀପ୍ତ ପ୍ରଧାନ, ସମିତିସଭ୍ୟ କୁଳମଣି ବାରିକ, ଧନଞ୍ଜୟ ତ୍ରିପାଠୀ, ଅଶୋକ ପ୍ରଧାନ, ସତ୍ୟପ୍ରକାଶ ସାମଲ, ଦେବେନ୍ଦ୍ର ସାମଲ, କାର୍ତ୍ତିକ ନାୟକ, ବିପିନି ପ୍ରତାପ, ସୁଙ୍ଗୁଡା ପଂଚାୟତ କଂଗ୍ରେସ ସଭାପତି ସନ୍ତୋଷ ଜେନା, ସୁଦର୍ଶନ ମାହାପାତ୍ର ପ୍ରମୁଖ ଯୋଗଦେଇ ଚଣ୍ଡିଖୋଲକୁ ଜିଲ୍ଲାର



ମାନ୍ୟତା ଦେବାପାଇଁ ଦାବୀଉପସ୍ଥାପନ କରିଥିଲେ । ଆୟୋଜିତ ଗଣଧାରଣାରେ ବ୍ଲକ କଂଗ୍ରେସ ସଭାପତି ଉମେଶ ଜେନା ଅଧକ୍ଷତା କରିଥିବା ସମୟରେ ସଭ ସଂଚାଳନ କରିଥିଲେ ବ୍ଲକ କଂଗ୍ରେସ ଓପସଭାପତି ପ୍ରଦୀପ୍ତ ମହାନ୍ତି । ୧୯୭୪-୭୫ ମସିହାରେ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ସଭାପତି ଦାସ କମିଶନ ବସାଇ ଜିଲ୍ଲା ପୁର୍ନଗଠନ ସମ୍ପର୍କରେ ଚଳାଇଥିଲା । ରାଜ କମିଶନ କଟକ ଜିଲ୍ଲାକୁ୨ ଭାଗ କରାଇ କେନ୍ଦ୍ରାପଡା ଓ ଯାଜପୁର ସବଡିଭିଜନକୁ ମିଶାଇ ଚଣ୍ଡିଖୋଲଠାରେ ଉତର କଟକ ଜିଲ୍ଲା କରାଇବା ପାଇଁ ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ । ଅଧିକନ୍ତୁ ସେ ରିପୋର୍ଟ ଅନୁସାରେ କୌଣସି କାର୍ଯ୍ୟ ନକରାଯାଇ ୧୯୯୦ମସିହାରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ରାଜ୍ୟର ୧୩ ଜିଲ୍ଲାକୁ ୩୦ ଜିଲ୍ଲା କରାଇ ଚଣ୍ଡିଖୋଲକୁ କୁଠାରାଘାତ ଦେଇଥିଲେ । ଯାଜପୁର ଜିଲ୍ଲା ଘୋହଣା ପରେ ସେ ସମୟର ବଡଚଣାର ବିଧାୟକ ଉତର କଟକ ଜିଲ୍ଲା ସମ୍ପର୍କରେ କିଛି ନକହି ଚଣ୍ଡିଖୋଲକୁ ପଛରେ ପକାଇ ଯାଜପୁର ଜିଲ୍ଲାକୁ ସମର୍ଥନ କରିଥିଲେ । ମୁଖମନ୍ତ୍ର ବିଜୁ ପଟ୍ଟନାୟକ ଓ ରାଜସ୍ୱ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ ଚଣ୍ଡିଖୋଲି ସବଡିଭିଜନର ।ମାନ୍ୟତାଦେବା ପାଇଁ କହିଥିଲେ ମଧ ଆଜି ପର୍ଯ୍ୟନ୍ତ ତାହା ପୂରଣ ହୋଇନାହ । ପୂର୍ବତନ ବିଧାୟକ ସୀତକାନ୍ତ ମହାପାତ୍ର ଚଣ୍ଡିଖୋଲକୁ ଏନ.ଏ. ସି ମାନ୍ୟତା ପାଇଁ ବିଧାନସଭାରେ ଏକ ପ୍ରଶ୍ନ ଆଗତ କରିଥିଲେ ମଧ ତାହା ଆଜିପର୍ଯ୍ୟନ୍ତ ପୂରଣ ହୋପାରିନାହିଁ । ଚଣ୍ଡିଖୋଲକୁ ଜିଲ୍ଲା ମାନ୍ୟତା ଦରବାକୁ ପୂର୍ବତନମନ୍ତ୍ରୀ ସୀତାକାନ୍ତ ମହପାତ୍ର ୧୯୯୦ପରଠାରୁ ଚଣ୍ଡିଖୋଲକୁ ବନ୍ଦ କରାଇ ବଡଚଣା ଥାନା ପର୍ଯ୍ୟନ୍ତ ଏକ ବିଶାଳ ପଟୁଆରନେଇଥିଲେ ହେଁ ସରକାର ସେଥିପ୍ରତି କର୍ଣ୍ଣପାତ କରିନାହନ୍ତି । ଦୀର୍ଘ ୨୨ ବର୍ଷ ଧରି ନବୀନ ପଟ୍ଟନାୟକ ମୁଖ୍ୟ ମନ୍ତ୍ରୀ ହୋଇଥିଲେ ହେଁ ଚଣ୍ଡିଖୋଲ ପ୍ରତି ତାଙ୍କର ଦୃଷ୍ଟିପଡୁ ନାହିଁ । ବଡଚଣା ବିଧାୟକ ଜାଣିଥିଲେ ହେଁଧ ଚଣ୍ଡିଖୋଲରୁ ଦୁର୍ଘଟଣା ଜନିତ ସ୍ୱସ୍ଥ୍ୟାକେନ୍ଦ୍ର(କୋମା ସେଂଟର)କୁ ଚଣ୍ଡିଖୋଲରୁ ଉଠାଇ ନେଇ ରାଜ୍ୟ ସରକାର ପାଣି କୋଇଲରେ କରାଇଛନ୍ତି ଏବଂ ଗ୍ରେନେଜ ଡିଭିଜନ ଚଣ୍ଡିଖୋଲରୁ ଯାଜପୁର ସଦର ମହକୁମାକୁ ମଧ ନେଇଛନ୍ତି ଯଦ୍ୱରା ଚଣ୍ଡିଖୋଲପ୍ରତି ଘୋର ଅପମାନ ସୃଷ୍ଟି ହୋଇଛି । ଚଣ୍ଡିଖୋଲକୁ ଜିଲ୍ଲାର ମାନ୍ୟତା ଯଦି ନମିଳେ ତାହାଲେ ଆସନ୍ତା ତାରିଖରେ ଚଣ୍ଡିଖୋଲକୁ ବନ୍ଦ କରାଯିବ ନ୍ୟାର୍ଯ୍ୟ ଦାବୀ ପାଇଁ ବୋଲି ପିସିସି ସଂପାଦକ କ୍ୟାପଟନ ମହାପାତ୍ର ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଉକ୍ତ ଗଣଧାରଣାରେ ଏକ ହଜାରରୁ ଉର୍ଦ୍ଧ ମହିଳା ଓ ପୁରୁଷ ମାନେ ଯୋଗ ଦେଇଥିଲେ । ଆଇନ ଶୃଙ୍ଖଳାକୁ ରକ୍ଷା କରିବା ପାଇଁ ଯାଜପୁର ଏସ.ଡି.ପ.ଓ ଶ୍ରୀ ପଟ୍ଟାନୟକ ଜେନାପୁର ଆଇ.ଆଇ.ସି. ଓ ବଡଚଣା ଆଇ.ଆଇ.ସି. ତୋଲିସ ବାହିନୀ ଧରି ଶୃଙ୍ଖଳ ରକ୍ଷା କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray